ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨୦/୨୦୨୨ (୮+୮= ୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 20/2022 Page 16 ₹ 7.00 ★★★★★★

୪୮ଶ ଭାଗ ୩୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 354 ମୂଲ୍ୟ₹୭/-




# 'ଖୁସି'ରେ ଅନିୟମିତତା

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ୍ଏସ୍) ରିପୋର୍ଟ ଅନୁସାରେ ମାସିକ ଋତୁସ୍ରାବ ସମୟରେ ଓଡ଼ିଶାର ୫୩% ମହିଳା ଅପରିଚ୍ଛନ୍ନ ଭାବେ ଓ ୬୯% ପୁରୁଣା କପଡ଼ା ବ୍ୟବହାର କରୁଥିବା ତଥ୍ୟ ଆଧାରରେ ୨୦୧୮ ଫେବୃୟାରୀ ୨୬ରୁ ଆରମ୍ଭ ହୋଇଛି 'ଖୁସି' ଯୋଜନା। ଏଥିରେ ୧୭.୨୬ ଲକ୍ଷ ଛାତ୍ରୀ ଉପକୃତ ହେବା ସହ ବର୍ଷକୁ ୭୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଘୋଷଣା ହୋଇଥିଲା। ତଦନୁଯାୟୀ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀମାନଙ୍କୁ ବିନା ମୂଲ୍ୟରେ ସାନିଟାରି ନାପ୍‌କିନ୍ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି । ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ (ଓଏସ୍ଏମ୍‌ସିଏଲ୍) ଏବଂ ଓପେପା ଏହାର ବିତରଣ ଦାୟିତ୍ୱ ନେଇଛି। ହେଲେ ଏହା ଅନେକ ସ୍କୁଲରେ ପହଞ୍ଚିପାରୁ ନାହିଁ। କେଉଁଠି ଯାତାୟାତ ଖର୍ଚ୍ଚ ବାଧକ ସାଜିଛି ତ ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ସହଯୋଗ ଅଭାବରୁ 'ଖୁସି' ଅଧାରେ ଅଟକି ରହିଛି। ଏପରି କି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଯୋଜନା ଆରମ୍ଭରୁ ନାପ୍‌କିନ କିଣାରେ ଆର୍ଥିକ ଅନିୟମିତତା ବାରିଥିଲେ। ଅନୁଗୋଳ ଜିଲାରେ ମଧ୍ୟ ଅନେକ ହଜାର ନାପ୍‌କିନ୍ ନଷ୍ଟ ହୋଇଯାଇଥିବାର ଦୃଶ୍ୟ ୨୦୨୦ ଫେବୃୟାରୀରେ ସାମ୍ନାକୁ ଆସିଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସେବା ଭବନ ପଛ ପାର୍ଶ୍ୱ ଘରର ଖୋଲା ଅଗଣାରେ ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ଗଦାଇ ରଖାଯାଇଥିବାରୁ ସେସବୁ ନଷ୍ଟ ହୋଇଯାଇଥିଲା। ଏବେ ଏଭଳି ଅବ୍ୟବସ୍ଥାର ଚିତ୍ର ଆସିଛି ଭଦ୍ରକ, ଢେଙ୍କାନାଳ, ସମ୍ବଲପୁର ଜିଲାରୁ।

## ଡିସେମ୍ବରରେ ଏକ୍ସପାଏରି ହେବ ଲକ୍ଷାଧିକ ପ୍ୟାଡ୍

**ସନାତନ ରାଉତ/ ଅନିଲ ଦାସ/ ଶର୍ମିଷ୍ଠା ପାଣିଗ୍ରାହୀ**
**ଭଦ୍ରକ ଅଫିସ/ ଭୁବନେଶ୍ୱର (ବ୍ୟୁରୋ), ୧୯।୧୧**




ରାଜ୍ୟ ସରକାରଙ୍କ ତରଫରୁ ଓଏସ୍ଏମ୍‌ସିଏଲ୍‌କୁ ସାନିଟାରି ନାପ୍‌କିନ କ୍ରୟ ଦାୟିତ୍ୱ ଦିଆଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୨୦୧୮ ଜାନୁୟାରୀରେ ଇ-ଟେଣ୍ଡର କରାଯାଇଥିଲା। ଏଥିରେ ୫ଟି ସଂସ୍ଥା ଯଥା-ଦିଲ୍ଲୀସ୍ଥିତ ମେସର୍ସ ସଂଯୋଗ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ, କୋଲକାତାର ମେସର୍ସ ଏଚ୍ଏଲ୍ଏଲ୍ ଲାଇଫ୍ କେୟାର ଲିମିଟେଡ, ଅହମଦାବାଦର ମେସର୍ସ ଶେଖାନୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ, ମେସର୍ସ ବୈଦ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ଏବଂ ନବରଙ୍ଗପୁରର ମେସର୍ସ ଓମ୍ ଶାନ୍ତି ଟ୍ରେଡର୍ସ ଅଂଶଗ୍ରହଣ କରିଥିଲେ। ଟେଣ୍ଡର ମୂଲ୍ୟାୟନ କମିଟି (ଟିଇସି) ବୈଷୟିକ ବିଡ୍‌କୁ ଯାଞ୍ଚ କରି ଆବଶ୍ୟକ କାଗଜପତ୍ର ଅଭାବରୁ ୩ଟି ସଂସ୍ଥାକୁ ବାତିଲ କରିଥିଲେ। ସର୍ବନିମ୍ନ ବିଡର (ଏଲ୍-୧) ଭାବେ କୋଲକାତାର ମେସର୍ସ ଏଚ୍ଏଲ୍ଏଲ୍ ଲାଇଫ୍ କେୟାର ଲିମିଟେଡ, ଅହମଦାବାଦର ମେସର୍ସ ଶେଖାନୀ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ ନାପ୍‌କିନ ପ୍ରତି ୟୁନିଟ ପିଛା ୨.୯୭ ଟଙ୍କା ଦେଇଥିଲେ। କିନ୍ତୁ ଉକ୍ତ ସଂସ୍ଥା ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ ଯୋଜନାରେ ୟୁନିଟ ପିଛା ୧.୭୪ ଟଙ୍କାରେ ଯୋଗାଇଥିବା ଟିଇସି ଜାଣିବାକୁ ପାଇବା ପରେ ଉକ୍ତ ଟେଣ୍ଡରକୁ ବାତିଲ କରି ଦେଇଥିଲେ। ମାତ୍ର ୨୦୧୮ ସେପ୍ଟେମ୍ବରରେ ଓଏସ୍ଏମ୍‌ସିଏଲ୍ ପୁନଃ ଟେଣ୍ଡର କରି ଏଲ୍-୧ ବିଡର ଭାବେ ପୁଣେସ୍ଥିତ ରାଧେ ହାଇଜିନ ପ୍ରଡକ୍ଟସ ଲିମିଟେଡକୁ ନାପ୍‌କିନ ପ୍ରତିଖଣ୍ଡକୁ ୨.୩୦ ଟଙ୍କାରେ ଯୋଗାଣ ପାଇଁ ଅନୁମତି ଦେଇଥିଲେ, ଯାହାକି ଉକ୍ତ ସଂସ୍ଥା ତାମିଲନାଡୁ ମେଡିକାଲ କର୍ପୋରେଶନକୁ ଖଣ୍ଡ ପିଛା ୧.୭୮ ଟଙ୍କାରେ ଯୋଗାଇଛି। ☞ପୃଷ୍ଠା-୪

# ପୃଥିବୀ ଓଜନ ୬ ରୋନାଗ୍ରାମ୍ସ

- **୩୦ ବର୍ଷ ପରେ ଏସ୍ଆଇରେ ନୂଆ ଏକକ ସାମିଲ**
- **ବିଶାଳକାୟ ବସ୍ତୁର ମାପ ସହଜ ହେବ**

**ପ୍ୟାରିସ୍, ୧୯।୧୧**



ବିଶାଳ ଓ ଦୀର୍ଘତମ ବସ୍ତୁକୁ ଓଜନ କରିବା କ୍ଷେତ୍ରରେ ଯେଉଁସବୁ ଜଟିଳ ସମସ୍ୟା ଦେଖାଯାଉଥିଲା ସେ ସବୁ ଏବେ ସହଜ ହେବ। ଦୀର୍ଘ ଆୟତନ ବିଶିଷ୍ଟ ବସ୍ତୁକୁ ମାପ କରିବା ପାଇଁ ଅନ୍ତର୍ଜାତୀୟ ଏକକ ବ୍ୟବସ୍ଥା (ଏସ୍ଆଇ)ରେ ଦୁଇଟି ନୂଆ ୟୁନିଟ୍‌କୁ ସାମିଲ କରାଯାଇଛି। ଏହି ଦୁଇ ଓଜନ ଏକକ ହେଲା, ରୋନାଗ୍ରାମ୍ସ ଏବଂ କ୍ୱେଟାମିଟର୍ସ। ନୂଆ ଏକକ ଜରିଆରେ ପୃଥିବୀ ଭଳି ବିରାଟକାୟ ବସ୍ତୁର ଓଜନ ସମ୍ଭବ ହେବ ବୋଲି ବ୍ରିଟେନ୍ ନ୍ୟାଶନାଲ ଫିଜିକାଲ ଲାବରେଟୋରିର ମୁଖ୍ୟ ରିଚାର୍ଡ ବ୍ରାଉନ୍ କହିଛନ୍ତି। ଯଦି ରୋନାଗ୍ରାମ୍ସରେ ପୃଥିବୀକୁ ଓଜନ କରାଯାଏ ତେବେ ଏହା ୬ ରୋନାଗ୍ରାମ୍ସ ହେବ, ଯାହାକୁ ୬ରେ ୨୭ଟି ଶୂନ୍ୟ ଦେଇ ସଂଖ୍ୟାରେ ଲେଖିହେବ। ସମ୍ଭବତଃ ୩୦ ବର୍ଷ ପରେ ଅନ୍ତର୍ଜାତୀୟ ଏସ୍ଆଇରେ ନୂଆ ଏକକକୁ ଯୋଡ଼ା ଯାଇଛି।

ଓଜନ ମାପାଙ୍କକୁ ନେଇ ବିଶେଷଜ୍ଞମାନଙ୍କର ହସ୍ତଗତ ହୋଇଥିବା ଡେଟା ସହାୟତାରେ ଏହି ଦୁଇ ମେଜରମେଣ୍ଟକୁ ଏସ୍ଆଇରେ ସାମିଲ କରାଯାଇଛି। କିଲୋମିଟରର କ୍ଷୁଦ୍ର ଏକକ ମିଳି ହୋଇଥିବାବେଳେ ରୋନାର କ୍ଷୁଦ୍ର ଏକକ କ୍ୱେଟା। ବଡ଼ ଆୟତନ କ୍ଷେତ୍ରରେ ଏହି ଦୁଇ ଏକକ ବ୍ୟବହାର କରାଯିବ। ବ୍ରିଟେନର ନ୍ୟାଶନାଲ ଫିଜିକାଲ ଲାବରେଟୋରୀ ପକ୍ଷରୁ ଦୁଇ ନୂଆ ଏକକ ଆବିଷ୍କାର କରାଯାଇଛି। ଶୁକ୍ରବାର ପ୍ୟାରିସ୍‌ରେ ଅନୁଷ୍ଠିତ ୨୭ତମ ଜେନେରାଲ କନ୍‌ଫରେନ୍ସ ଅନ୍ ୱେଟ୍ସ ଆଣ୍ଡ ମେଜର୍ସରେ ବୈଜ୍ଞାନିକମାନେ ଏହି ନୂଆ ଏକକ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ମାପ କରିବାର ଏକକକୁ ନେଇ ଗଣମାଧ୍ୟମରେ ବହୁ ଭୁଲ୍ ତଥ୍ୟ ପ୍ରକାଶ ପାଇବା ପରେ ନୂଆ ଏକକ ଆବିଷ୍କାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ପ୍ରିଣ୍ଟ ମିଡିଆର ସ୍ଥିତି**



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ନଭେମ୍ବର, ୨୦୨୨

**ଅଟୋରିକ୍ସାରେ ବିସ୍ଫୋରଣ**

କର୍ଣାଟକର ମାଙ୍ଗାଲୁରୁ ସହରରେ ଏକ ଅଟୋରିକ୍ସାରେ ବିସ୍ଫୋରଣ ଘଟି ଡ୍ରାଇଭର ସମେତ ୨ ଜଣ ଆହତ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜନସାଧାରଣ ଭୟଭୀତ ନ ହୋଇ ଶାନ୍ତ ରହିବାକୁ ମାଙ୍ଗାଲୁରୁ ପୋଲିସ ମୁଖ୍ୟ ଏନ୍. ଶଶୀକୁମାର ପରାମର୍ଶ ଦେଇଛନ୍ତି। ଡ୍ରାଇଭର ଓ ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନେ କିଛି କହିବା ସ୍ଥିତିରେ ନାହାନ୍ତି।



## ସଂକ୍ଷେପରେ

### ଓଏସ୍‌ସିଇରୁ ବାଦ୍ ପଡ଼ିଲେ ଲାଭ୍ରୋଭ



ସର୍ଗେଇ ଲାଭ୍ରୋଭ

**ମସ୍କୋ, ୧୯।୧୧:** ଡିସେମ୍ବରରେ ପୋଲାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଅର୍ଗାନାଇଜେଶନ୍ ଫର୍ ସିକ୍ୟୁରିଟି ଆଣ୍ଡ୍ କୋ-ଅପରେଶନ୍ ଇନ୍ ୟୁରୋପ୍ (ଓଏସ୍‌ସିଇ)ରେ ରୁଷିଆ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭ୍ରୋଭଙ୍କୁ ସାମିଲ କରିବାକୁ ପୋଲାଣ୍ଡ ମନା କରିଛି। ଓଏସ୍‌ସିଇର ଅଧକ୍ଷ ଥିବା ପୋଲାଣ୍ଡର ଏ ପ୍ରକାର ନିଷ୍ପତ୍ତିକୁ ଅଭୂତପୂର୍ବ ଓ ଉତ୍ତେଜକ ବୋଲି ମସ୍କୋ କହିଛି। ପୋଲାଣ୍ଡର ଏ ପ୍ରକାର ନିଷ୍ପତ୍ତିର ପରିଣାମ ଓଏସ୍‌ସିଇ ଭୋଗିବା କଥା ରୁଷିଆ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ୟୁରୋପୀୟ ସଂଘ (ଇୟୁ)ରେ ଥିବା ରାଷ୍ଟ୍ର କେବଳ ଓଏସ୍‌ସିଇରେ ସାମିଲ ହେବାକୁ ଯୋଗ୍ୟ, ଯେଉଁ ଦେଶଗୁଡ଼ିକରେ ଇୟୁ ପକ୍ଷରୁ କଟକଣା ଲାଗିଛି ସେମାନେ ଏଥିରେ ଯୋଗ ଦେବେ ନାହିଁ ବୋଲି ପୋଲାଣ୍ଡ କହିଛି।

### ଅଭିନେତ୍ରୀ ତବସ୍ସୁମ୍ ଗୋଭିଲଙ୍କ ପରଲୋକ



**ନୂଆଦିଲ୍ଲୀ, ୧୯।୧୧:** ହୃଦ୍‌ଘାତରେ ବଲିଉଡ୍ ଅଭିନେତ୍ରୀ ତବସ୍ସୁମ୍ ଗୋଭିଲଙ୍କ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିବାବେଳେ ତାଙ୍କର ମୃତ୍ୟୁ ନେଇ ପୁଅ ହୋଶାଙ୍ଗ ଗୋଭିଲ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୧୯୪୭ରେ ଜଣେ ଶିଶୁ କଳାକାର ଭାବେ ତବସ୍ସୁମ୍ ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ନର୍ଗିସ୍, ମେରା ସୁହାଗ, ବାରି ବେହେନ ଓ ସ୍ୱର୍ଗ ଆଦି ଫିଲ୍ମରେ ତାଙ୍କ ଅଭିନୟ ଦେଖିବାକୁ ମିଳିଛି। ଦୂରଦର୍ଶନରେ ପ୍ରସାରିତ ହେଉଥିବା ସେଲିବ୍ରିଟି ଟକ୍ ଶୋ' 'ଫୁଲ୍ ଖିଲେ ହେଁ ଗୁଲ୍‌ସନ୍ ଗୁଲ୍‌ସନ୍' ସେ ହୋଷ୍ଟ କରିଥିଲେ। ୧୯୭୨ରୁ ୧୯୯୩ ପର୍ଯ୍ୟନ୍ତ ଏହି ଲୋକପ୍ରିୟ ଟକ୍ ଶୋ' ଚାଲିଥିଲା।

### ପାକିସ୍ତାନ ଜିନ୍ଦାବାଦ୍ କହି ୩ ଛାତ୍ର କଲେଜରୁ ନିଲମ୍ବିତ

**ବେଙ୍ଗାଲୁରୁ, ୧୯।୧୧:** ବେଙ୍ଗାଲୁରୁର ନ୍ୟୁ ହୋରିଜନ ଇଞ୍ଜିନିୟରିଂ କଲେଜର ୩ ଜଣ ଛାତ୍ରଙ୍କୁ ପୋଲିସ ଗିରଫ କରିଛି। ସେମାନେ ପାକିସ୍ତାନ ଜିନ୍ଦାବାଦ୍ ସ୍ଲୋଗାନ ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଲେଜ କର୍ତ୍ତୃପକ୍ଷ ଅଭିଯୁକ୍ତ ଛାତ୍ରଙ୍କୁ ନିଲମ୍ବନ କରିଛନ୍ତି। ନଭେମ୍ବର ୨୫-୨୬ରେ ଆନ୍ତଃମହାବିଦ୍ୟାଳୟ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଛାତ୍ରମାନେ ସେମାନଙ୍କ ପ୍ରିୟ ଆଇପିଏଲ୍ ଟିମ୍ ଓ ଦେଶର ଜୟଗାନ କରିଥିଲେ। ଏହି ସମୟରେ ୩ ଅଭିଯୁକ୍ତ ଛାତ୍ର ଅର୍ଯ୍ୟନ, ଦିନାକର ଏବଂ ରିୟା ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ଅନ୍ୟ କେତେଜଣ ଏହାର ଭିଡିଓ ରେକର୍ଡିଂ କରିଥିଲେ।

# ଯୁଦ୍ଧରେ ଅର୍ଥନୀତି ପ୍ରଭାବିତ

## ଏପିଇସି ସମିଟ୍‌ରେ ମୁକ୍ତ ବାଣିଜ୍ୟ ଲାଗି ଆହ୍ୱାନ

ବ୍ୟାଙ୍କକ୍,୧୯।୧୧

ୟୁକ୍ରେନ୍ ଉପରେ ରୁଷିଆ ଚଳାଇଥିବା ଯୁଦ୍ଧର ପରିସମାପ୍ତି ଲାଗି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ନେତାମାନେ ଆହ୍ୱାନ ଦେଇଛନ୍ତି। କ୍ଷେତ୍ରୀୟ ଅର୍ଥନୀତିକୁ ଦୀର୍ଘମିଆଦୀ ଅଭିବୃଦ୍ଧି ଦିଗରେ ଆଗେଇ ନେବା ଲାଗି ଶନିବାର ଏସିଆ-ପାସିଫିକ୍ ଇକୋନୋମିକ୍ କୋଅପରେଶନ ସମିଟ୍ ଶେଷ ଦିନରେ ୨୧ ସଦସ୍ୟ ରାଷ୍ଟ୍ରର ନେତାମାନେ ପ୍ରତିଜ୍ଞା କରିଥିଲେ। ରୁଷିଆ ଏବଂ ଚାଇନା ଏପିଇସି ସଦସ୍ୟ ରାଷ୍ଟ୍ର ହୋଇଥିବାବେଳେ ମସ୍କୋକୁ ସମାଲୋଚନାରୁ ବେଜିଂ ଦୂରେଇ ରହିଥିଲା। ଶେଷରେ ଏପିଇସି ନେତାଙ୍କ ଦ୍ୱାରା ଜାରି ଘୋଷଣାନାମାରେ ଯୁଦ୍ଧକୁ ନେଇ ଭିନ୍ନ ମତାମତ ପ୍ରକାଶ ପାଇଥିବା ସ୍ୱୀକାର କରାଯାଇଛି। ଏହି ଫୋରମ୍ ମୁଖ୍ୟତଃ ବାଣିଜ୍ୟ ଓ ଆର୍ଥିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ କରାଯାଇଛି। ଏହା ବିବାଦ ସମାଧାନ କରିବା ମଞ୍ଚ ନୁହେଁ ବୋଲି ଘୋଷଣାନାମାରେ କୁହାଯାଇଛି। ତେବେ ବିଶ୍ୱ ଅର୍ଥନୀତି ଉପରେ ଯୁଦ୍ଧ ଓ ଅନ୍ୟାନ୍ୟ ସୁରକ୍ଷା ପ୍ରସଙ୍ଗ ଗୁରୁତର ପ୍ରଭାବ ପକାଉଥିବା କଥାକୁ ସ୍ୱୀକାର କରାଯାଇଛି।

ଏସିଆ-ପ୍ରଶାନ୍ତ ମହାସାଗରୀୟ ସହଯୋଗ ମଞ୍ଚର ଅଧିକାଂଶ ସଦସ୍ୟ ରୁଷିଆ ଯୁଦ୍ଧକୁ ନିନ୍ଦା କରିଥିଲେ। ଏହା ମାନବୀୟ ଯନ୍ତ୍ରଣା ବଢ଼ାଇବା ସହ ମୁଦ୍ରାସ୍ଫୀତି ବୃଦ୍ଧି କରିଛି। ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ଦେଖାଦେବା ସହ ଖାଦ୍ୟ ଅସୁରକ୍ଷା ଓ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥିବା ସେମାନେ କହିଛନ୍ତି। ଇଣ୍ଡୋନେସିଆର ବାଲିଠାରେ ଶେଷ ହୋଇଥିବା ଜି୨୦ ସମିଟ୍‌ରେ ମଧ୍ୟ ୟୁକ୍ରେନ୍-ରୁଷିଆ ଯୁଦ୍ଧକୁ ନିନ୍ଦା କରାଯାଇଥିଲା।

ଏପିଇସି ଚୂଡ଼ାନ୍ତ ବୈଠକ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରଖିବାକୁ ଉଭୟ ନେତା ଆହ୍ୱାନ ଦେଇଥିଲେ। ତାଇୱାନ୍ ପ୍ରସଙ୍ଗରେ ଆମେରିକା ମୁଣ୍ଡ ନ ଖେଳାଇବାକୁ ପୂର୍ବରୁ ଜିନ୍‌ପିଙ୍ଗ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ କହିଥିଲେ। ତାଇୱାନକୁ ନେଇ ଦୁଇ ଦେଶର ବାଣିଜ୍ୟ, ପ୍ରଯୁକ୍ତି ପ୍ରଭାବିତ ହୋଇଥିବାବେଳେ ପୁଣିଥରେ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ ହୋଇଛି। ଆୟୋଜନକାରୀ ରାଷ୍ଟ୍ର ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ପ୍ରୟୁଥ୍ ଚାନୋଚା ଶନିବାର ସମିଟ୍ ଉଦ୍‌ଘାଟନ କରି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମୁକ୍ତ ବାଣିଜ୍ୟ ବଢ଼ାଇବା ଲାଗି ଏପିଇସି ଏଜେଣ୍ଡାକୁ ଆଗେଇ ନେବା ନିମନ୍ତେ ନେତାମାନଙ୍କୁ ଅନୁରୋଧ କରିଥିଲେ। ଏହି ଯୋଜନାକୁ କାର୍ଯ୍ୟରେ ପରିଣତ କରିବା ଉପରେ ପ୍ରାଧାନ୍ୟ ଦେବାକୁ ହେବ ବୋଲି ସେ କହିଥିଲେ। ଏପିଇସି ଆନୁଷ୍ଠାନିକ କାର୍ଯ୍ୟସୂଚୀରେ ସୁରକ୍ଷା ପ୍ରସଙ୍ଗ ନ ଥିଲେ ମଧ୍ୟ ଉତ୍ତର କୋରିଆର ଘନଘନ ମିଶାଇଲ ପରୀକ୍ଷା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ଓ ସଦସ୍ୟ ରାଷ୍ଟ୍ରର ନେତାମାନେ ଚିନ୍ତାବ୍ୟକ୍ତ କରିଥିଲେ। ଶୁକ୍ରବାର କମଲା ହାରିସ୍ ଅଷ୍ଟ୍ରେଲିଆ, କାନାଡ଼ା, ଜାପାନ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ କୋରିଆ ନେତାମାନଙ୍କୁ ଅଲଗା ଅଲଗା ଭେଟି ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରୀକ୍ଷା ବିରୋଧରେ ସ୍ୱର ଉଠାଇବାକୁ ପ୍ରବର୍ତ୍ତାଇଥିଲେ। ଅନ୍ୟ ଏପିଇସି ସଦସ୍ୟ ରାଷ୍ଟ୍ର ହେଲେ ବ୍ରୁନେଇ, ଚାଲି, ହଂକଂ, ଇଣ୍ଡୋନେସିଆ, ମାଲେସିଆ, ମେକ୍ସିକୋ, ପାପୁଆ ନ୍ୟୁଗିନି, ପେରୁ, ଫିଲିପାଇନ୍ସ, ସିଙ୍ଗାପୁର, ତାଇୱାନ ଏବଂ ଭିଏତ୍‌ନାମ। ଆସନ୍ତା ବର୍ଷ ଆମେରିକା ପକ୍ଷରୁ ସାନ୍ ଫ୍ରାନ୍ସିସ୍କୋରେ ଏପିଇସି ସମିଟ୍‌ର ଆୟୋଜନ କରାଯିବ।



ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁଥ୍ ଚାନୋଚା ଶନିବାର ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ଚାଲୋମ ହସ୍ତାନ୍ତର କରୁଛନ୍ତି। ଆସନ୍ତାବର୍ଷ ୱାଶିଂଟନ ଏପିଇସି ସମିଟ୍ ଆୟୋଜନ କରିବ।

### ଆୟାତୋଲ୍ଲାଙ୍କ ଘର ଜାଳିଦେଲେ ବିକ୍ଷୋଭକାରୀ



ଆୟାତୋଲ୍ଲା ରୁହୋଲ୍ଲା ଖୋମେନି

ତେହରାନ,୧୯।୧୧

ଇରାନରେ ଇସ୍‌ଲାମିକ ରିପବ୍ଲିକ୍‌ର ପ୍ରତିଷ୍ଠାତା ଆୟାତୋଲ୍ଲା ରୁହୋଲ୍ଲା ଖୋମେନିଙ୍କ ପୈତୃକ ଘରେ ବିକ୍ଷୋଭକାରୀମାନେ ନିଆଁ ଲଗାଇଦେଇଛନ୍ତି। ଖୋମେଇନ୍ ସହରରେ ଥିବା ଉକ୍ତ ବିଲ୍ଡିଂର କିଛି ଅଂଶ ଜଳୁଥିବା ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ଉକ୍ତ ବିଲ୍ଡିଂରେ ଆୟାତୋଲ୍ଲା ଜନ୍ମଗ୍ରହଣ କରିଥିଲେ। ଏହାକୁ ୩୦ ବର୍ଷ ପୂର୍ବରୁ ସଂଗ୍ରହାଳୟ କରାଯାଇଥିଲା। ୧୯୭୯ରେ ଆୟାତୋଲ୍ଲା ଇରାନ ଇସ୍‌ଲାମିକ୍ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଆନ୍ଦୋଳନ ବଳରେ ଦେଶର ପାଶ୍ଚାତ୍ୟ ସମର୍ଥିତ ନେତା ଶାହ ମହମ୍ମଦ ରେଜା ପହ୍ଲବୀଙ୍କୁ କ୍ଷମତାଚ୍ୟୁତ କରାଯାଇଥିଲା। ଆୟାତୋଲ୍ଲା ଇରାନର ପ୍ରଥମ ସୁପ୍ରିମ୍ ଲିଡର ହୋଇଥିଲେ। ୧୯୮୯ରେ ତାଙ୍କର ପରଲୋକ ହୋଇଥିଲା।

## ଜଙ୍ଗଲରୁ ମିଳିଲା ଅସ୍ଥି

### ଶ୍ରଦ୍ଧା ହତ୍ୟା ମାମଲା

ନୂଆଦିଲ୍ଲୀ, ୧୯।୧୧

ଶ୍ରଦ୍ଧା ୱାଲକର ହତ୍ୟା ମାମଲାର ଅଭିଯୁକ୍ତ ଅଫ୍‌ତାବ ପୁନାୱାଲାଙ୍କ ବୟାନକୁ ଆଧାର କରି ମେହରୁଲି ଜଙ୍ଗଲରେ ପୋଲିସର ସର୍ଚ୍ଚ ଅପରେଶନ୍ ଜାରି ରହିଛି। ଜଙ୍ଗଲରୁ ମଣିଷ ଶରୀର ଅବଶେଷ ମିଳିବା ପରେ ଶନିବାର କେତେଖଣ୍ଡ ଅସ୍ଥି ପୋଲିସର ହସ୍ତଗତ ହୋଇଛି। ପ୍ରମାଣ ଲାଗି ଲଗାତର ୩ ଦିନ ଧରି ମେହରୁଲି ଜଙ୍ଗଲରେ ପୋଲିସ ତନତନ ଭାବେ ଖୋଜାଖୋଜି ଚଳାଇଛି। ଜଙ୍ଗଲରୁ ମିଳିଥିବା ଏକ ଏକ ଲମ୍ବା ହାଡ଼, ଯାହା ଶ୍ରଦ୍ଧାଙ୍କ ଜଙ୍ଘର ହାଡ଼ ବା ଫେରମ ବୋନ୍ ହୋଇଥିବା ପୋଲିସ କହିଛି। ଛତରପୁର ଅଞ୍ଚଳକୁ ଲାଗିଥିବା ମେହରୁଲି ଜଙ୍ଗଲରୁ ହାତ ହାଡ଼, ପାଟେଲା (ନି କ୍ୟାପ୍) ପୋଲିସ ଜବତ କରିଛି। ମିଳିଥିବା ହାଡ଼ରେ କଟା ଦାଗ ଦେଖିବାକୁ ମିଳିଛି, ଯାହାକୁ ଏକ ବଡ଼ ଧାରୁଆ ଅସ୍ତ୍ରରେ ଖଣ୍ଡ ଖଣ୍ଡ କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଅସ୍ଥି ସବୁ ଶ୍ରଦ୍ଧାଙ୍କର କି ନୁହେଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଫୋରେନ୍ସିକ୍ ଟେଷ୍ଟ ପରେ ହାଡ଼ର ଚିହ୍ନଟ ସମ୍ଭବ ବୋଲି ପୋଲିସ ଉଚ୍ଚାଧିକାରୀ କହିଛନ୍ତି। ଅକ୍ଟୋବର ୧୮ ବିଳମ୍ବିତ ରାତିରେ ଅଫତାବ ଏକ ବ୍ୟାଗ୍ ନେଇ ଯାଉଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କ କଟା ଶରୀରକୁ ବ୍ୟାଗ୍‌ରେ ଫିଙ୍ଗିବା ପାଇଁ ନେଇଯାଉଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ନିସ୍ତବ୍ଧ ରାତିରେ ଅଫତାବ୍ ରାସ୍ତାରେ ଏକୁଟିଆ ବୁଲୁଥିବାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ହୋଇଛି।



## ଆଜି ନେପାଳ ପାର୍ଲାମେଣ୍ଟ ନିର୍ବାଚନ

କାଠମାଣ୍ଡୁ,୧୯।୧୧(ପି.ଟି.)

ନେପାଳ ପାର୍ଲାମେଣ୍ଟ ଏବଂ ପ୍ରାଦେଶିକ ବିଧାନସଭାଗୁଡ଼ିକ ଲାଗି ରବିବାର ଭୋଟଗ୍ରହଣ ହେବ। ଶାସକ ନେପାଳୀ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ବିଜୟୀ ହେବା ଆଶା କରାଯାଉଥିଲେ ମଧ୍ୟ ରାଜନୈତିକ ସ୍ଥିରତା ଆଣିବାରେ ବିଫଳ ହୋଇପାରେ ବୋଲି କୁହାଯାଉଛି। ୭ ପ୍ରଦେଶର ୧ କୋଟି ୭୯ ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଫେଡେରାଲ ପାର୍ଲାମେଣ୍ଟର ୨୭୫ ସଦସ୍ୟଙ୍କ ମଧ୍ୟରୁ ୧୬୫ ଜଣ ପ୍ରତ୍ୟକ୍ଷ ଭୋଟିଂରେ ନିର୍ବାଚିତ ହେବାକୁ ଥିବାବେଳେ ଅବଶିଷ୍ଟ ୧୧୦ ସଦସ୍ୟ ଆନୁପାତିକ ଇଲେକ୍ଟୋରାଲ ବ୍ୟବସ୍ଥାରେ ନିର୍ବାଚିତ ହୋଇଥାନ୍ତି। ସେହିପରି ପ୍ରାଦେଶିକ ବିଧାନସଭାର ୫୫୦ ସଦସ୍ୟଙ୍କ ମଧ୍ୟରୁ ୩୩୦ ପ୍ରତ୍ୟକ୍ଷ ଓ ୨୨୦ ଜଣ ଆନୁପାତିକ ପଦ୍ଧତିରେ ନିର୍ବାଚିତ ହୁଅନ୍ତି। ମତଦାନ ପରେ ଭୋଟଗଣତି ହେବାକୁ ଥିବାବେଳେ ଚୂଡ଼ାନ୍ତ ଫଳାଫଳ ପାଇଁ କିଛିଦିନ ଲାଗିବ ବୋଲି କୁହାଯାଉଛି।




ବେଙ୍ଗାଲୁରୁରେ 'ପେଟ୍ ଫେଡ୍ ଡଗ୍ ଶୋ'ରେ ଜଣେ ମହିଳା ତାଙ୍କ ପୋଷା କୁକୁର ସହ ଫଟୋ ପୋଜ୍ ଦେଉଛନ୍ତି।

## ପିଏଫ୍‌ଆଇ ବିରୋଧରେ ଇଡି ଚାର୍ଜଶିଟ୍

**ନୂଆଦିଲ୍ଲୀ, ୧୯।୧୧(ପି.ଟି.):** ଆତଙ୍କବାଦ କାର୍ଯ୍ୟକଳାପ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଓ ଏହାର ୩ ଜଣ ସଦସ୍ୟଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଆସନ୍ତା ୨୧ରେ ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ ଉକ୍ତ ମାମଲାର ଶୁଣାଣି କରିବେ। ପିଏଫ୍‌ଆଇ ବ୍ୟତୀତ ପେରଭେଜ ଅହମଦ, ମହମ୍ମଦ ଇଲିଆସ ଏବଂ ଅବଦୁଲ ମୁକିତ୍‌ଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଦର୍ଶାଯାଇଛି। ଅହମଦ ପିଏଫ୍‌ଆଇ ଦିଲ୍ଲୀ ୟୁନିଟ୍ ଅଧକ୍ଷ ହୋଇଥିବାବେଳେ ମହମ୍ମଦ ଇଲିଆସ୍ ସାଧାରଣ ସମ୍ପାଦକ ଏବଂ ଅବଦୁଲ ମୁକିତ୍ ଅଫିସ ସମ୍ପାଦକ। ୧୨୦ କୋଟି ଟଙ୍କା ମନିଲଣ୍ଡରିଂ ଅଭିଯୋଗରେ ସେମାନଙ୍କୁ ଗତ ସେପ୍ଟେମ୍ବର ୨୨ରେ ଗିରଫ କରାଯାଇଥିଲା। ଆତଙ୍କବାଦୀ କାର୍ଯ୍ୟ ସହ ସମ୍ପୃକ୍ତି ପାଇଁ କେନ୍ଦ୍ର ସରକାର ପିଏଫ୍‌ଆଇକୁ ବେଆଇନ ଘୋଷଣା କରିଥିଲେ।

## ଜି୨୦ ସମିଟ୍ ଘୋଷଣାନାମା

# ଜରୁରୀ ଭୂମିକା ନେଇଥିଲା ଭାରତ

### ସ୍ୱୀକାର କଲା ହ୍ୱାଇଟ୍ ହାଉସ

ୱାଶିଂଟନ,୧୯।୧୧

ଜି୨୦ ସମିଟ୍ ଘୋଷଣାନାମା ଆଲୋଚନାରେ ଭାରତ ଜରୁରୀ ଭୂମିକା ନିଭାଇଥିଲା ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କେରିନ୍ ଜିନ୍-ପିଏରେ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗିରହିଥିବାବେଳେ ଆଜିର ଯୁଗ କଦାପି ଯୁଦ୍ଧର ଯୁଗ ନୁହେଁ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଦେଇଥିଲେ। ଗତ ସପ୍ତାହରେ ଇଣ୍ଡୋନେସିଆର ବାଲିଠାରେ ଶେଷ ହୋଇଥିବା ଦୁଇଦିନିଆ ଜି୨୦ ସମିଟ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡ୍ରେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ସମେତ ଅନ୍ୟ ସଦସ୍ୟ ରାଷ୍ଟ୍ରର ନେତାମାନେ ଯୋଗଦେଇଥିଲେ। ୟୁକ୍ରେନ୍ ଯୁଦ୍ଧ ସେଥିର ପ୍ରମୁଖ ପ୍ରସଙ୍ଗ ଭାବେ ସ୍ଥାନ ପାଇଥିଲା।

ଜି୨୦ ନେତୃବୃନ୍ଦଙ୍କ ସମ୍ମିଳନୀ ସଫଳତାର ସହ ଶେଷ ହୋଇଥିବା କେରିନ୍ ଖବରଦାତାମାନଙ୍କୁ କହିଛନ୍ତି। ଖାଦ୍ୟ ଓ ଶକ୍ତି ପ୍ରସଙ୍ଗ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭାରତ ଓ ଆମେରିକା ଏକାଠି କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ଖାଦ୍ୟ ଓ ଶକ୍ତି ସୁରକ୍ଷା ଚ୍ୟାଲେଞ୍ଜକୁ ମୁକାବିଲା କରାଯାଇଛି ଏବଂ ମାନ୍ଦାବସ୍ଥାମୁକ୍ତ ବିଶ୍ୱ ଅର୍ଥନୀତି ଗଠନ ଲାଗି ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି। ଆସନ୍ତା ବର୍ଷ ଭାରତର ଜି୨୦ ଅଧକ୍ଷତାକୁ ସମର୍ଥନ ଯୋଗାଇଦିଆଯିବ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ପ୍ରତିଶ୍ରୁତି ଦେଇଛନ୍ତି।



କେରିନ୍ ଜିନ୍-ପିଏରେ

# ରୁଷିଆରେ ବିସ୍ଫୋରଣ: ୯ ନିହତ

**ମସ୍କୋ, ୧୯।୧୧:** ରୁଷିଆର ଦକ୍ଷିଣ-ପୂର୍ବ ସାଖାଲିନ ଆଇଲାଣ୍ଡରେ ଥିବା ଏକ ୫ ମହଲା ବିଶିଷ୍ଟ କୋଠାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବାବେଳେ ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇନାହିଁ। ରେସ୍କ୍ୟୁ ଦଳ ପକ୍ଷରୁ ପାଖାପାଖି ୮୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନେକ ଲୋକ ନିଖୋଜ ଥିବାବେଳେ ସେମାନେ କୋଠାର ଭଗ୍ନାବଶେଷ ତଳେ ଫସି ରହିଥିବା ସାଖାଲିନ ଗଭର୍ନର ଭାଲେରି ଲିମାରେଙ୍କୋ କହିଛନ୍ତି। ପାର୍ଲାମେଣ୍ଟାରି ସୂଚନାକ୍ରମେ ଗ୍ୟାସ୍ ବ୍ଲାଷ୍ଟ ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ୧୯୮୦ରେ ଏହି କୋଠା ନିର୍ମାଣ କରାଯାଇଥିଲା।



# ଜେଲରେ ଜେଲମନ୍ତ୍ରୀଙ୍କୁ ମାଲିସ୍

### ଥାନାରେ ଏତଲା ଦେଲା ଭାଜପା

ନୂଆଦିଲ୍ଲୀ,୧୯।୧୧

ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ଜେଲ ବିଭାଗ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଗିରଫ ହୋଇ ତିହାର ଜେଲରେ ରହିଥିବାବେଳେ ତାଙ୍କୁ ସେଠାରେ ମସାଜ କରାଯାଉଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ବିରୋଧୀ ଦଳ ଭାଜପା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଆମ୍ ଆଦ୍‌ମୀ ପାର୍ଟିକୁ ସମାଲୋଚନା କରିଛି। ଜୈନଙ୍କୁ ଜେଲରେ ସ୍ୱତନ୍ତ୍ର ଚର୍ଚ୍ଚା କରାଯାଉଥିବା ଅଭିଯୋଗକୁ ଏହା ପ୍ରମାଣିତ କରିଛି। ଅନେକ ଭାଜପା ନେତା ଉକ୍ତ ଭିଡିଓ କ୍ଲିପ୍‌କୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଜୈନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ବଟି ଆଦାୟ ଏଜେଣ୍ଟ ଥିଲେ ବୋଲି ଭାଜପା ଅଭିଯୋଗ କରିବା ସହ ଉଭୟଙ୍କ ବିରୋଧରେ ଏତଲା ଦାଏର କରିଛି। ଆମ୍ ଆଦ୍‌ମୀ ପାର୍ଟି 'ସ୍ପା ଓ ମସାଜ ପାର୍ଟି'ରେ ପରିଣତ ହୋଇଥିବା ଭାଜପା ମୁଖପାତ୍ର ଗୌରବ ଭାଟିଆ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି। ଜେଲରେ ଭିଭିଆଇପି ସଂସ୍କୃତି ଗଣତନ୍ତ୍ର ପାଇଁ ବିପଜ୍ଜନକ ବୋଲି ସେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗୁଜରାଟ ବିଧାନସଭା ନିର୍ବାଚନକୁ ନେଇ ବିଚଳିତ ଭାଜପା ପାଇଁ ଭିଡିଓ ଏକ ଷ୍ଟଣ୍ଟ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି। ଜେଲରେ ଜୈନ ଆହତ ହୋଇଥିବାରୁ ତାଙ୍କର ଚିକିତ୍ସା କରାଯାଉଥିଲା ବୋଲି ଉପମୁଖ୍ୟମନ୍ତ୍ରୀ ସଫେଇ ଦେଇଛନ୍ତି। ମନ୍ତ୍ରୀଙ୍କୁ ଭିଆଇପି ଚର୍ଚ୍ଚା ଅଭିଯୋଗକୁ ନେଇ ତିହାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅଜିତ କୁମାରଙ୍କୁ ୫ ଦିନ ପୂର୍ବରୁ ନିଲମ୍ବନ କରାଯାଇଥିଲା।



ସତ୍ୟେନ୍ଦ୍ର ଜୈନଙ୍କୁ ତିହାର ଜେଲରେ ମାଲିସ କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୨୭,୪୫,୨୦୭ | ୬୬,୨୫,୨୮୫ | ୬୨,୧୯,୫୧,୯୮୬ |
| ଭାରତ | ୪,୪୬,୬୯,୫୨୭ | ୫,୩୦,୫୫୩ | ୪,୪୧,୩୦,୩୮୦ |
| ଓଡ଼ିଶା | ୧୩,୩୬,୩୮୨ | ୯୨୦୪(+୫୩) | ୧୩,୨୭,୦୩୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶ୍ରୀମନ୍ଦିର ଗର୍ଭଗୃହ, ମହାପ୍ରଭୁଙ୍କ ଫଟୋ ଭାଇରାଲ

**ପୁରୀ ଅଫିସ,୧୯।୧୧**

ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ପୁଣିଥରେ ଭାଇରାଲ ହୋଇଛି। କିନ୍ତୁ ଏଥର ଶ୍ରୀମନ୍ଦିର ପରିସରର କୌଣସି ସ୍ଥାନ ନୁହେଁ। ବରଂ ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ଫଟୋ ଭାଇରାଲ ହୋଇଛି। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏ ଘଟଣା ସମ୍ପର୍କରେ ଶ୍ରୀମନ୍ଦିରର ଯୁବ ସେବାୟତମାନଙ୍କ ପକ୍ଷରୁ ସିଂହଦ୍ୱାର ଥାନା, ଜିଲାପାଳ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅଭିଯୋଗ କରିବା ସହ ଫଟୋ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ରାଜ୍ୟର ଜଣେ ବ୍ୟକ୍ତି ଯାହାଙ୍କ ନାମ ଆକାଶ ଚୌଧୁରୀ ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନସିଂହାସନାରୂଢ଼ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିକୁ ଭାଇରାଲ କରିଥିବା ଜଣାପଡିଛି। ଆକାଶ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ମହାପ୍ରଭୁଙ୍କ ବିଗ୍ରହରର ଫଟୋ ଓ ଭିଡିଓ ଅପ୍‌ଲୋଡ କରିବା ସହ ବଙ୍ଗାଳାରେ କିଛି ଲେଖିଛନ୍ତି। ତେବେ ତାଙ୍କ ଫେସବୁକ୍‌ରେ ଏପରି ମହାପ୍ରଭୁଙ୍କ ଫଟୋ ପୋଷ୍ଟ କରିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ତେବେ ବାରମ୍ବାର ଶ୍ରୀମନ୍ଦିର ଭିତର ଏବଂ ରଥ ସମୟରେ ଗୁଣ୍ଡିଚା ମନ୍ଦିର ଭିତର ଫଟୋ ଭାଇରାଲ ହେବା ଓ ପୁଣି ସୋସିଆଲ ମିଡିଆରେ ଜଣେ ଭକ୍ତ ମହାପ୍ରଭୁଙ୍କ ବିଗ୍ରହକୁ ଭାଇରାଲ କରିବା ଘଟଣାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନ ଉଠିଛି। ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ପରିସରରେ ଦର୍ଶନ କରିବା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ମନ୍ଦିର ଆସୁଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଭକ୍ତଙ୍କ ଯାଞ୍ଚ କରି ମନ୍ଦିରକୁ ଯିବାକୁ ଦିଆଯାଉଛି। ତେବେ ଏତେ ଯାଞ୍ଚ ସତ୍ତ୍ୱେ କିଭଳି କିଏ




**■ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**
**■ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠୁଛି ପ୍ରଶ୍ନ**

ମୋବାଇଲ ଫୋନ ନେଇ ମନ୍ଦିରକୁ ଯିବା ସହ ମହାପ୍ରଭୁଙ୍କ ଫଟୋ ଓ ଭିଡିଓ ଉଠାଇଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯିବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମାତ୍ର ଏତେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କିପରି ମୋବାଇଲ ଫୋନ ମନ୍ଦିର ମଧ୍ୟକୁ ଗଲା ତାହା ତଦନ୍ତ ସାପେକ୍ଷ। ସେହିପରି ଶ୍ରୀମନ୍ଦିର ଭିତରେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଓ ସେବକମାନେ ମଧ୍ୟ ଉପସ୍ଥିତ ରହିଥାନ୍ତି। ତେବେ ସମସ୍ତଙ୍କ ନଜର ଆଢୁଆଳରେ କିପରି ଜଣେ ବ୍ୟକ୍ତି କିଛି ସମୟ ଠିଆ ହୋଇ ମୋବାଇଲ ଯୋଗେ ମହାପ୍ରଭୁଙ୍କ ଭିଡିଓ ଓ ଫଟୋ ଉଠାଇଲେ। ଅପରପକ୍ଷେ ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ମଧ୍ୟ ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀରବତାକୁ ନେଇ ନାନା ସନ୍ଦେହ ଉଠୁଛି। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ପୋଲିସ ଯଦି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଅନ୍ତା, ତେବେ ପୁଣି ଏପରି କାର୍ଯ୍ୟ ହୁଅନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେବେ ଏ ଘଟଣାକୁ ସେବକ ସଂଘ ଓ ଶ୍ରୀମନ୍ଦିର ଯୁବ ସେବାୟତଙ୍କ ପକ୍ଷରୁ ଶନିବାର ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏପରି ଘଟଣାର ତଦନ୍ତ କରିବାକୁ ଦାବି କରି ଜିଲାପାଳ ଏବଂ ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଭବାନୀ ଶଙ୍କର ଦାଶ ଓ ସମ୍ପାଦକ ଶିବ ଶଙ୍କର ସୁବୁଦ୍ଧିଙ୍କ ସହ ଯୁବ ସେବାୟତମାନେ ଉପସ୍ଥିତ ଥିଲେ।

# ୨ ହଜାର ନୂଆ ଡାକ୍ତର ପଦବୀକୁ ମଞ୍ଜୁରୀ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ରାଜ୍ୟ ସରକାର ଆଉ ୨ ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିସହ ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ପଦବୀ ସଂଖ୍ୟା ୧୦୭୧୯କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ରାଜ୍ୟରେ ଓଡ଼ିଶା ମେଡିକାଲ ଓ ସ୍ୱାସ୍ଥ୍ୟ ସେବା କ୍ୟାଡ଼ରରେ ଆଉ ୨ହଜାର ଏଲଟିଆରଏମଓ (ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର) ଡାକ୍ତରୀ ପଦବୀ ଗ୍ରୁପ୍ – କ (ଜୁନିୟର ବ୍ରାଞ୍ଚ) ପାହ୍ୟାରେ ସୃଷ୍ଟି କରାଯାଇଥିବା ନେଇ ଶନିବାର ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଏହି ୨୦୦୦ ନୂଆ ଡାକ୍ତରୀ ପଦବୀ ମଧ୍ୟରୁ ସମସ୍ତ ୩୦ଟି ଜିଲ୍ଲା ମୁଖ୍ୟ ହସ୍ପିଟାଲ ନିମନ୍ତେ ୫୦ଟି ଲେଖାଏ ଡାକ୍ତରୀ ପଦବୀ ଅର୍ଥାତ ମୋଟ ୧୫୦୦ ପଦବୀ ଉଦ୍ଦିଷ୍ଟ ରହିବ । ରାଉରକେଲା ସରକାରୀ ହସ୍ପିଟାଲ(ଆରଜିଏଚ) ପାଇଁ ୨୦ଟି ଡାକ୍ତରୀ ପଦବୀ ଏବଂ ୩୨ଟି ଉପଖଣ୍ଡ ହସ୍ପିଟାଲରେ ୧୫ଟି ଲେଖାଏ ଡାକ୍ତରୀ ପଦବୀ ଅର୍ଥାତ ମୋଟ ୪୮୦ଟି ଡାକ୍ତରୀ ପଦବୀ ସୃଷ୍ଟିକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି । ୨୦୧୯ ଅଗଷ୍ଟ ମାସରେ ରାଜ୍ୟ ସରକାର ଅନୁରୂପ ଭାବେ ୨ହଜାର ଏଲଟିଆରଏମଓ ପଦବୀ ସୃଷ୍ଟି କରିଥିଲେ ।

KT GLOBAL SCHOOL
TRANSFORMING MINDS
CBSE PATTERN
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77

# ରାଜ୍ୟରୁ ହଟିଲା କୋଭିଡ୍ କଟକଣା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): କୋଭିଡ୍ ସଂକ୍ରମଣ ହ୍ରାସ ପରେ ରାଜ୍ୟ ସରକାର ଶନିବାର ତତ୍କାଳ ପ୍ରଭାବରୁ 'ଓଡ଼ିଶା କୋଭିଡ୍-୧୯ ନିୟମାବଳୀ ୨୦୨୦'କୁ ଉଚ୍ଛେଦ କରିଛନ୍ତି । ରାଜ୍ୟରେ ଆଉ କୋଭିଡ୍ କଟକଣା କିମ୍ବା ନିୟମାବଳୀ ମାନିବାକୁ କେହି ବାଧ୍ୟ ନୁହନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ତେବେ ସାଧାରଣ ଲୋକେ ଚାହିଁଲେ ସ୍ୱେଚ୍ଛାକୃତ ଭାବେ ନିୟମ ପାଳନ କରିପାରିବେ। କୋଭିଡ୍-୧୯ ନିୟମାବଳୀ ରାଜ୍ୟରେ ବଳବତ୍ତର ଥିବାବେଳେ ମାସ୍କ ପିନ୍ଧିବା, ସର୍ବସାଧାରଣରେ ଛେପ ପକାଇବା, ଭିଡ଼ ଜମାଇବା ଉପରେ କଟକଣା ରହିଥିଲା । ଏହି ନିୟମ ଭଙ୍ଗ କଲେ ଜରିମାନା ରୁଜୁ ହେଉଥିଲା । ତେବେ ରାଜ୍ୟ ସରକାର ଏହି କୋଭିଡ୍ –୧୯ ରେଗୁଲେଶନକୁ ଉଚ୍ଛେଦ କରିଛନ୍ତି ।

DSPL-291
ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧି ଫୁସ୍‌ଫୁସ୍ ରୋଗ (ସି.ଓ.ପି.ଡି)
ଲକ୍ଷଣ :
- ବହୁଦିନ ଧରି କାଶ ହେବା ଓ ଅଳ୍ପେ ବହୁତେ କଫ ପଡିବା
- ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବା ଓ ଅଣ ନିଃଶ୍ୱାସି ଲାଗିବା
- ଅଳ୍ପ ପରିଶ୍ରମ କଲେ ଧଇଁସଇଁ ଲାଗିବା
- କେତେକ କ୍ଷେତ୍ରରେ ଠିକ୍ ଭାବେ ଭୋକ ନହେବା, ହାଲିଆ ଲାଗିବା, ଓଜନ କମିବା
- ସାମାନ୍ୟ ଥଣ୍ଡା ପରିବେଶକୁ ମଧ୍ୟ ସହ୍ୟ କରିନପାରିବା
- ଛାତି ଅବରୁଦ୍ଧ ହେବା ପରି ଅନୁଭବ ହେବା



ନିରାକରଣ :
- ଧୂମପାନ ବର୍ଜନ
- ଡାକ୍ତରୀ ପରାମର୍ଶ କ୍ରମେ ଔଷଧ ସେବନ
- ଫୁସ୍‌ଫୁସ୍ ଓ ଶ୍ୱାସକ୍ରିୟା ସମ୍ବନ୍ଧୀୟ ବ୍ୟାୟାମ (ପ୍ରାଣାୟମ, କପାଳଭାତି)
- ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ ବାସ
- ଖାଦ୍ୟ, ପାନୀୟ ଓ ବିଶ୍ରାମରେ ସଞ୍ଜମତା

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0113/2223



**ଆଜିର ମନ୍ତବ୍ୟ**

"କୃଷି ଆଇନ ବିରୋଧୀ ଆନ୍ଦୋଳନରେ ଜୀବନ ଦେଇଥିବା ୭୩୩ ଚାଷୀଙ୍କ ପରିବାରକୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ପ୍ରଧାନମନ୍ତ୍ରୀ ଚାଷୀ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଆଇନ ପ୍ରତ୍ୟାହାର କରିଥିଲେ ମଧ ତାଙ୍କ ଉଦ୍ଦେଶ୍ୟ ବଦଳିନାହିଁ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦୃଢ଼େ ତରନ୍ତି ମୂଢ଼େ ତରନ୍ତି
ମଝି ମଝିଆ ବୁଡ଼ି ମରନ୍ତି ।

ଦୃଢ଼ମନା ଏବଂ ମୂର୍ଖ ବ୍ୟକ୍ତି ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିପାରିଥାନ୍ତି। ମଝି ମଝିକିଆ ଯେହେତୁ ମୂର୍ଖ ବା ଦୃଢ଼ ନୁହନ୍ତି, ସେମାନେ ନିଜକୁ କୌଣସି ପରିସ୍ଥିତିରେ ଖାପ ଖୁଆଇ ପାରି ନ ଥାନ୍ତି। ଫଳସ୍ୱରୂପ ସେମାନେ ବେଶି ଦୂର ଅଗ୍ରଗତି କରିବାରେ ସକ୍ଷମ ହୋଇ ନ ଥାନ୍ତି। ମଧବିତ୍ତର ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଦାନ୍ତକାଠି
ପୁରୁଷ ବଚନ ଗୁରୁ ପରିମାଣ
ସ୍ତିରୀଙ୍କ ବଚନ ବାଡ଼ି ତାଟି ।

ସାଧାରଣତଃ ପୁରୁଷଙ୍କ ବଚନ ଦୃଢ଼ ହୋଇଥାଏ। ସେହିପରି ସ୍ତ୍ରୀ ବା ମହିଳାଙ୍କ ବଚନ ଆବଦ୍ଧ କାନ୍ଥ ମଧରେ ସୀମିତ ରହିଥାଏ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସାମାଜିକ ସୁରକ୍ଷା ହିତାଧିକାରୀ ପାଇବେ ୩୦୦ ଟଙ୍କା ଶୀତକାଳୀନ ସହାୟତା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ରାଜ୍ୟ ସରକାର ଶୀତକାଳୀନ ସହାୟତା ପ୍ରଦାନ କରିବେ। ପ୍ରତ୍ୟେକ ହିତାଧିକାରୀଙ୍କୁ ଏକକାଳୀନ ୩୦୦ ଟଙ୍କା ଦିଆଯିବ। ଡିସେମ୍ବରରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ଅର୍ଥ ଜମା କରାଯିବ । ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୪୮ ଲକ୍ଷରୁ ଅଧିକ ହିତାଧିକାରୀ ଉପକୃତ ହେବେ। ସହାୟତା ବାବଦରେ ୧୪ କୋଟି ୬୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି ।

## ସାହିତ୍ୟିକ ଗଗନେନ୍ଦ୍ରନାଥ ଦାଶଙ୍କ ପରଲୋକ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ଗଗନେନ୍ଦ୍ରନାଥ ଦାଶ (୮୨) ଙ୍କର ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରସ୍ଥିତ ତାଙ୍କ ଝିଅଙ୍କ ଘରେ ଚିକିତ୍ସିତ ହେଉଥିଲେ। ସତ୍ୟନଗର


ଗଗନେନ୍ଦ୍ରନାଥ ଦାଶ

ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଯାଜପୁର ଜିଲା ବଡ଼ଚଣା ଥାନା କଡ଼େଇ ଗ୍ରାମରେ ୧୯୪୦ ନଭେମ୍ବର ୨୫ରେ ଜନ୍ମିତ ଗଗନେନ୍ଦ୍ରଙ୍କ ମା'ଙ୍କ ନାମ ସୁଲୋଚନା ଦେବୀ ଓ ପିତାଙ୍କ ନାମ ବାଞ୍ଛାନିଧି ଦାଶ। ରେଭେନ୍ସା କଲେଜରୁ ଓଡ଼ିଆ ଭାଷା ଓ ସାହିତ୍ୟରେ ସମ୍ମାନ ସହ ସ୍ନାତକ ଓ ଶାନ୍ତିନିକେତନ ବିଶ୍ୱଭାରତୀରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରଫେସର ଭାବେ ଅବସର ନେଇଥିଲେ। ତାଙ୍କର ବୈପ୍ଳବିକ ଦୃଷ୍ଟିକୋଣ ଓ ମୁକ୍ତଚିନ୍ତାଧାରା ନିମନ୍ତେ ସେ ଓଡ଼ିଶାର ବୌଦ୍ଧିକ ଜଗତରେ ଆଲୋଡ଼ନ ସୃଷ୍ଟି କରିଯାଇଛନ୍ତି। ବୈଜ୍ଞାନିକ ରୀତିରେ ରୂପଭିତ୍ତିକ ସଂରଚନାତ୍ମକ ଓଡ଼ିଆ ବ୍ୟାକରଣ ରଚନା କ୍ଷେତ୍ରରେ ସେ ଥିଲେ ଅନ୍ୟତମ ଅଗ୍ରସୂରୀ। ଓଡ଼ିଆ ଭାଷା ଓ ସାରସ୍ୱତସାଧକ ଭାବେ ଜୀବନବ୍ୟାପୀ ସାହିତ୍ୟ ସର୍ଜନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୧ରେ ତାଙ୍କୁ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଦିଆଯାଇଛି। ତାଙ୍କ ଉଲ୍ଲେଖନୀୟ ସାହିତ୍ୟ ସମ୍ଭାର ମଧ୍ୟରେ କନ୍‌ଭରସେସନ୍ ଓରିଆ (୧୯୭୨), ଜନଶ୍ରୁତି କାଞ୍ଚିକାବେରୀ (୧୯୭୯), ଓରିଶା ଏ କ୍ଲାସିଫାଏଡ୍ ଆଣ୍ଡ୍ କମ୍ପ୍ରେହେନ୍‌ସିଭ୍ ବିବ୍ଲିଓଗ୍ରାଫି (୧୯୮୧), ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା (୧୯୮୩), ଖଦ୍ୟୋତର ଦ୍ୟୁତି (୧୯୮୪), ନୀଳକଣ୍ଠ ସ୍ମାରକୀ-୩ (୧୯୮୬), ଶୈଳୀ ବିଜ୍ଞାନ (୧୯୮୯) ଆଦି ରହିଛି। ସ୍ୱର୍ଗତ ଦାଶଙ୍କ ଅବର୍ତ୍ତମାନରେ ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ଉପଦେଷ୍ଟାମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଶେଷକୃତ୍ୟ ବେଳେ ଝିଅ ପ୍ରତିଚୀ ଦାଶ, ପୁଅ ଡ. ତପନ ଦାଶ, ଜ୍ୱାଇଁ ଚକ୍ଷୁରୋଗ ବିଶେଷଜ୍ଞ ନବନୀତ ଗୁପ୍ତ ଉପସ୍ଥିତ ଥିଲେ।

# 'ଶିଶୁଙ୍କୁ ପ୍ରକୃତି ସହ ଯୋଡ଼ିରଖିବା ଶିକ୍ଷାବ୍ୟବସ୍ଥାର ଆଭିମୁଖ୍ୟ ହେଉ'


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରଦୀପ ପ୍ରଜ୍ୱଳନ କରି 'ଏକାମ୍ର ବାଟିକା' ସ୍କୁଲ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ଏକାମ୍ର ବାଟିକା ସ୍କୁଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ପ୍ରକୃତିରୁ ଜୀବନ ଦୂରେଇ ଯିବା ହିଁ ଅନେକ ସମସ୍ୟାର କାରଣ। ଶିଶୁମାନଙ୍କୁ ପ୍ରକୃତି ସହ ଯୋଡ଼ି ରଖିବା ଶିକ୍ଷାବ୍ୟବସ୍ଥାର ପ୍ରମୁଖ ଆଭିମୁଖ୍ୟ ହେବା ଉଚିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶନିବାର ଖାରବେଳନଗରଠାରେ 'ଏକାମ୍ର ବାଟିକା' ସ୍କୁଲ୍‌କୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ପ୍ରତ୍ୟେକ ଶିଶୁ ଅନନ୍ୟ। ତାଙ୍କୁ ନିଜଭଳି ହେବାକୁ ଦିଆଯାଉ। ସେମାନେ କାହାର ଅନୁକରଣ ନ କରନ୍ତୁ। ଶିଶୁଙ୍କ ଭିତରେ ଥିବା ଅନନ୍ତ ସମ୍ଭାବନା ଓ ସାମର୍ଥ୍ୟର ପ୍ରକାଶ ନିମନ୍ତେ ଅନୁକୂଳ ପରିବେଶ ନିର୍ମାଣ କରିବା ଉଚିତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ଜରିଆରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି କହିଲେ, ଛୋଟ ସମୟରୁ ପିଲାଙ୍କୁ ତାଙ୍କ ହିସାବରେ ଉପଯୁକ୍ତ ପରିବେଶ ଆବଶ୍ୟକ ହୋଇଥାଏ। ସେମାନଙ୍କ ପସନ୍ଦ ଅନୁସାରେ ସେମାନେ ସବୁକିଛି କରିଥାନ୍ତି। ସେମାନଙ୍କୁ ଏକ ଉପଯୁକ୍ତ ପରିବେଶ ଦେବାରେ ଏହି ବିଦ୍ୟାଳୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିଶିଷ୍ଟ ଶିକ୍ଷାବିତ୍ ତଥା ଉଦ୍ୟୋଗୀ ଶଶାଙ୍କ ବୀରା ଉପସ୍ଥିତ ରହି ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅଧ୍ୟକ୍ଷା ମେଘନା ସିଂହଦେଓ ସୂଚନା ଦେଇ କହିଲେ, ଏକ ନୂତନ ବିଶ୍ୱ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ଜରୁରୀ। ପ୍ରଗତିଶୀଳ ପାଠ୍ୟକ୍ରମ, ଛାତ୍ର କୈନ୍ଦ୍ରିକ ଭିତ୍ତିଭୂମି ଓ ଉନ୍ନତ ଶିକ୍ଷଣ ପଦ୍ଧତି ମାଧ୍ୟମରେ ଏକାମ୍ର ବାଟିକା ଉନ୍ନତ ଶିକ୍ଷାପ୍ରଦାନ କରିବ। ଉଦ୍‌ଘାଟନୀ ଅବସରରେ 'ଏକ ନୂତନ ବିଶ୍ୱ ପାଇଁ ଶିକ୍ଷା: ଆପଣ କେଉଁଠାରେ ଓ କିପରି ଶିକ୍ଷାଲାଭ କରିବେ' ଶୀର୍ଷକରେ ଏକ ଅଧିବେଶନ ଆୟୋଜନ ହୋଇଥିଲା। ଏଥିରେ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ 'ଧରିତ୍ରୀ' ତଥା 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ କହିଲେ, ଛୋଟ ସମୟରେ ପିଲାମାନେ ସ୍ୱତଃପ୍ରବୃତ୍ତ ସବୁକିଛି ଶିଖି ଯାଆନ୍ତି। ସେମାନଙ୍କୁ ତାଙ୍କ ହିସାବରେ ରହିବାକୁ ଦେବା ଉଚିତ। ସମାଜ ସହ କିଭଳି ବଢ଼ିବେ ତାହା କେବଳ ଶିଖାଇବା ସହ ସେମାନଙ୍କ ପାଇଁ ତାଙ୍କ ପସନ୍ଦ ମୁତାବକ ପରିବେଶ ସୃଷ୍ଟି କରିବା ଦରକାର ବୋଲି ଆଦ୍ୟାଶା କହିଛନ୍ତି। ବଲିଉଡ୍ ଅଭିନେତା ଚନ୍ଦ୍ରଚୂଡ଼ ସିଂହ କହିଲେ, ପିଲାମାନେ ନିଜ ଇଚ୍ଛାରେ ବଢ଼ିବା ଆବଶ୍ୟକ। ମୌଳିକ ଶିକ୍ଷାରେ ସେମାନଙ୍କୁ ସାହାଯ୍ୟ କରିବା ସହ କୌଣସି କଥାରେ ବାଧା ଦେବା ଠିକ୍ ନୁହେଁ ବୋଲି ସେ ମତପ୍ରକାଶ କରିଥିଲେ। ଡ. ଚିଦାତ୍ମିକା ଖଟୁଆ ବର୍ତ୍ତମାନ ସମୟରେ ପିଲାମାନେ ଆଖପାଖରେ ଘଟୁଥିବା ସବୁ ଘଟଣାକୁ ଦେଖି ପରିପ୍ରକାଶ କରିବାକୁ ଚେଷ୍ଟା କରିବା ସହ ତୃଣମୂଳ ସ୍ତରରେ କିଭଳି ଆଗକୁ ବଢ଼ିପାରିବେ ସେ ନେଇ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ବୀରା ଅଧିବେଶନକୁ ସଞ୍ଚାଳନ କରିଥିଲେ। ଉପସ୍ଥିତ ଅଭିଭାବକମାନେ ପ୍ୟାନେଲିଷ୍ଟଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପ୍ଲେ ଗ୍ରୁପ୍ ଏବଂ ନର୍ସରି ଶ୍ରେଣୀ ପାଇଁ ନାମଲେଖା ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଦେବୀ, କଳିକେଶ ସିଂହ ଦେଓ, 'ଧରିତ୍ରୀ' ତଥା 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଞ୍ଜିନିୟରିଂ ନାମଲେଖା ଅବଧି ୫ ଦିନ ବଢ଼ିଲା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଓଡ଼ିଶାର ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ୫ଦିନ ବୃଦ୍ଧି କରାଯାଇଛି। ଶନିବାର ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ସୁଦ୍ଧା ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ୧୨,୫୩୬ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଗତବର୍ଷ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କଠାରୁ ଚଳିତବର୍ଷ ୪ହଜାର ଅଧିକ ବିଦ୍ୟାର୍ଥୀ ନାମ ଲେଖାଇଥିଲେ ମଧ ୬୦.୩୭% ସ୍ଥାନ ଖାଲି ରହିଛି। ଏହାକୁ ଦୃଷ୍ଟିରେ ରଖି ଅଧିକ ଛାତ୍ରୀଛାତ୍ରଙ୍କୁ ଏହି ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ଦେବା ପାଇଁ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି। ବର୍ତ୍ତମାନ ସରକାରୀ ଇଞ୍ଜିନିୟରିଂ କଲେଜରେ ୮୦.୮୮% ଓ ଘରୋଇ ଇଞ୍ଜିନିୟରିଂ କଲେଜରେ ୩୩.୮୭% ସିଟ୍ ପୂରଣ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ସପ୍ତାହରେ ନାମଲେଖା ଫି' ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ଏବଂ ଏହା ଆସନ୍ତା ତିନୋଟି ଶିକ୍ଷାବର୍ଷ ନିମନ୍ତେ ଲାଗୁ କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ପୃଥିବୀ ଓଜନ ୬...

ଲାଗି ନିଷ୍ପତ୍ତି ନିଆଯାଇଥିବା ରିଚାର୍ଡ କହିଛନ୍ତି।

ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ବୈଜ୍ଞାନିକ ଓ ସରକାରୀ ପ୍ରତିନିଧି ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ। ୧୯୯୧ରେ ପ୍ରଥମ ଥର ଲାଗି ବୈଜ୍ଞାନିକମାନେ ବୃହତ୍ ଓଜନ ମାପ କରିବାର ସବୁଠାରୁ ବଡ଼ ଏକକ ଜେଟା ଓ ୟୋଟାର ଆବିଷ୍କାର କରିଥିଲେ। ବିଶାଳ ବସ୍ତୁକୁ ଓଜନ କରିବା ପାଇଁ ୟୋଟା ଏକକ ବ୍ୟବହାର କରାଯାଉଥିଲେ ହେଁ ଏହା ଠିକ୍ ତଥ୍ୟ ଦେବାରେ ଅସମର୍ଥ ଥିଲା। କ୍ୱାଣ୍ଟମ୍ ସାଇନ୍ସ ଓ ପାର୍ଟିକଲ ଫିଜିକ୍ସରେ ଏହାର ବ୍ୟବହାର ଏବେ ବି ଗ୍ରହଣଯୋଗ୍ୟ।

## 'ଖୁସି'ରେ ଅନିୟମିତତା...

ଏହି ସଂସ୍ଥା ଅନ୍ୟାନ୍ୟ ଏଜେନ୍ସି ଏବଂ ମେଡିକାଲ କର୍ପୋରେଶନକୁ ଯୋଗାଇ ଦେଇଥିବା ଖଣ୍ଡ ପିଛା ପ୍ରଭେଦ ୭୯ ପଇସାରୁ ୫୨ ପଇସା ମଧରେ ରହିଥିଲା। ଏଥିଯୋଗୁ ରାଜକୋଷକୁ ୧୯.୩୯ କୋଟି ଟଙ୍କାର କ୍ଷତି ହୋଇଥିବା ସିଏଜି ଉଲ୍ଲେଖ କରିଥିଲେ, ଯାହାକି ସେତେବେଳେ ହଇଚଇ ସୃଷ୍ଟି କରିଥିଲା। ଏବେ ନାପ୍‌କିନ ଯୋଗାଣର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ଉଦାହରଣ ଭାବେ ଭଦ୍ରକ ଜିଲାକୁ ନିଆଯାଇପାରେ। ବଣ୍ଟନ ହୋଇପାରୁ ନ ଥିବାରୁ ଜିଲାର ପ୍ରତି ବ୍ଲକ ଷ୍ଟକ୍ ପଏଣ୍ଟରେ ଥିବା ଅନେକ ଲକ୍ଷ ନାପ୍‌କିନ ଆସନ୍ତା ଡିସେମ୍ବରରେ ଏକ୍ସପାଏରି ହୋଇଯିବ ବୋଲି ସୂଚନା ମିଳିଛି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୯ରେ ଆଗରପଡ଼ା, ବରପଦା, ଧାମନଗର, ତିହିଡ଼ି, ବାସୁଦେବପୁର, ଭଣ୍ଡାରିପୋଖରୀ ଏବଂ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ମୋଟ ୩୭ ଲକ୍ଷ ୩୭ ହଜାର ୯୪୩ ଖଣ୍ଡ ନାପ୍‌କିନ୍ ବଣ୍ଟନ କରାଯାଇଥିଲା। ଜିଲାରେ ମଧ୍ୟାହ୍ନଭୋଜନ ବଣ୍ଟନ କରୁଥିବା ଏଜେନ୍ସି ଏହି ନାପ୍‌କିନ ୨୦୧୯ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ବଣ୍ଟନ କରିଥିଲା। ବଣ୍ଟନ ବାବଦକୁ ପ୍ରତି ନାପ୍‌କିନ ପିଛା ୧୪ରୁ ୧୬ ପଇସା ଯୋଗାଣ ଖର୍ଚ୍ଚ ଥିବାବେଳେ ଉକ୍ତ ଏଜେନ୍ସି କିଲୋମିଟର ପିଛା ହିସାବ କରି ମୋଟ ୮୩ ଲକ୍ଷ ୭୪ ହଜାର ୮୩୮ ଟଙ୍କା ଦାବି କରିଥିଲା। ହେଲେ ୫ରୁ ୭ ଲକ୍ଷ ଟଙ୍କା ବଦଳରେ ଅତ୍ୟଧିକ ଅର୍ଥ ମଗାଯାଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିଲ୍ ପ୍ରଦାନ କରାଯାଇ ନାହିଁ। ଏହାକୁ ନେଇ ସମ୍ପୃକ୍ତ ଏଜେନ୍ସି କୋର୍ଟରେ କେସ୍ କରିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି। ଗତ ସେପ୍ଟେମ୍ବର ୧୩ରେ ଜିଲାପାଳଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ବୈଠକରେ ଜିଲା ଶିକ୍ଷାଧିକାରୀଙ୍କୁ ନାପ୍‌କିନ ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଥିବା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି, ସିଆର୍‌ସିସିଙ୍କ ମାଧ୍ୟମରେ ଶିକ୍ଷକମାନଙ୍କ ଦ୍ୱାରା ନାପ୍‌କିନ ବଣ୍ଟନ ଚାଲିଛି। କିନ୍ତୁ ପ୍ରତି ବ୍ଲକରେ ହୋଇଥିବା ଷ୍ଟକ୍ ପଏଣ୍ଟରୁ ସିଆର୍‌ସିସିଙ୍କ ମାଧ୍ୟମରେ କେତେକ ସ୍କୁଲରେ ନାପ୍‌କିନ ପହଞ୍ଚୁଥିବା ବେଳେ ଆଉ କେତେକ ସ୍କୁଲରେ ପହଞ୍ଚୁ ନ ଥିବା ଜଣାପଡ଼ିଛି। ଏଥିଯୋଗୁ ବହୁସଂଖ୍ୟାର ନାପ୍‌କିନ ଷ୍ଟକ୍ ରହିଥିବା ଜଣାପଡ଼ିଛି।

ଏ ନେଇ ଓଡ଼ିଶା ରାଜ୍ୟ ଔଷଧ ନିଗମର ଜଣେ ଅଧିକାରୀ କହିଛନ୍ତି, ରାଜ୍ୟରେ ୧୬ଲକ୍ଷ ୮୯ହଜାର ୩୬୬ ଛାତ୍ରୀଙ୍କୁ ପ୍ରତିବର୍ଷ ୩୬ କୋଟି ୪ ଲକ୍ଷ ୯୩ ହଜାର ୫୬ ଖଣ୍ଡ ନାପକିନ୍ ଦିଆଯାଉଛି। ମାସକୁ ୧୮ଟି ହିସାବରେ ତ୍ରୈମାସିକରେ ସେମାନଙ୍କୁ ୫୪ଟି ନ୍ୟାପକିନ୍ ଯୋଗାଣ କରାଯାଉଛି। ଖୁସି ନ୍ୟାପକିନ୍‌କୁ ନେଇ କୌଣସି ଅନିୟମିତତା ଅଭିଯୋଗ ଆସିନାହିଁ। ବରଂ ଛାତ୍ରୀଙ୍କ ସଂଖ୍ୟା ବଢ଼ିଥିବା ନେଇ କେତେ ଗୁଡ଼ିଏ ଫୋନ୍ ଆସିଥିଲା। ୨୦୨୨-୨୩ ବର୍ଷ ପାଇଁ ଆବଶ୍ୟକ ଛାତ୍ରୀଙ୍କ ସଂଖ୍ୟା ନେଇ ଆମେ ଶିକ୍ଷା ବିଭାଗକୁ ଚିଠି ଲେଖିଛୁ। ସେମାନେ ଛାତ୍ରୀଙ୍କ ସଂଖ୍ୟା ପଠାଇଲେ ଆମେ ଟେଣ୍ଡର ଡାକିବୁ। ନିଗମରୁ ଏହା ପ୍ରତି ଜିଲାର ଷ୍ଟୋରେଜ ପଏଣ୍ଟକୁ ଯାଉଛି। ସେଠୁ ସବୁ ସ୍କୁଲକୁ କିଭଳି ଦିଆଯାଉଛି ସେ ନେଇ ଆମକୁ କୌଣସି ସୂଚନା ନାହିଁ।

### ଖସିଯାଇଛି 'ଖୁସି'

ଢେଙ୍କାନାଳ ଅଫିସ, ୧୯।୧୧(ରତନ ନାୟାର): ପରିଚାଳନାଗତ ବିଭ୍ରାଟ କାରଣରୁ ଢେଙ୍କାନାଳ ଜିଲାରେ ଖସିଯାଇଛି ରାଜ୍ୟ ସରକାରଙ୍କ ଦୂରଦର୍ଶୀ ଯୋଜନା 'ଖୁସି'। ମାସିକ ଋତୁସ୍ରାବ ସମୟରେ ସୁରକ୍ଷିତ ରହିବା ପାଇଁ ପର୍ଯ୍ୟାପ୍ତ ପରିମାଣର ସାନିଟାରୀ ନାପ୍‌କିନ୍ ଯୋଗାଣ ହେଉଛି ସତ, କିନ୍ତୁ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳର ଛାତ୍ରୀଙ୍କ ନିକଟରେ ଏହା ପହଞ୍ଚି ପାରୁନାହିଁ। ମାତ୍ର ୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ୍‌ଦେଲେ ଅନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏ ସଂକ୍ରାନ୍ତ ଠିକ୍ ରିପୋର୍ଟ ପ୍ରଦାନ କରୁ ନ ଥିବାରୁ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ।

ଢେଙ୍କାନାଳ ସଦର ବ୍ଲକର ବେଲଟିକିରି, ହିନ୍ଦୋଳ ବ୍ଲକର ଖଜୁରିଆକଟା, କଙ୍କଡ଼ାହାଡ଼ ବ୍ଲକର ବୀରାଶାଳ, ଭୁବନ ବ୍ଲକର ମଠକରଗୋଳା, ପରଜଙ୍ଗ ବ୍ଲକର ପରଜଙ୍ଗ, ଗଁଦିଆ ବ୍ଲକର ଶ୍ରୀରାମଚନ୍ଦ୍ରପୁର, ଓଡ଼ାପଡ଼ା ବ୍ଲକର ଓଡ଼ାପଡ଼ା ଏବଂ କାମାକ୍ଷାନଗର ବ୍ଲକର ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଛାତ୍ରୀଙ୍କୁ ନାପ୍‌କିନ୍ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ୨୦୧୮-୧୯ରୁ ୨୦୨୨-୨୩ ବର୍ଷ ମଧରେ ମୋଟ୍ ୧ କୋଟି ୨୩ ଲକ୍ଷ ୩ ହଜାର ୮୯୮ ଖଣ୍ଡ ନାପ୍‌କିନ୍ ଯୋଗାଣ ହୋଇଛି। ସେଥିରୁ ୧ କୋଟି ୪୮ ହଜାର ୨୨୨ଟି ବଣ୍ଟନ କରାଯାଇଛି। ୨୨ ଲକ୍ଷ ୫୫ ହଜାର ୬୭୬ ଖଣ୍ଡ ନାପ୍‌କିନ୍‌ର ହିସାବ ମିଳୁନାହିଁ। ଏସବୁ ବଣ୍ଟନ ଅପେକ୍ଷାରେ ଅଛି ନା ନଷ୍ଟ ହୋଇଯାଇଛି କି ବାଟମାରଣା ହୋଇଛି, ତାହା ଅସ୍ପଷ୍ଟ ରହିଛି। ତେବେ ଆଦିବାସୀବହୁଳ ବୀରାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ନାପକିନ୍ ବଣ୍ଟନର ଯେଉଁ ଚିତ୍ର ଆସିଛି, ତାହା ବିବ୍ରତ କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ ଲକ୍ଷ ୪୬ ହଜାର ୩୦୪ଟି ନାପ୍‌କିନ୍ ଯୋଗାଣ କରାଯାଇଥିବାବେଳେ ବଣ୍ଟନ ହୋଇଛି ୭ ଲକ୍ଷ ୮୪ ହଜାର ୬୮୪। ତେଣୁ ଯେଉଁ ଲକ୍ଷ୍ୟ ନେଇ 'ଖୁସି' ଆରମ୍ଭ ହୋଇଥିଲା, ତାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାଟବଣା ହୋଇଯାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ସେହିପରି ସଦର ବ୍ଲକରୁ ମଧ ପ୍ୟାଡ୍ ବଣ୍ଟନର ଯେଉଁ ଚିତ୍ର ଆସିଛି ତାହା ଅତି ନୈରାଶ୍ୟଜନକ। ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଦର ବ୍ଲକ, ଢେଙ୍କାନାଳ ପୌରାଞ୍ଚଳକୁ ନାପ୍‌କିନ୍ ବଣ୍ଟନ କରାଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୧୮-୧୯ରୁ ୨୦୨୨-୨୩ ବର୍ଷ ମଧରେ ମୋଟ୍ ୧୯ ଲକ୍ଷ ୨୨ ହଜାର ୧୮୪ ଖଣ୍ଡ ନାପ୍‌କିନ୍ ଯୋଗାଣ କରାଯାଇଥିବା ସରକାରୀ ତଥ୍ୟ କହୁଛି। ତେବେ ବଣ୍ଟନ ହୋଇଛି ମାତ୍ର ୧୪ ଲକ୍ଷ ୪୧ ହଜାର ୬୩୮। ଜିଲାର ଅନ୍ୟତମ ଶିକ୍ଷାସମୃଦ୍ଧ ବ୍ଲକରେ ୪ ଲକ୍ଷ ୮୦ ହଜାର ୫୪୬ ଖଣ୍ଡ ନାପ୍‌କିନ୍ ବଣ୍ଟନ ହୋଇ ନ ପାରିବା ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପ୍ରଥମ ପୃଷ୍ଠାରୁ...

ଏ ସମ୍ପର୍କରେ ସଦର ବ୍ଲକ ରାଧାଦେଇପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବନବିହାରୀ ବାରିକ, ଗଁଦିଆ ବ୍ଲକ କରମୂଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବାରିକ କୁହନ୍ତି, କରୋନା ପାଇଁ ପ୍ରାୟ ୨ ବର୍ଷ ଧରି ପାଠପଢ଼ା ବନ୍ଦ ଥିଲା। ତଥାପି ଛାତ୍ରୀଙ୍କୁ ଠିକ୍ ଭାବେ ନାପ୍‌କିନ୍ ବଣ୍ଟନ କରାଯାଇଛି। ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କ ମଧ୍ୟରୁ କେତେଜଣ ଆସୁ ନ ଥିବାରୁ ସେମାନେ ପାଇନାହାନ୍ତି। ନାପ୍‌କିନ୍ ବ୍ୟବହାର ନେଇ ଶିକ୍ଷୟିତ୍ରୀମାନେ ସଚେତନତା ସୃଷ୍ଟି କରୁଛନ୍ତି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ ବିଭାଗ) ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କୁହନ୍ତି, ଜାନୁୟାରୀରୁ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଉପସ୍ଥାନ କମ୍ ଥିଲା। ୨ମାସ ହେଲା ଉପସ୍ଥାନ ଠିକ୍ ଅଛି। ଯେଉଁ ଛାତ୍ରୀମାନେ ନାପ୍‌କିନ୍ ପାଇ ନ ଥିଲେ ସେମାନଙ୍କୁ ଦିଆଯାଇଛି। କେତେକ ସ୍ଥଳେ ଘରକୁ ମଧ ପଠାଯାଇଛି। ଯୋଗାଣ ଏବଂ ବିତରଣ ସମ୍ପର୍କରେ ଠିକ୍ ରିପୋର୍ଟ ଦେଉ ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଲିଖିତ ଭାବେ ତାଗିଦା କରାଯାଇଛି।

### ସମ୍ବଲପୁରରେ ପ୍ରହସନ ପାଲଟିଛି

ସମ୍ବଲପୁର(ବ୍ୟୁରୋ), ୧୯।୧୧(ଶୁଭାଶିଷ ପାଢ଼ୀ)- ସରକାରଙ୍କ ଖୁସି ଯୋଜନା ସମ୍ବଲପୁର ଜିଲାରେ ପ୍ରହସନ ପାଲଟିଛି। ଜିଲାର ୫୬ ହଜାର ୩୦୦ଛାତ୍ରୀଙ୍କୁ ଏଥିରେ ସାମିଲ କରାଯାଇଥିବାବେଳେ କୋଭିଡ୍ ସମୟରେ ନାପ୍‌କିନ୍ ବଣ୍ଟନ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଚଳିତବର୍ଷ ଏପ୍ରିଲରୁ ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଛାତ୍ରୀଙ୍କୁ ମାସିକ ୬ଦିନ ପାଇଁ ୧୮ଟି ପ୍ୟାଡ୍ ଦେବାର ନିୟମ ରହିଛି। ହେଲେ ତିନିମାସରେ ଥରେ କେଉଁଠି ୧୮ ତ ଆଉ କେଉଁଠି ୩୬ଟି ପ୍ୟାଡ୍ ବଣ୍ଟନ କରାଯାଉଛି। ପୁଣି ତିନିମାସ ବଦଳରେ ୫ରୁ ୬ମାସ ପର୍ଯ୍ୟନ୍ତ ବିଳମ୍ବରେ କମ୍ ପରିମାଣରେ ଦିଆଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କେତେକ ମେଡିକାଲରେ ଷ୍ଟକ୍ ନ ଥିବା ବେଳେ କିଛିଦିନ ହେଲା ଅଳ୍ପସଂଖ୍ୟକ ମେଡିକାଲରେ ଏହା ପହଞ୍ଚିଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଘରର କୌଣସି ସମସ୍ୟା, ବନ୍ଧୁବାନ୍ଧବ କିମ୍ବା ସହକର୍ମୀଙ୍କ ଧାର କରଜକୁ କେନ୍ଦ୍ରକରି ମତାନୈକ୍ୟ ଘଟିପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି । ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବାରୁ ଅଶାନ୍ତି ରହିବେ। ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ବାରମ୍ବାର ଚେଷ୍ଟା କରି ମଧ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ। ମାନସିକ ଅସ୍ଥିରତା କାରଣରୁ ଦ୍ୱନ୍ଦ୍ୱରେ ପଡ଼ି କିଛି କରିପାରିବେ ନାହିଁ।

**ମିଥୁନ**
ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧାଜନିତ ମନ ଅସ୍ଥିର ରହିବ।

**କର୍କଟ**
ଆଜି କୌଣସି କାମ ମଧ ଶୃଙ୍ଖଳାର ସହ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ଉପରିସ୍ଥଙ୍କ ସହିତ ଯୁକ୍ତିତର୍କ ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଦୂର ସ୍ଥାନରୁ ସୁଖବର ପାଇବେ।

**ସିଂହ**
ତରବରିଆ ଯାତ୍ରାରୁ ଦୂରେଇ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, ଆଲୋଚନା, ସଭାସମିତି ତଥା ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି କରିବେ। ପ୍ରଶାସନ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ସାଧାରଣ ଆଶ୍ୱସ୍ତି ମିଳିବ।

**କନ୍ୟା**
ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ଖୁସି ହେବେ। ପିଲା ମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ। ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
ଭୋଗ ବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଦ୍ୱାରା ବାଧାବିଘ୍ନ ଘଟିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଅବଶ୍ୟ ଲାଭବାନ୍ ହେବେ। କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ପ୍ରିୟବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ରହିପାରନ୍ତି ।

**ବିଛା**
ଆଜି କାର୍ଯ୍ୟଦକ୍ଷତା ହେତୁ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ନୂତନ ପଦକ୍ଷେପ ନେଇପାରନ୍ତି।

**ଧନୁ**
ପାରିବାରିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀ ମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା ଶୁଭ ଖବରଟି ଆକସ୍ମିକ ଭାବରେ ପାଇ ଉଲ୍ଲସିତ ହେବେ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର**
ନିଜର ଶ୍ରମ ଓ ସମୟ ବିନିଯୋଗ କରି ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ।

**କୁମ୍ଭ**
ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ**
ଆଜି ଆପଣ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କିନ୍ତୁ ଆର୍ଥିକ ସ୍ଥିତି, ଜମିଜମା କାରବାର, ନିର୍ମାଣାଧୀନ କାମ ପ୍ରଭୃତିରୁ ଶୁଭଫଳ ପାଇବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ନଭେମ୍ବର ୨୦ ତାରିଖ, ମାର୍ଗଶିର କୃଷ୍ଣପକ୍ଷର ସର୍ବସମ୍ମତ ଉତ୍ପନା ଏକାଦଶୀ ରବିବାର, ରାଶି ନକ୍ଷତ୍ର- ହସ୍ତା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୪୫ ଗତେ ଘ.୦୮।୫୭ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୩୯ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

"ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ। -ଶ୍ରୀମା

# ପ୍ରିଣ୍ଟ ମିଡିଆର ସ୍ଥିତି



ଆକାର ପଟେଲ

ଭାରତରେ ୨୦୨୧ରେ ପ୍ରିଣ୍ଟ ମିଡିଆ ଆଡ୍‌ଭର୍ଟାଇଜିଂ (ଛାପା ଗଣମାଧ୍ୟମ ପାଇଥିବା ବିଜ୍ଞାପନ ଅର୍ଥ) ୧୭,୦୦୦ କୋଟି ଟଙ୍କା ବୃଦ୍ଧି ପାଇଥିଲା ବୋଲି ଚଳିତ ବର୍ଷ ପ୍ରାରମ୍ଭରେ ଏକ ଖବରକାଗଜ ପ୍ରକାଶ କରିଥିଲା। ୨୦୨୦ରେ ଏହା ଥିଲା ୧୨,୦୦୦ କୋଟି ଟଙ୍କା। ଚଳିତ ବର୍ଷ ଏହା ୧୮,୦୦୦ କୋଟି ଟଙ୍କା ହେବ ବୋଲି ରିପୋର୍ଟରେ ଜଣାଯାଇଥିଲା। ଉକ୍ତ ରିପୋର୍ଟ ଦର୍ଶାଉଥିଲା ଯେ,ଖବରକାଗଜ ଓ ପତ୍ରିକାଗୁଡ଼ିକ ମୋଟ ବିଜ୍ଞାପନ ମାର୍କେଟର ୨୦% ଅଂଶଧନ ପାଉଛନ୍ତି ଓ ଏହା ବୈଶ୍ୱିକ ଶେୟାରଠାରୁ ୫% ଅଧିକ ଥିଲା। ଏସବୁ ଭଲ ଖବର, କିନ୍ତୁ ପ୍ରିଣ୍ଟ ମିଡିଆ ବା ଛାପାଗଣମାଧ୍ୟମ ୨୦୧୯ରେ ଯେମିତି ବିଜ୍ଞାପନ ପାଉଥିଲା ୨୦୨୨ରେ ତା'ଠାରୁ ବହୁ ଅଧିକ ବିଜ୍ଞାପନ ପାଇବ ବୋଲି ଉକ୍ତ ରିପୋର୍ଟ ଦର୍ଶାଉ ନ ଥିଲା। ୨୦୦୫ରେ ଖବରକାଗଜ ଓ ପତ୍ରିକାଗୁଡ଼ିକ ସମସ୍ତ ବିଜ୍ଞାପନର ୫୩% ପାଉଥିଲେ। ହେଲେ ୨୦୨୨ରେ ଡିଜିଟାଲ ୪୫% ଓ ଟେଲିଭିଜନ ୪୦% ବିଜ୍ଞାପନ ପାଉଛି ଏବଂ ବଳକାକୁ ଛାପା, ରେଡିଓ ଓ ଅନ୍ୟ ଗଣମାଧ୍ୟମ ପାଉଛନ୍ତି, ଯାହା ଏମାନଙ୍କ ପାଇଁ ଅଧିକ ନୁହେଁ। ଅବଶ୍ୟ ଏମାନେ ଭାରତରେ କମ୍ ବିଜ୍ଞାପନ ପାଇବା କିଛି ନୂଆ କଥା ନୁହେଁ। ଆମେରିକାରେ ବି ବିଗତ ୫ ବର୍ଷରେ ଛାପା ଗଣମାଧ୍ୟମର ବିଜ୍ଞାପନ ମାର୍କେଟ ଅଧା ହୋଇଯାଇଛି। ଏହା ଭାରତଠାରୁ ବଡ଼ ମାର୍କେଟ ହୋଇଥିଲେ ମଧ୍ୟ ମୋଟ ବିଜ୍ଞାପନ ମାର୍କେଟ ୨୦୧୭ରେ ଯାହା ଥିଲା ସେଥିରୁ ୨୦ ବିଲିୟନ ଡଲାର(୧୬୦,୦୦୦ କୋଟି ଟଙ୍କା) ହ୍ରାସ ପାଇ ଚଳିତ ବର୍ଷ ଅଧାରେ ପହଞ୍ଚିଛି। ବାସ୍ତବରେ ଛାପିବା ଏବଂ ଛାପାକାଗଜ ମୂଲ୍ୟ ଏବେ ବୃଦ୍ଧି ପାଇଛି ଓ ଖବରକାଗଜ ମୂଲ୍ୟର ଏହା ଏକ ସିଂହଭାଗ ବହନ କରେ। ବିଶେଷକରି ଭାରତରେ ପାଠକମାନେ କାଗଜ ମୂଲ୍ୟର ପ୍ରାୟ ଏକ ପଞ୍ଚମାଂଶ ଦେଉଥିବାବେଳେ ଏଥିପାଇଁ ୮୦% ବିଜ୍ଞାପନଦାତା ଦେଇଥାନ୍ତି। ତେବେ ଏଥିପାଇଁ କ'ଣ କରାଯିବା ଉଚିତ ଓ କିଭଳି ବିଜ୍ଞାପନ ଆସିବ ? ଏହାର ସରଳ ଉତ୍ତର ହେଉଛି, ଯଦି ଭାରତର ଅର୍ଥ ବ୍ୟବସ୍ଥାରେ ଆଗାମୀ କିଛି ବର୍ଷରେ ମଜଭୁତ ଅଭିବୃଦ୍ଧି ପ୍ରକାଶ ପାଏ ତେବେ ଏବେଠୁ ଖବରକାଗଜ ଏବଂ ପତ୍ରିକାଗୁଡ଼ିକର ସ୍ଥିତିକୁ ଭଲ କଲେ ଖାଉଟି ଉତ୍ପାଦ ଏବଂ ସେବାଗୁଡ଼ିକର ବିଜ୍ଞାପନ ଲୋକେ ଅଧିକ ପଠାଇବାକୁ ଚାହିଁବେ। ଯଦି ଅଭିବୃଦ୍ଧି ଦୁର୍ବଳ ରହିବ, ତେବେ ବିଜ୍ଞାପନ ଅର୍ଥ ଛାପାଗଣମାଧ୍ୟମକୁ ଆସିବ ନାହିଁ ଏବଂ ପୂର୍ବରୁ ରହି ଆସିଥିବା ଦୀର୍ଘ ମିଆଦୀ ହ୍ରାସ ସେମିତି ଜାରି ରହିବ। ବାସ୍ତବରେ ଏହା ଏକ ଚିନ୍ତାଜନକ ବିଷୟ।

ସାମ୍ବାଦିକତାର ପ୍ରକ୍ରିୟାକୁ ଯେଉଁମାନେ ବୁଝିଛନ୍ତି ସେମାନେ ଜାଣନ୍ତି ଯେ, ଛାପା ଗଣମାଧ୍ୟମରେ ସବୁଠୁ ବେଶି ରିପୋର୍ଟର ବା ଖବରଦାତା ଅଛନ୍ତି। ଏଠାରେ ଦୃଷ୍ଟାନ୍ତ ଦିଆଯାଇପାରେ ଯେ, ମୋ କାର୍ଯ୍ୟ ଶେଷ ହୋଇଥିଲା ଏକ ଗୁଜରାଟୀ ଖବରକାଗଜରେ ଓ ଯେଉଁଠି ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ସହରଗୁଡ଼ିକରେ ୩୦୦ ରିପୋର୍ଟର କାର୍ଯ୍ୟ କରୁଥିଲେ। ସେମାନେ ନିୟମିତ ଭାବେ ଦୁର୍ନୀତି, ଶିକ୍ଷା ଏବଂ ଅପରାଧ ଆଦି ଘଟଣା ଉପରେ ଅଭିଯାନ ଚଳାଇଥିଲେ। କିନ୍ତୁ ଟେଲିଭିଜନ ଚ୍ୟାନେଲଗୁଡ଼ିକର ଛାପା ଗଣମାଧ୍ୟମରେ ଥିବା ରିପୋଟର ସଂଖ୍ୟା ଆବଶ୍ୟକ କରନ୍ତି ନାହିଁ କିମ୍ବା ଛାପା ଗଣମାଧ୍ୟମ ଯେଭଳି ରିପୋର୍ଟିଂ କରୁଛି ସେଭଳି କରିବା ଜରୁରୀ ମନେକରନ୍ତି ନାହିଁ। ଏବେ ଟିଭି ଚ୍ୟାନେଲଗୁଡ଼ିକର ସିଦ୍ଧାନ୍ତ ହେଉଛି ଡିବେଟ ବା ବିତର୍କ। ଏଥିରେ ବାହାରର ବିଶେଷଜ୍ଞ ଓ ରାଜନୈତିକ ନେତାଙ୍କ ସମେତ ଅନ୍ୟ ଅତିଥିମାନେ କଣ୍ଟେଣ୍ଟ ଯୋଗାଇ ଦିଅନ୍ତି। ଏହା ସତ୍ୟ ଯେ, କିଛି ଉତ୍ତମ ୱେବ୍‌ସାଇଟ ଏ କ୍ଷେତ୍ରରେ ଆଗକୁ ଆସିଛନ୍ତି। ସେମାନେ ଏଭଳି ସାମ୍ବାଦିକତା କରୁଛନ୍ତି ଯାହା ପୂର୍ବରୁ କେବେ ବି ହୋଇ ନ ଥିଲା। କିନ୍ତୁ ସେମାନଙ୍କ ଢାଞ୍ଚା ଖବରକାଗଜ ଭଳି ଗଢାଯାଇନାହିଁ କିମ୍ବା ଖବରକାଗଜର ରିପୋର୍ଟରମାନଙ୍କ ସଂଖ୍ୟା ସେମାନଙ୍କର ନାହିଁ। ଭାରତରେ (କିମ୍ବା ପ୍ରକୃତପକ୍ଷେ ଦକ୍ଷିଣ ଏସିଆରେ) ଯଦି ସାମ୍ବାଦିକଙ୍କ ସଂଖ୍ୟା ଗଣନା କରାଯାଏ ତେବେ ଛାପା ଗଣମାଧ୍ୟମରେ ଅଧିକ ରିପୋର୍ଟର ହିଁ ବାହାରିବେ।

ସାମ୍ପ୍ରତିକ ସମୟରେ ବିଜ୍ଞାପନ ସହ ଗଣମାଧ୍ୟମରେ ନିଯୁକ୍ତି ବି ହ୍ରାସ ପାଇଚାଲିଛି। ସେଣ୍ଟର ଫର୍ ମନିଟରିଂ ଦି ଇଣ୍ଡିଆନ୍ ଇକୋନୋମିର ତଥ୍ୟ ସମ୍ବଳିତ ରିପାର୍ଟ ଦର୍ଶାଇଥିଲା ଯେ, ଭାରତରେ ଗଣମାଧ୍ୟମ ଓ ପ୍ରକାଶନ ସଂସ୍ଥାଗୁଡ଼ିକରେ ନିଯୁକ୍ତ ଲୋକଙ୍କ ସଂଖ୍ୟା ୨୦୧୬ ସେପ୍ଟେମ୍ବରରେ ମୋଟ ୧୦ ଲକ୍ଷରୁ ସାମାନ୍ୟ ଅଧିକ ଥିଲା। ଅଗଷ୍ଟ ୨୦୨୧ ସୁଦ୍ଧା ଏହି ସଂଖ୍ୟା ୨.୩ ଲକ୍ଷ ରହିଥିଲା। ଏହି ସମୟ ମଧ୍ୟରେ ଗଣମାଧ୍ୟମ କ୍ଷେତ୍ରରେ ଯେଭଳି ନିଯୁକ୍ତି ହ୍ରାସ ପାଇଥିଲା ସେହିଭଳି ମାନୁଫାକ୍‌ଚରିଂରେ ମଧ୍ୟ ଚାକିରି ଅଧା ହ୍ରାସ ଘଟିଥିଲା। ତେବେ ଗଣମାଧ୍ୟମରେ କାର୍ଯ୍ୟରତ ଲୋକଙ୍କ ପାଇଁ ଏହା ସେମିତି କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ, କାରଣ ସେମାନେ ସହକର୍ମୀମାନଙ୍କୁ ଚାକରିରୁ ଯିବା ଏବଂ ଖବରକାଗଜ ଛପା ବନ୍ଦ ହେବା ଦେଖିଛନ୍ତି। ବଡ଼ ପ୍ରଶ୍ନ ହେଉଛି, ଆମ ଗଣତନ୍ତ୍ରରେ ଏଭଳି ନିଯୁକ୍ତି ହ୍ରାସର ମାନେ କ'ଣ। ସରକାରଙ୍କ ଉପରେ ତଥ୍ୟ ଆଧାରିତ ସୂଚନାର ସବୁଠୁ ବଡ଼ ଉତ୍ସ ହେଉଛି ପ୍ରିଣ୍ଟ ରିପୋର୍ଟିଂ। ଅନ୍ୟ କୌଣସି ମାଧ୍ୟମ ଏହାର ସ୍ଥାନ ନେଇପାରିବ ନାହିଁ। ଏପରି କି ଅନ୍ୟ ଗଣମାଧ୍ୟମଗୁଡ଼ିକ ଚାହିଁଥିଲେ ବି ଏହା ହୋଇପାରି ନାହିଁ। ଟିଭି ଏବଂ ଡିଜିଟାଲ ମିଡିଆର ଉତ୍‌ଥାନ ଛାପା ଗଣମାଧ୍ୟମର ସ୍ଥାନ ନେବ ନାହିଁ କି କେବେ ବି ନେଇପାରିବ ନାହିଁ। ଖବରକାଗଜଗୁଡ଼ିକ ସମସ୍ତଙ୍କ ଭଲ ପାଇଁ ଏବଂ ଏହା ସମାଜକୁ ସେବା ଯୋଗାଇଆସୁଛି। ଯେତେବେଳେ ସରକାରଙ୍କ ପ୍ରଦର୍ଶନ ଏବଂ ସରକାରୀ ସଂସ୍ଥାଗୁଡ଼ିକର ସ୍ଥିତି ସମ୍ପର୍କିତ ମୌଳିକ ତଥ୍ୟ ହ୍ରାସ ପାଇ ଶେଷ ହୋଇଯାଉଛି ସେତେବେଳେ ଏକ ଗଣତନ୍ତ୍ରରେ କ'ଣ ବା ହୋଇପାରିବ ? ସ୍କୁଲ, ହସ୍ପିଟାଲ, ଥାନା ଏବଂ ସରକାରୀ ଦପ୍ତରରେ ଯାହା ଘଟୁଛି ତାହାକୁ ଯଦି ଦେଶର ନାଗରିକମାନେ ନ ଜାଣିବେ, ତେବେ ଏହି ସମୟରେ ସେମାନେ କେମିତି ବ୍ୟବସ୍ଥାର ତ୍ରୁଟିକୁ ସମାଲୋଚନା କରିବେ ବା ଦୋଷ ଦେବେ। ପ୍ରଥମେ ଟିଭି ଓ ଏବେ ଡିଜିଟାଲ ମିଡିଆ ପାଇଁ ପ୍ରିଣ୍ଟ ମିଡିଆ ଯେଭଳି ଶୀଘ୍ର ତା' ସ୍ଥିତି ହରାଉଛି ତାହାକୁ ଯଦି ନିରୀକ୍ଷଣ କରିବା ତେବେ ଏହିସବୁ ପ୍ରଶ୍ନ ଉପରେ ଆମକୁ ବିଚାର କରିବାକୁ ପଡ଼ିବ।

Email:aakar.patel@gmail.com

# ଆକର୍ଷଣର କେନ୍ଦ୍ର ଭାରତ



ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଫରାସୀ ଲେଖକ ରୋମା ରୋଁଲା ଭାରତ ସମ୍ପର୍କରେ ଲେଖିଥିଲେ "ଯଦି ମାନବ ସମାଜର ସବୁ ସ୍ୱପ୍ନକୁ ସାକାର କରିବାକୁ ପୃଥିବୀର ଏକମାତ୍ର ସ୍ଥାନକୁ ବଛାଯାଏ ତେବେ ସେ ସ୍ଥାନଟି ହେବ ଭାରତବର୍ଷ।" ବୋଧହୁଏ ସେଥିପାଇଁ ନିଜ ନିଜର ସ୍ୱପ୍ନକୁ ସାକାର କରିବାପାଇଁ ବିଦେଶରୁ ବହୁ ବିଦ୍ୱାନ ଓ ପରିବ୍ରାଜକ ଭାରତ ଆସିଛନ୍ତି। ପଞ୍ଚମ ଶତାବ୍ଦୀରେ ଚାଇନା ପରିବ୍ରାଜକ ଫାହିଆନ (୩୩୭-୪୨୨) ଭାରତ ଆସି ୧୪ ବର୍ଷକାଳ ପରିଭ୍ରମଣ କଲେ ଓ ଭାରତର ଶାସ୍ତ୍ରୀୟ ପରମ୍ପରା ଅଧ୍ୟୟନ କଲେ। ଫେରିଗଲାବେଳେ ନେଇଯାଇଥିଲେ ଶହ ଶହ ଗ୍ରନ୍ଥ, ବୁଦ୍ଧଙ୍କର ସ୍ମାରକ ଓ ସ୍ମୃତି ଚିହ୍ନ, କେଶ ଓ ଦାନ୍ତ ଭଳି ଦେହାବଶେଷ। ତାଙ୍କ ସାଙ୍ଗରେ ଆସିଥିଲେ ଆଉ ଜଣେ ସନ୍ନ୍ୟାସୀ ତାଓଝେଙ୍ଗ। ସେ ଭାରତପ୍ରତି ଏତେ ଆକର୍ଷିତ ହୋଇଥିଲେ ଯେ ସେ ଫାହିଆନ୍‌ଙ୍କ ସହ ଆଉ ଚାଇନା ଫେରିବାକୁ ଚାହିଁ ନ ଥିଲେ। ସପ୍ତମ ଶତାବ୍ଦୀରେ ଆସିଥିଲେ ହୁଏନ୍‌ସାଂ। ସେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ପାଞ୍ଚବର୍ଷ ଅଧ୍ୟୟନ କରି ଭାରତରେ ଅତିବାହିତ କରିଥିଲେ ୧୬ ବର୍ଷ। ସେ ଲେଖିଛନ୍ତି "ଏଠାରେ ଥିବା ଜିଜ୍ଞାସୁମାନଙ୍କର ସଂଖ୍ୟା କେତେ ହଜାର। ସେମାନେ ଧୀମାନ୍ ତଥା ବିଚକ୍ଷଣ। ସେମାନଙ୍କ ମଧ୍ୟରୁ ଅନେକଙ୍କ ସୁନାମ ଦୂରଦୂରାନ୍ତରେ ବିଦିତ। ସେମାନଙ୍କ ଆଚରଣ ନିର୍ମଳ ଓ ନିଷ୍କଳଙ୍କ।" ଭାରତରେ ଧର୍ମଗ୍ରନ୍ଥଗୁଡ଼ିକୁ ମାଣ୍ଡାରିନ୍ ଭାଷାରେ ଅନୁବାଦ କରି ସେ ନିଜ ଦେଶକୁ ନେଇ ଯାଉଥିଲେ। ସେ ୬୫୭ଟି ବିରଳ ଗ୍ରନ୍ଥକୁ ଘୋଡ଼ା ପିଠିରେ ଲଦି ନିଜ ଦେଶକୁ ନେବାବେଳେ ଏକ ପାର୍ବତ୍ୟ ନଦୀରେ ବହିତକ ବୁଡ଼ିଯାଇଥିଲା। ବହୁ କଷ୍ଟରେ ସେଥିରୁ ପ୍ରାୟ ଅଧା ବହି ଉଦ୍ଧାର କରି ସେ ଚାଇନା ନେଇ ଯାଇଥିଲେ। ନିଜ ଦେଶକୁ ଫେରିବାବେଳେ ନାଳନ୍ଦାର ପଣ୍ଡିତମାନେ ତାଙ୍କୁ ପଚାରିଲେ, "ଆପଣ କାହିଁକି ଏତେ ବିପଦସଙ୍କୁଳ ରାସ୍ତା ଅତିକ୍ରମ କରି ଫେରିବେ ?" ହୁଏନ୍‌ସାଂ ଉତ୍ତର ଦେଇଥିଲେ "ଭାରତ ଏକ ଜ୍ଞାନ ଓ ଗୁରୁଙ୍କ ଦେଶ। ମୁଁ ଫେରି ଚାଇନାରେ ଏପରି ଏକ ନୂଆ ଭାରତ ସୃଷ୍ଟି କରିବାକୁ ଚାହେଁ। ବୁଦ୍ଧଙ୍କ ବାର୍ତ୍ତା ମୋ ଦେଶର ପ୍ରତିକୋଣରେ ପହଞ୍ଚାଇବାକୁ ଚାହେଁ। ଫାହିଆନ୍ ଓ ହୁଏନ୍‌ସାଂଙ୍କ ଭଳି ଚାଇନାର ବହୁ ପରିବ୍ରାଜକ ଭାରତ ଆସିଛନ୍ତି। ଇଜିଙ୍ଗ୍ ନାମରେ ଜଣେ ବୌଦ୍ଧ ସନ୍ନ୍ୟାସୀ ଭାରତ ଆସି ୨୪ବର୍ଷ ରହିଛନ୍ତି। ସେ ଲେଖିଛନ୍ତି ଜୁଆନ୍‌ଝାଓ ନାମକ ଜଣେ ପରିବ୍ରାଜକ ଭାରତରୁ ଫେରିବାପରେ ରାଜା ଗାଓଜଙ୍ଗ ତାଙ୍କୁ ପୁଣିଥରେ ଭାରତକୁ ଯାଇ ଆୟୁର୍ବର୍ଦ୍ଧକ ଔଷଧ ଆଣିବାକୁ ପଠାଇଥିଲେ। ଜୁଆନ୍‌ଝାଓ ରାଜାଙ୍କ ଆଦେଶ ମାନି ଭାରତକୁ ପ୍ରତ୍ୟାବର୍ତ୍ତନ କଲେ। ମାତ୍ର ନିଜ ଦେଶକୁ ଫେରିବା ବାଟରେ ତାଙ୍କରେ ମୃତ୍ୟୁ ହେଲା।



ଅଷ୍ଟାଦଶ ଶତାବ୍ଦୀରେ ଇଂରେଜ ପ୍ରାଚ୍ୟ ବିଶାରଦ ୱିଲିୟମ ଜୋନ୍‌ସ (୧୭୪୬-୧୭୯୪) ଭାରତକୁ ବୁଝିବା ପାଇଁ କଲିକତା ଓ କାଶୀରେ ରହି ସଂସ୍କୃତ ଭାଷା ପଣ୍ଡିତମାନଙ୍କଠାରୁ ଶିଖିଲେ। ଲଣ୍ଡା ହେଲେ, ଧୋତି ପିନ୍ଧିଲେ ଓ ଶାକାହାରୀ ହେଲେ। ପ୍ରାଚ୍ୟ ସଂସ୍କୃତି ଭାଷା ଓ ସଭ୍ୟତା ଅଧ୍ୟୟନ ପାଇଁ ପ୍ରତିଷ୍ଠା କଲେ ଏସିଆଟିକ୍ ସୋସାଇଟି। ଫେରିଯାଇ ୟୁରୋପୀୟମାନଙ୍କୁ କହିଲେ, ଭାରତ ଏକ ଦେଶ ନୁହେଁ ଦର୍ଶନ ଓ ସଂସ୍କୃତ ଭାଷା ସବୁ ୟୁରୋପୀୟ ଭାଷାର ଜନନୀ। ଆମେରିକୀୟ ଐତିହାସିକ ଉଇଲ ଡୁରାଣ୍ଟ (୧୮୫୫-୧୯୮୧) ମଧ୍ୟ କହିଛନ୍ତି "ଭାରତ ହେଉଛି ମାନବ ଜାତିର ଜନ୍ମସ୍ଥାନ ଓ ସଂସ୍କୃତ ହେଉଛି ସବୁ ୟୁରୋପୀୟ ଭାଷାର ଜନନୀ। ଭାରତ ହେଉଛି ଆମ ଦର୍ଶନର, ଗଣିତର, ଖ୍ରୀଷ୍ଟଧର୍ମରେ ଥିବା ଅନେକ ଆଦର୍ଶର, ସ୍ୱାୟତ୍ତଶାସନ ଓ ଗଣତନ୍ତ୍ରର ମା'। ଅନେକ ଦୃଷ୍ଟିରୁ ଭାରତ ଆମ ସମସ୍ତଙ୍କର ମା'।" ବିଶିଷ୍ଟ ବ୍ରିଟିଶ ସାମ୍ବାଦିକ ମାର୍କ ଟଲି ବିବିସି ମୁଖ୍ୟ ହୋଇ ଭାରତ ଆସିଥିଲେ। ସେ ଭାରତ ପ୍ରତି ଏତେ ଆକର୍ଷିତ ହେଲେ ଯେ ଆଉ ଇଂଲଣ୍ଡ ନ ଫେରି ଭାରତୀୟ ନାଗରିକତ୍ୱ ଗ୍ରହଣ କରିନେଲେ ଓ କହିଲେ ଭାରତରେ ରହିବା ଅର୍ଥ ସାରା ପୃଥିବୀରେ ରହିବା ସଙ୍ଗେ ସମାନ। ବିଶିଷ୍ଟ ଇଂରେଜ ଜୀବବିଜ୍ଞାନୀ ଜେବି. ଏସ୍ ହେଲଡେନ୍ ଭାରତରେ ନାଗରିକତ୍ୱ ଗ୍ରହଣ କରି ହିନ୍ଦୁଧର୍ମ ଅଧ୍ୟୟନ କଲେ ଓ ଶାକାହାରୀ ହେଲେ। ସେ କହୁଥିଲେ ଯେ ଏକ ମୁକ୍ତ ବିଶ୍ୱ କେବଳ ଭାରତୀୟ ବିଚାର ଢାଞ୍ଚାରେ ଗଢ଼ିହେବ। ଆମେରିକାର ବିଶିଷ୍ଟ ଚିନ୍ତାନାୟକ ମାର୍କଟ୍ୱାଇନ୍ ଭାରତକୁ ମାନବ ସଭ୍ୟତାର ଅନ୍ତୁଡ଼ିଶାଳ କହିବା ସଙ୍ଗେ ସଙ୍ଗେ ମାନବ ଭାଷାର ଜନ୍ମସ୍ଥାନ, ଇତିହାସର ମା, କିମ୍ବଦନ୍ତୀର ମାତାମହ, ପରମ୍ପରାର ଗୋସେଇମା' ଓ ବିଶ୍ୱର ବହୁମୂଲ୍ୟବାନ ଜିନିଷର କୋଷାଗାର କହିଲେ।

ଜର୍ମାନୀର ବୋପାର୍ଡରେ ଜନ୍ମିତ (୧୯୪୮) ମାର୍ଟିନ କେମ୍ପସେନ୍ ଭିଆନାରେ ଜର୍ମାନ ଭାଷା ଓ ସାହିତ୍ୟ ଅଧ୍ୟୟନ କଲାପରେ ପ୍ୟାରିସ୍‌ରେ ଫରାସୀ ଭାଷା ଶିଖିଲେ ଓ ଭାରତ ଆସି କଲିକତାର ରାମକୃଷ୍ଣ ମିଶନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଲ୍‌ଚରରେ ଜର୍ମାନ ଭାଷାର ଶିକ୍ଷକ ଭାବେ ଯୋଗ ଦେଲେ। ରାମକୃଷ୍ଣ ପରମହଂସଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଭାରତରେ ରହିଗଲେ ଓ ଫାନ୍‌ସିସ୍ ଅଫ୍ ଆସିସି (୧୧-୧୨ ଶତାବ୍ଦୀ) ଓ ରାମକୃଷ୍ଣଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କରି ବିଶ୍ୱଭାରତୀରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କଲେ। ସେ ଲେଖିଥିଲେ "ଜନ୍ମ ସୂତ୍ରରେ ମୁଁ କ୍ୟାଥୋଲିକ୍ ଖ୍ରୀଷ୍ଟିଆନ୍, ବର୍ତ୍ତମାନ ମଧ୍ୟ ତାହା। ମାତ୍ର ମୋର ପରିଚୟକୁ ନେଇ ଆଶ୍ରମରେ କେହି କେବେ କୌଣସି ପ୍ରଶ୍ନ ଉଠାଇ ନାହାନ୍ତି ବରଂ ମୋତେ ଯଥେଷ୍ଟ ସମ୍ମାନ ଦେଇଛନ୍ତି। ମୋର ଖ୍ରୀଷ୍ଟିଆନ ଧର୍ମବିଶ୍ୱାସ ହେତୁ ମୋତେ କୌଣସି ଉତ୍ସବ ବା ଧର୍ମୀୟ ଅନୁଷ୍ଠାନରେ ଯୋଗଦେବା ପାଇଁ କେହି କେବେ ନିଷେଧ କରିନାହାନ୍ତି।" ସେ ବଙ୍ଗଳା ଶିଖି ଶ୍ରୀରାମକୃଷ୍ଣ କଥାମୃତ ଓ ସ୍ୱାମୀ ବିବେକାନନ୍ଦଙ୍କ ସମସ୍ତ କୃତି ପଢ଼ିବା ପରେ ତାକୁ ଜର୍ମାନ ଭାଷାରେ ଅନୁବାଦ କଲେ। ଏବେ କେମ୍ପସେନ୍ ଶାନ୍ତି ନିକେତନ ନିକଟରେ ଥିବା ଏକ ସାନ୍ତାଳୀ ଗାଁ ଗୋସାଲଡ଼ଙ୍ଗାକୁ ପୋଷ୍ୟଗ୍ରାମ ଭାବରେ ଗ୍ରହଣ କରି ତା'ର ବିକାଶ କରୁଛନ୍ତି। ଗାଁର ପିଲାମାନଙ୍କ ଶିକ୍ଷା ପାଇଁ ସେଠାରେ ସେ ଏକ ସାନ୍ତାଳୀ ସ୍କୁଲ ପ୍ରତିଷ୍ଠା କରିଛନ୍ତି। ପ୍ରତ୍ୟେକ ଦିନ ସେ ରହୁଥିବା ପୂର୍ବପଲ୍ଲୀରୁ ଏହି ଗାଁକୁ ସାଇକେଲ୍‌ରେ ଯିବା ଆସିବା କରନ୍ତି।

ସୁଦୂର ଅତୀତରୁ ଆଜି ପର୍ଯ୍ୟନ୍ତ କେତେ ବିଦ୍ୱାନ ବିଭିନ୍ନ ଦେଶରୁ ଆସି ଭାରତ ପ୍ରତି ଆକର୍ଷିତ ହୋଇଛନ୍ତି ଓ ଏଠାରେ ରହିଯାଇଛନ୍ତି। ଏହି ମାଟି ଟାଣି ଆଣିଛି ଶ୍ରୀମା'ଙ୍କୁ ଓ ଭଗିନୀ ନିବେଦିତାଙ୍କୁ। ସମସ୍ତେ ଏଠି ପରସ୍ପର ସହ ବାନ୍ଧି ହୋଇ ରହିଛନ୍ତି। ଏହା ହେଉଛି ଭାରତ ଭୂମିର ରହସ୍ୟ। ଏଣୁ କିଛିବର୍ଷ ପୂର୍ବେ ଭାରତରେ ଥିବା ଆମେରିକୀୟ ରାଷ୍ଟ୍ରଦୂତ ରବର୍ଟ ବ୍ଲାକଉଇଲ୍ ବିଦାୟ ନେବା ପୂର୍ବରୁ କହିଥିଲେ "ଏ ବିଚିତ୍ର ଦେଶ କେମିତି ଏତେ ଦିନ ହେଲା ଏକାଠି ଅଛି ବୁଝିପାରିଲି ନାହିଁ। ଭାରତକୁ ବୁଝିବାକୁ ହେଲେ ମୋତେ ଏଠି ଦଶଥର ଜନ୍ମ ନେବାକୁ ପଡ଼ିବ।" ଭାରତର ଏହି ରହସ୍ୟପୂର୍ଣ୍ଣ ବ୍ୟବସ୍ଥାକୁ ଦେଖି ସ୍ତମ୍ଭକାର ଭଗବାନ ପ୍ରକାଶ ଭାରତକୁ 'ଗିନାଏ ସାଲାଡ୍' କହିଥିଲେ। ଜଳନ୍ତା ଚୁଲିରେ ବସିଥିବା ହାଣ୍ଡିରେ ସବୁଦ୍ରବ୍ୟ ତରଳ ହୋଇ ଯାଏ ବୋଲି ତାକୁ କୁହାଯାଏ ମେଲ୍‌ଟିଂ ପଟ୍। ମାତ୍ର ସାଲାଡ୍ ଗିନାରେ ସବୁ ଫଳ ଓ ପରିବା ନିଜ ପରିଚୟ ନ ହଜାଇ ଏକାଠି ରହନ୍ତି। ଏହା ହେଉଛି ଭାରତମାଟିର ବୈଶିଷ୍ଟ୍ୟ। ତେଣୁ ବିଦେଶୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର।

ମୋ: ୯୪୩୭୩୨୯୨୬୩

# ବଜ୍ରକାପ୍ତା ବଞ୍ଚି ରହୁ



ବିମଳ ପ୍ରସନ୍ନ ଦାସ

ବିଡ଼ମ୍ବନା ଯେ ବିଲୁପ୍ତପ୍ରାୟ ବିରଳ ବନ୍ୟପ୍ରାଣୀ ବଜ୍ରକାପ୍ତାର ସ୍ଥିତି ଓ ସୁରକ୍ଷା ପାଇଁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ତଥ୍ୟ ଅନୁସାରେ ୨୦୧୮ ଅଗଷ୍ଟରୁ ୨୦୨୨ ଜୁନ୍ ମଧ୍ୟରେ ୧୮ ଜିଲାରେ ୪୫ଟି ଚଢ଼ାଉ ଘଟଣାରେ ୪୬ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସେଥିମଧ୍ୟରୁ ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରୁ ସର୍ବାଧିକ ୫ ଲେଖାଏ ବଜ୍ରକାପ୍ତା ଉଦ୍ଧାର ହୋଇଛି, ସେହିପରି କୋରାପୁଟ ଓ କନ୍ଧମାଳରୁ ୪ ଲେଖାଏ, ବରଗଡ଼, କଟକ ଓ ବୌଦ୍ଧରୁ ୩ ଲେଖାଏ ଏବଂ ମାଲକାନଗିରି, ରାୟଗଡ଼ା, ଖୋର୍ଦ୍ଧା ଓ ସୋନପୁରରୁ ୨ ଲେଖାଏ, ସୁନ୍ଦରଗଡ, ବାଲେଶ୍ୱର, ବରଗଡ, ଢେଙ୍କାନାଳ, ଅନୁଗୋଳ, ଗଜପତି, ଦେବଗଡ଼, ନୂଆପଡ଼ା ଜିଲାରୁ ଗୋଟିଏ କରି ବଜ୍ରକାପ୍ତା ଉଦ୍ଧାର ହୋଇଛି। ଅର୍ଥାତ୍ ୨୦୧୮ ଅଗଷ୍ଟରୁ ୨୦୨୨ ଅଗଷ୍ଟ ମଧ୍ୟରେ ମୋଟ ୨୬ଟି ଚଢ଼ାଉ ଘଟଣାରେ ମୋଟ ୨୭ଟି ବଜ୍ରକାପ୍ତା ଉଦ୍ଧାର କରାଯାଇଛି। କିନ୍ତୁ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ମାତ୍ର ୮ ମାସ ମଧ୍ୟରେ ୧୮ ଟି ଚଢ଼ାଉ ଘଟଣାରେ ୧୯ ବଜ୍ରକାପ୍ତା ଉଦ୍ଧାର ହୋଇଛନ୍ତି। ସେହିପରି ୨୦୧୬ ସେପ୍ଟେମ୍ବରରୁ ୨୦୨୧ ଅକ୍ଟୋବର ମଧ୍ୟରେ ୨୦ଟି ଘଟଣାରେ ମୋଟ ୫୪ କେଜି ବଜ୍ରକାପ୍ତା କାତି ଜବତ ହୋଇଥିବାବେଳେକେବଳ ଗତ ୮ ମାସ ଭିତରେ ପ୍ରାୟ ୨୮ କେଜିରୁ ଅଧିକ ବଜ୍ରକାପ୍ତା କାତି ଜବତ ହୋଇଛି। ଏହି ତଥ୍ୟ ସ୍ପଷ୍ଟ କରେ ଯେ ଆମ ରାଜ୍ୟରେ ବଜ୍ରକାପ୍ତା ଶିକାର ଜୋରଦାର ଚାଲିଛି। ଗତବର୍ଷ ବ୍ରହ୍ମପୁର ଡିଭିଜନ ଦିଗପହଣ୍ଡି ଅନ୍ତର୍ଗତ 'ନକାମୁଡିଆ'ଠାରେ ସର୍ବାଧିକ ୬.୯ କେଜି କାତି ଜବତ ହୋଇଥିଲା, ତେବେ ବିଗତ ୭ ବର୍ଷ ମଧ୍ୟରେ ଗୋଟିଏ ଘଟଣାରେ ସବୁଠାରୁ ଅଧିକ କାତି ଜବତ କରି ରେକର୍ଡ ବଜାୟ ରଖିଛି। ଢେଙ୍କାନାଳ ବନଖଣ୍ଡର କପିଳାସରେ ୨୪ ଜୁଲାଇ, ୨୦୨୧ରେ ଏଠାରୁ ଏକାଥରକେ ସବୁଠାରୁ ଅଧିକ ୧୪.୨କେଜି ବଜ୍ରକାପ୍ତା କାତି ଜବତ କରାଯାଇଥିଲା। ସେହିପରି ୨୦୨୧ ନଭେମ୍ବରରେ କରଞ୍ଜିଆ ବାଇପାସ୍‌ରେ ସ୍ଥାନୀୟ ପୋଲିସ ଓ କରଞ୍ଜିଆ ରେଞ୍ଜ କର୍ମଚାରୀ ଚଢ଼ାଉ କରି ୧୫ କେଜି କାତି ଜବତ କରିଥିଲେ। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି କ୍ଷେତ୍ରରେ ଏହା ହେଉଛି ନୂଆ ରେକର୍ଡ।

ବିଶେଷଜ୍ଞମାନଙ୍କ ମତରେ ବଜ୍ରକାପ୍ତା ଚୋରା ଚାଲାଣ ପାଇଁ ଓଡ଼ିଶା ପ୍ରାଥମିକ କେନ୍ଦ୍ର ପାଲଟିଛି। ରାଜ୍ୟରେ ଏହାର ମାର୍କେଟ ନ ଥିଲେ ମଧ୍ୟ ବଜ୍ରକାପ୍ତା ଓ ତା'ର କାତିକୁ ସଂଗ୍ରହ କରାଯାଇ ବେଆଇନ ଭାବରେ ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ସୀମାଦେଇ ବିଦେଶ ପଠାଯାଇଥାଏ। ବିଶେଷତଃ ଅଧିକାଂଶ ଚୋରାଚାଲାଣ ବାଂଲାଦେଶ ଓ ମ୍ୟାନମାର ଆଦି ଦେଶ ଦେଇ ଚାଇନା, ଭିଏଟନାମ, ତାଇୱାନ ପରି ଦେଶକୁ କରାଯାଇଥାଏ। ଏଠାରେ ବଜ୍ରକାପ୍ତା ମାଂସ ଅତ୍ୟନ୍ତ ସୁସ୍ୱାଦୁ ଖାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ।



ସେହିପରି ବଜ୍ରକାପ୍ତା କାତିର ସିଂହଭାଗ ଏସବୁ ଦେଶକୁ ଯାଏ। ବଜ୍ରକାପ୍ତାର ମାଂସ ଓ କାତିରୁ ମଧ୍ୟ ଔଷଧ ତିଆରି ହୁଏ। ବଜ୍ରକାପ୍ତା କାତିରେ ପ୍ରସ୍ତୁତ ଜୋତାର ଚାହିଦା ଆମେରିକା ଓ ମେକ୍ସିକୋରେ ଅଧିକ। ବଜ୍ରକାପ୍ତା କାତିରୁ ଜୋତା, ବେଲ୍‌ଟ, ହାତଘଣ୍ଟା ବ୍ୟାଣ୍ଡ ଓ ଭ୍ୟାନିଟି ବ୍ୟାଗ୍ ପ୍ରସ୍ତୁତ ହୋଇ ବହୁ ଚଢ଼ା ଦରରେ ବିକ୍ରି ହୁଏ। ଏ ସକଳ ସାମଗ୍ରିର ବଜାର ଯୁକ୍ତରାଷ୍ଟ୍ର ଆମେରିକା ବୋଲି ୱାର୍ଲଡ ୱାଇଲ୍ଡଲାଇଫ୍ ଫଣ୍ଡ ତଥ୍ୟରୁ ସ୍ପଷ୍ଟ। ବଜ୍ରକାପ୍ତା କାତିରୁ ଜ୍ୟାକେଟ ତିଆରି ହୋଇ ବହୁ ଉଚ୍ଚ ଦରରେ ବିକ୍ରି ହେବାର ନଜିର ରହିଛି। ଅନୁରୂପ ଭାବରେ ବଜ୍ରକାପ୍ତା କାତିରେ ନିର୍ମିତ ମୁଦି ହାତରେ ପିନ୍ଧିଲେ ରୋଗ ଉପଶମ ହୁଏ ବୋଲି ଭାରତ ସମେତ ଅନ୍ୟ ଦେଶରେ ବିଶ୍ୱାସ ରହିଛି, କିନ୍ତୁ ଓଡ଼ିଶାରେ ଏହା କାଁଭାଁ ବା କ୍ୱଚିତ ଦେଖାଯାଏ। ଏବେ ଭାରତରେ ଏହିସବୁ ସାମଗ୍ରୀର ଆମଦାନୀ ଓ କାରବାର ଉପରେ ନିଷିଦ୍ଧ, ଘୋଷଣା କରାଯାଇଛି।

ଦୁଃଖଦ ବିଷୟ ଯେ ଏ ସମ୍ପର୍କରେ ତଦନ୍ତ ଓ ମାମଲା ପରିଚାଳନା ଅତ୍ୟନ୍ତ ଦୁର୍ବଳ, ଯଦିଓ ୧୯୭୨ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ବଜ୍ରକାପ୍ତା ସଂରକ୍ଷଣ ଏକ ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ, ଏ ପର୍ଯ୍ୟନ୍ତ ଜଣେ ହେଲେ ଶିକାରୀ, ଚାଲାଣକାରୀ ଓ ବେପାରୀଙ୍କୁ ଦଣ୍ଡବିଧାନ ହୋଇପାରିଲା ନାହିଁ। ଆଗରୁ କେବଳ ବନ ବିଭାଗ ବନ୍ୟପ୍ରାଣୀ ମାମଲା ରୁଜୁ କରି କୋର୍ଟକୁ ପଠାଉଥିବାବେଳେ ଏବେ ଏସ୍‌ଟିଏଫ୍ ଓ କ୍ରାଇମ୍‌ବ୍ରାଞ୍ଚ ଗଠନ ହେବା ପରେ କେବଳ ବଜ୍ରକାପ୍ତା ବା କାତି ଧରି ବନ ବିଭାଗକୁ ଦେଇ ଦାୟିତ୍ୱ ସାରି ଦେଉଛନ୍ତି। ଏମାନେ ନିଜେ ମାମଲା ରୁଜୁ କରୁନାହାନ୍ତି। ବନ ବିଭାଗ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରି ପାରୁନାହିଁ। ଫଳରେ ଶିକାରୀ ଓ ଚାଲାଣକାରୀଙ୍କୁ ଖୋଲା ସୁଯୋଗ ମିଳୁଛି। ବଢୁଛି ଶିକାର ଓ ଚୋରାଚାଲାଣ।

ସାରା ପୃଥିବୀରେ ଶିକାର ଓ ଚୋରାଚାଲାଣ ହେଉଥିବା ସବୁଠାରୁ ନିରୀହ ବନ୍ୟପ୍ରାଣୀ ହେଉଛି ବଜ୍ରକାପ୍ତା। ଏହି ପ୍ରାଣୀ ଆଜି ବିଲୁପ୍ତପ୍ରାୟ ହେବାକୁ ବସିଲାଣି। ଆମ ରାଜ୍ୟରେ ବଜ୍ରକାପ୍ତା ଶିକାର ଜୋରସୋର ତଥା ଅବାଧରେ ଚାଲିଛି। ଇତିମଧ୍ୟରେ ଯଦିଓ ଅନେକ ବେପାରି ଓ ଚୋରା ଚାଲାଣକାରୀ ଗିରଫ ହୋଇଛନ୍ତି ତଥାପି ଏ ଦିଗରେ ଚୋରା କାରବାର ଥମିବାର ନାଁ ନେଉନାହିଁ।

ବଜ୍ରକାପ୍ତା ଆମ 'ଇକୋସିଷ୍ଟମ୍'ରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସଂପୃକ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ନ ହେଲେ ଏହି ବିରଳ ବନ୍ୟପ୍ରାଣୀ ଅଚିରେ ହୁଏତ ଲୋପପାଇବ ଓ ଆମ ପରପିଢ଼ି ପିଲାମାନେ କେବଳ ତା'ର ଛବି ଦେଖି ଜାଣିବେ ଯେ ଏପରି ଏକ ବିରଳ ବନ୍ୟପ୍ରାଣୀ ଥିଲା। ସରକାର ଓ ଜନସାଧାରଣ ଏ ଦିଗରେ ସଚେତନ ହେବା ଆଜିର ଜରୁରୀ ଆହ୍ୱାନ, ବଜ୍ରକାପ୍ତା ବଞ୍ଚି ରହୁ - ଏତିକି ଆମ ହୃଦୟକୁ ସ୍ପନ୍ଦିତ କରୁ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ସାମ୍ପ୍ରତି ମୋବାଇଲ ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ତେବେ ଏହାର ଅତ୍ୟଧିକ ବ୍ୟବହାର ଯୋଗୁ ପାରିବାରିକ ଜୀବନରେ ଝଡ଼ ସୃଷ୍ଟିହୋଇ ସ୍ୱାମୀ ଓ ସ୍ତ୍ରୀଙ୍କ ଝଗଡ଼ା ଶେଷରେ ପୋଲିସ ଷ୍ଟେଶନରେ ପହଞ୍ଚିଛି। ଏଭଳି ଏକ ଘଟଣା ଉତ୍ତରପ୍ରଦେଶର କୁଶାନଗରରେ ଘଟିଛି। ନେବୁଆ ନୌରଙ୍ଗିଆ ଅଞ୍ଚଳରେ ସ୍ତ୍ରୀ ମୋବାଇଲରେ ସବୁବେଳେ ବ୍ୟସ୍ତ ରହି ଘରକାମ ଓ ପୁଅର ପାଠପଢ଼ାକୁ ଅଣଦେଖା କରୁଥିଲେ। ଶେଷରେ ସ୍ୱାମୀଙ୍କର ସହିବା ସୀମା ଟପିଯାଇଥିଲା। ସେ ସ୍ତ୍ରୀଙ୍କଠାରୁ ମୋବାଇଲ ଛଡ଼ାଇ ଆଣିଥିଲେ। ଫଳରେ କ୍ରୋଧ ବଶତଃ ସ୍ତ୍ରୀ ରାତିରେ ପୁଅକୁ ନେଇ ଘରୁ ବାହାରି ଯାଇଥିଲେ। ସ୍ୱାମୀ ସେମାନଙ୍କୁ ଖୋଜିବା ପାଇଁ ବାହାରିଥିଲେ। ରାସ୍ତାରେ ସ୍ତ୍ରୀଙ୍କ ସହିତ ତାଙ୍କର ଦେଖାହେବା ପରେ ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଶେଷରେ ସେମାନେ ପୋଲିସ ଷ୍ଟେଶନରେ ପହଞ୍ଚିଥିଲେ। ସ୍ତ୍ରୀ ମୋବାଇଲ ନ ମିଳିଲେ ଘରକୁ ଫେରିବେ ନାହିଁ ବୋଲି କହିଥିଲେ। ପୋଲିସ ଉଭୟଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ସେମାନେ ନୂଆ ଭାବେ ଜୀବନ ଆରମ୍ଭ କରିବେ ବୋଲି ଥାନାରେ ଶପଥ ନେଇ ଘରକୁ ଫେରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୭

- ଆଲଜେରିଆର ନୋରସାଦା ନିକଟ ରାଜପଥ ଉପରେ ଉଗ୍ରପନ୍ଥୀମାନେ ରାସ୍ତା ଉପରେ କାଠଗଡ଼ ପକାଇ ଗାଡ଼ି ମଧ୍ୟରୁ ୧୧ଜଣ ଯାତ୍ରୀଙ୍କୁ ଭିଡ଼ିଆଣି ଗଳାକାଟି ହତ୍ୟା କରିଛନ୍ତି।
- ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ନେଇ ଭାରତ-ରୁଷିଆ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ବମ୍ବେ ହକି ଆସୋସିଏସନ ସଭାପତି ପଦରୁ ବାପ୍‌ଟିଷ୍ଟ ଡି'ସୌଜାଙ୍କ ଇସ୍ତଫା ପ୍ରଦାନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 9 | | 2 | |
| | | | | | | 7 | | |
| 3 | | | | | | 6 | | |
| 4 | | | | | | | | |
| | 6 | 8 | | | 7 | | 4 | |
| | | | 3 | 5 | | | | |
| | | 2 | | | 8 | 4 | 1 | 7 |
| | | | | | | 3 | 9 | |
| | | 9 | 5 | 7 | | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 6 | 4 | 1 | 8 | 7 | 5 |
| 7 | 4 | 5 | 2 | 3 | 8 | 6 | 1 | 9 |
| 8 | 6 | 1 | 9 | 7 | 5 | 4 | 3 | 2 |
| 4 | 3 | 7 | 5 | 8 | 2 | 9 | 6 | 1 |
| 1 | 8 | 2 | 3 | 9 | 6 | 7 | 5 | 4 |
| 9 | 5 | 6 | 7 | 1 | 4 | 3 | 2 | 8 |
| 6 | 1 | 3 | 4 | 5 | 9 | 2 | 8 | 7 |
| 2 | 9 | 8 | 1 | 6 | 7 | 5 | 4 | 3 |
| 5 | 7 | 4 | 8 | 2 | 3 | 1 | 9 | 6 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡବିଧି ଆଇନରେ ପରିବର୍ତ୍ତନ ହେଉ

ମହାଶୟ,

ଆଜିକାଲି ବଜାରକୁ ଗଲେ କ'ଣ କିଣିବୁ, କ'ଣ ଖାଇବୁ ବୋଲି ମନରେ ପ୍ରଶ୍ନ ଉଠେ। ଦୈନିକ ଗଣମାଧ୍ୟମରୁ ମାଳମାଳ ଅସାଧୁ କଳାବେପାରୀ ନିର୍ଭୟରେ ବୁଲୁଛନ୍ତି। ଏମାନେ ନିଜର ଅର୍ଥଲାଳସା ମେଣ୍ଟାଇବା ପାଇଁ ମଣିଷ ସମାଜକୁ ଧ୍ୱଂସ କରିବା ପାଇଁ ତତ୍ପର। ଆମ ଦଣ୍ଡବିଧିରେ କେଉଁଠି ନା କେଉଁଠି ଛିଦ୍ର ରହିଛି। ଅନ୍ୟାୟ ଅର୍ଜିତ ଧନରୁ କିଛି କିଛି ବ୍ୟୟ କରି ଖସିଯାଇ ପୁନଃ ନୂତନ ରୂପରେ ଦେଖାଯାଉଛନ୍ତି। ଏଥିରେ ଶୁଣାଯାଏ, କିଛି ଅସାଧୁ ରାଜନେତା, ସରକାରୀ ଅଧିକାରୀ ଓ କର୍ମଚାରୀ ମଧ୍ୟ ସେମାନଙ୍କ ପୃଷ୍ଠପୋଷକ ସାଜି ସାହାଯ୍ୟ କରୁଛନ୍ତି। ଏହି ଦୁର୍ନୀତି, କଳାବଜାରରେ ଲିପ୍ତ ବ୍ୟକ୍ତିମାନେ ପରୋକ୍ଷରେ ନରହତ୍ୟାକାରୀ। ଏମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ଗଢ଼ାଯାଇ ସମୂଳେ ନାଶ କରାଯିବା ଉଚିତ। ଆଇନରେ ପରିବର୍ତ୍ତନ ଅଣାଯାଇ ଏହାକୁ ଠିକ ଭାବେ ପାଳନ କରାନଗଲେ ମିଠା ଦୋକାନରୁ ମାଛି ଉଡ଼େଇଲା ପରି ପୋଲିସ ଅସାଧୁ କଳାବେପାରୀଙ୍କୁ ଧରୁଥିବେ ଓ ସେମାନେ ଉଡ଼ିଯାଇ ପୁଣି ମିଠା ଉପରେ ବସୁଥିବେ, ଏଇପରି ଚାଲିଥିବ।

- ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଊର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ?

(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୋମେଶ୍ ପରିବାରବର୍ଗ


ମୌସୁମୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଦ୍ମପୁର ଉପନିର୍ବାଚନ: ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍, ୧୯।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ଭୋଟ ଗ୍ରହଣ ହେବ। ନିର୍ବାଚନକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବାକୁ ପୋଲିସ, ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଶନିବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇ କହିଥିଲେ, ନିର୍ବାଚନ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ, ପୋଲିସ ପର୍ଯ୍ୟବେକ୍ଷକ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସବୁ ବ୍ୟବସ୍ଥା ତଦାରଖ କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସମୁଦାୟ ୩୧୯ ବୁଥ୍ ଥିବାବେଳେ ସେଥିରୁ ୧୫୨ ସମ୍ବେଦନଶୀଳ ଏବଂ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ସେହି ବୁଥ୍ ପାଇଁ ଭିଡ଼ିଓଗ୍ରାଫି, ୱେବ୍ କାଷ୍ଟିଙ୍ଗ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମାଇକ୍ରୋ ଅବଜର୍ଭର ନିଯୁକ୍ତି ସହିତ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଥିବା ଜିଲାପାଳ ବାନାର୍ଜୀ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସପି।

ସେହିପରି ଏସ୍‌ପି ସ୍ମିତ୍ ପି. ପରମାର୍ ସୂଚନା ଦେଇଥିଲେ, ସୁରକ୍ଷା ବ୍ୟବସ୍ଥା ପାଇଁ ସବୁଦିଗ ଉପରେ ନଜର ରଖାଯାଇଛି। ଏଥିପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ଇଲେକ୍ସନ ସେଲ୍ ଖୋଲାଯାଇଛି। ବର୍ତ୍ତମାନ ୬ ଫ୍ଲାଇଂ ସ୍କ୍ୱାଡ୍, ୪ ଭିଡ଼ିଓ ସର୍ଭେଲାନ୍ସ ଟିମ୍, ୩ ଷ୍ଟାଟିକ୍ ସର୍ଭେଲେନ୍ସ ଟିମ୍ କାର୍ଯ୍ୟ କରୁଥିବାବେଳେ ୧୦ଟି ସ୍ଥାନରେ ଚେକ୍‌ପୋଷ୍ଟ ସ୍ଥାପନ କରାଯାଇଛି। ଟଙ୍କା, ନିଶା, ଅସ୍ତ୍ରଶସ୍ତ୍ର ଏବଂ ଅସାମାଜିକ କାର୍ଯ୍ୟ ପ୍ରତି ନଜର ରଖାଯାଇଥିବା ଏସ୍‌ପି କହିଛନ୍ତି। ଆଗକୁ ଆହୁରି ୧୨ଟି ସ୍ଥାନରେ ଚେକ୍ ପୋଷ୍ଟ କରାଯିବାର ପ୍ରସ୍ତାବ ରହିଥିବାବେଳେ ବର୍ତ୍ତମାନ ୪ ପ୍ଲାଟୁନ ସିଆର୍‌ପିଏଫ୍, ୧ପ୍ଲାଟୁନ ଏସ୍‌ଓଜି, ୧ପ୍ଲାଟୁନ ଡିଭିଏଫ୍ ଟିମ୍ ରହିଛନ୍ତି। ଆଗକୁ ଆହୁରି ୫ ପ୍ଲାଟୁନ ସିପିଏଫ୍ ଯବାନ ଆସିବାର ରହିଛି। ମାଓବାଦୀ ଉପଦ୍ରୁତ ଅଞ୍ଚଳ ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି। ବାଇକ୍, ୪ଚକିଆ ଗାଡ଼ି ଯାଞ୍ଚ ସହ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହାସହିତ ନିର୍ବାଚନ ସମ୍ପର୍କିତ କିଛି ଆପରାଧିକ କାର୍ଯ୍ୟ ସମ୍ପର୍କରେ ଖବର ପାଇଲେ କଣ୍ଟ୍ରୋଲ ରୁମ୍‌କୁ ୦୬୬୪୬ ୨୩୦୦୫୦, ୦୬୬୪୬ ୨୩୪୪୮୨ କିମ୍ବା ୯୪୩୮୯୧୬୭୧୪ ନମ୍ବରରେ ସୂଚନା ଦେବାକୁ ଏସ୍‌ପି ନିବେଦନ କରିଛନ୍ତି।


CLASSIFIED DISPLAY ALL EDITION - B/W (Everyday)
MORE SPACE ' SAME PRICE
TARIFF
for Booking Contact 0674-2580385 8637280816, 7894447167, 9338226625

## ନ୍ୟାଶନାଲ ଫାଇନାନ୍ସ

ଭାରତର ନଂ.୧ ବିଶ୍ୱସନୀୟ କମ୍ପାନୀ ନ୍ୟାଶନାଲ ଫାଇନାନ୍ସ ସବୁ ସରକାରୀ ଯୋଜନା ଅଧୀନରେ ପର୍ସନାଲ, ଆଧାର କାର୍ଡ । ସମସ୍ତ ଋଣ 2% ସୁଧ, 40% ଛାଡ଼ (ମହିଳାଙ୍କ ପାଇଁ ବିଶେଷ ରିହାତି)
ଏଜେଣ୍ଟ ଆମନ୍ତ୍ରିତ –
**9807641532**


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି, ଭାଜପା, କଂଗ୍ରେସର ଷ୍ଟାର ପ୍ରଚାରକ: ପ୍ରତି ଦଳରୁ ୪୦

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**



ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ନିଜ ପ୍ରାର୍ଥୀ ସପକ୍ଷରେ ଭୋଟ ଆଣିବାକୁ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଶନିବାର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରାଯାଇଛି।

ବିଜେଡି ପକ୍ଷରୁ ଜାରି ଷ୍ଟାର ପ୍ରଚାରକ ତାଲିକାରେ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ନିରଞ୍ଜନ ପୂଜାରୀ, ପ୍ରତାପ କେଶରୀ ଦେବ, ରାଜେନ୍ଦ୍ର ଢୋଲକିଆ, ନବକିଶୋର ଦାସ, ସମୀର ରଞ୍ଜନ ଦାଶ, ରୋହିତ ପୂଜାରୀ, ଟୁକୁନି ସାହୁ ଓ ରୀତା ସାହୁ ରହିଛନ୍ତି। ସେହିପରି ଏମ୍‌ପି ରମେଶ ଚନ୍ଦ୍ର ମାଝି,ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅରୁଣ ସାହୁ, ସୁଶାନ୍ତ ସିଂ, ଶାରଦା ନାୟକ, ପ୍ରଶାନ୍ତ ମୁଦୁଲି, ମନୋହର ରନ୍ଧାରୀ, ଦେବେଶ ଆଚାର୍ଯ୍ୟ, ସୁଧୀର କୁମାର ସାମଲ, ସ୍ନେହାଙ୍ଗିନୀ ଛୁରିଆ, ଦିବ୍ୟଶଙ୍କର ମିଶ୍ର, ବିକ୍ରମ ପଣ୍ଡା, ରାଜେନ୍ଦ୍ର କୁମାର ସାହୁ, ଚନ୍ଦ୍ରସାରଥି ବେହେରା, ବ୍ରଜ କିଶୋର ପ୍ରଧାନ ଓ ଅଲକା ମହାନ୍ତି ରହିଛନ୍ତି। ସେହିପରି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପୁଷ୍ପେନ୍ଦ୍ର ସିଂଦେଓ, ରବୀନ୍ଦ୍ର ଜେନା, କଳିକେଶ ନାରାୟଣ ସିଂଦେଓ, ବିଭୂତି ବଳବନ୍ତରାୟ, ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଦୀପ ମାଝି, ଆକାଶ ଦାସ ନାୟକ, ଶ୍ରୀମୟୀ ମିଶ୍ର, ଅରିନ୍ଦମ ରାୟ ଓ ସତ୍ୟବ୍ରତ ତ୍ରିପାଠୀଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ଦିଆଯାଇଛି। ଧାମନଗର ଉପନିର୍ବାଚନ ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସମେତ ଦଳର ଯୁବ ସଭାପତି ବ୍ୟୋମକେଶ ରାୟ, ଛାତ୍ର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଯୁବବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ମହାସଚିବ ଏଲିନା ଦାସ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଆଦିଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ମିଳିନାହିଁ। ସେମାନଙ୍କୁ ପଦ୍ମପୁର ଉପନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖାଯାଇଛି। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ନିର୍ଦ୍ଦେଶରେ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ଓ ପ୍ରଣବ ବଳବନ୍ତରାୟ ଏବେ ପଦ୍ମପୁରରେ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦଳ ପାଇଁ ପଦ୍ମପୁର ଉପନିର୍ବାଚନ ଜିତିବା ସବୁଠୁ ବଡ଼ ସମ୍ମାନର ପ୍ରଶ୍ନ ଥିବାରୁ ସାଙ୍ଗଠନିକ ସମ୍ପାଦକ ସେଠାରେ ରହି ନିର୍ବାଚନ ପରିଚାଳନା କରୁଥିବା ଜଣାପଡ଼ିଛି।

ସେହିପରି ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପା ମଧ୍ୟ ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି। ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସପକ୍ଷରେ ୪ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଅର୍ଜୁନ ମୁଣ୍ଡା ଓ ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ଦଳର ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଦଳର ପ୍ରଭାରୀ ସୁନୀଲ ବଂଶଲ, ଡି. ପୁରନ୍ଦେଶ୍ୱରୀ, ବିଜୟପାଲ ସିଂ ତୋମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆଦିବାସୀ ନେତା ଗିରିଧର ଗମାଙ୍ଗ ପ୍ରଚାର ମଇଦାନକୁ ଓହ୍ଲାଇବା ସମ୍ଭାବନା ରହିଛି। ଦଳ ପକ୍ଷରୁ ଜାରି କରାଯାଇଥିବା ଷ୍ଟାର ପ୍ରଚାରକ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଜୁଏଲ ଓରାମ, ସୁରେଶ ପୂଜାରୀ, ଅପରାଜିତା ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ନୀତିଶ ଗଙ୍ଗଦେବ, ସଙ୍ଗୀତା ସିଂଦେଓଙ୍କ ସମେତ ବିଧାୟକ ନାଉରୀ ନାଏକ, ମୋହନ ଚରଣ ମାଝି, ଶଙ୍କର ଓରାମ, ନିତ୍ୟାନନ୍ଦ ଗଣ୍ଡ, ଭବାନୀଶଙ୍କର ଭୋଇ, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ନବନିର୍ବାଚିତ ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ବରିଷ୍ଠ ନେତା ମନମୋହନ ସାମଲ, କେଭି ସିଂଦେଓ, ସମ୍ବିତ ପାତ୍ର, ଚୁନିଲାଲ ସାହୁ, ସୁରମା ପାଢୀ, ରବିନାରାୟଣ ନାଏକ, ମାନସ କୁମାର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ପ୍ରସାଦ ମହାପାତ୍ର, ରଞ୍ଜନ କୁମାର ପଟେଲ, ବିଭୁପ୍ରସାଦ ତରାଇ ଓ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଦଳର ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରାଯାଇଛି।

ସେହିପରି ଚଳିତ ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ତାଲିକା ଅଖିଳ ଭାରତ କଂଗ୍ରେସ କମିଟିଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ତାଲିକାରେ ଓଡ଼ିଶା ପ୍ରଭାରୀ ଏମ୍‌ପି ଡ. ଏ ଚେଲ୍ଲାକୁମାର, ଏଆଇସିସି ସମ୍ପାଦକ ଜି. ରୁଦ୍ର ରାଜୁ, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଚିରଞ୍ଜୀବୀ ବିଶ୍ୱାଳ, ଭକ୍ତଚରଣ ଦାସ, ଶରତ ରାଉତ, ସପ୍ତଗିରି ଉଲ୍ଲାକା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ଅଧିରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗୋ, ସିଏସ ରାଜନ ଏକ୍କା, ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଗଣେଶ୍ୱର ବେହେରା, ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ଅନନ୍ତ ପ୍ରସାଦ ସେଠୀ, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, କିଶୋର ଚନ୍ଦ୍ର ପଟେଲ,ସୁରେନ୍ଦ୍ର ସିଂ ଭୋଇ,ଦେବାଶିଷ ପଟ୍ଟନାୟକ, ସଞ୍ଜୟ ଭୋଇ,ଯଜ୍ଞେଶ୍ୱର ବାବୁ, ପ୍ରକାଶ ଚନ୍ଦ୍ର ଦେବତା,ଅମିୟ ପଟ୍ଟନାୟକ, ଭୁଜବଳ ମାଝି , ବାଙ୍କନିଧି ବେହେରା, ହମିଦ ହୁସେନ, ସ୍ମୃତି ରଞ୍ଜନ ଲେଙ୍କା ଓ ୟାସିର ନୱାଜ ପ୍ରମୁଖ ରହିଛନ୍ତି।

# ପ୍ରଚାରରେ ଆସିଥିବା ନେତାଙ୍କୁ ଜଣାଇଲେ ଗାଁ ସମସ୍ୟା

**ପାଇକମାଳ, ୧୯।୧୧ (ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ରସମୁଣ୍ଡା ଗ୍ରାମକୁ ଏଯାଏ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇରହିଛି। ରସମୁଣ୍ଡା ଗାଁରେ ସ୍କୁଲ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢା ଅସୁବିଧା ଦେଖାଯାଉଛି। ଗାଁ ପୋଖରୀରେ ପାଚେରି, ପାହାଚ ସହ ପଙ୍କୋଦ୍ଧାର, ମିଲ୍‌ପଡାରେ ନଳକୂଅ ଖନନ, ଜଙ୍ଗଲକୁ ତାର ବାଡ ବ୍ୟବସ୍ଥା, ଗାଁ ରାସ୍ତା ସମ୍ପୂର୍ଣ୍ଣ, ମାଝୀପାଲିରୁ ରସମୁଣ୍ଡାକୁ ପାନୀୟଜଳ ଯୋଗାଣ ସମସ୍ୟା ରହିଛି। ଏହିସମସ୍ୟାଗୁଡ଼ିକର ସମାଧାନ ପାଇଁ ଶୁକ୍ରବାର ରାତିରେ ରସମୁଣ୍ଡା ଗ୍ରାମକୁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସପକ୍ଷରେ ପ୍ରଚାର କରିବାକୁ ଆସିଥିବା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଗ୍ରାମବାସୀ ଦାବି ଜଣାଇଥିଲେ। ବୈଠକରେ ଭିଷ୍ମଦେବ ବରିହା, ତରଣୀ ମଲ୍ଲିକ, କେଶବ ବାଗ, କୃଷ୍ଣା ଶବର, ମାୟାଧର ବରିହାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ଭାଜପା

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ନିର୍ବାଚନମଣ୍ଡଳୀରେ ଥିବା କୌଣସି ସରକାରୀ ଅଧିକାରୀ କିମ୍ବା ସରକାରୀ ଚାକିରି କରୁଥିବା ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା ପାଇଁ ବାରଣ କରାଯାଇଛି। ଆଗାମୀ ପଦ୍ମପୁର ଉପନିର୍ବାଚନ ପରିଚାଳନା ପରିପ୍ରେକ୍ଷୀରେ ନିର୍ବାଚନମଣ୍ଡଳୀର ସମସ୍ତ 'କାର୍ଯ୍ୟରତ କିମ୍ବା ବାସିନ୍ଦା' ସରକାରୀ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱରୁ ବାଦ୍ ଦେବାକୁ ଭାଜପା ଦାବି କରିଛି। ସେହିପରି ମତଦାନ ସମୟରେ ମୋବାଇଲ ଫୋନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଉ। ଏଥିସହ ଆଗାମୀ ପଦ୍ମପୁର ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବା ଦାବିରେ ଶନିବାର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛନ୍ତି।

ସରକାରୀ କର୍ମଚାରୀଙ୍କୁ ଶାସକ ଦଳର କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ପ୍ରବର୍ତ୍ତାଇବା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏହି କାରଣରୁ ଅବାଧ, ନିରପେକ୍ଷ ଓ ମୁକ୍ତ ନିର୍ବାଚନ ପରିଚାଳନା ଉପରେ ବାରମ୍ବାର ପ୍ରଶ୍ନ ଉଠୁଛି। ପଦ୍ମପୁର ନିର୍ବାଚନମଣ୍ଡଳୀରେ ଭୋଟ ହାତେଇବା ପାଇଁ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ହୀନ ରାଜନୀତି କରି ମତଦାତାଙ୍କୁ ଭ୍ରମିତ କରୁଛନ୍ତି। ଉପନିର୍ବାଚନ ହାରିବା ଭୟରେ ବିଜେଡି ବ୍ୟସ୍ତ ହୋଇ ପ୍ରଶାସନ କଳ, ବଳ ବ୍ୟବହାର କରିବା ଆରମ୍ଭ କରିଦେଇଛି। ଶାସକ ବିଜେଡିର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏବଂ ସ୍ଥାନୀୟ ଜିଲାପାଳଙ୍କ ସହାୟତାରେ ପଞ୍ଚାୟତିରାଜ, ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି, ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଶାସକ ବିଜୁ ଜନତା ଦଳ ସପକ୍ଷରେ ଭୋଟ କରାଇବା କାର୍ଯ୍ୟ କରୁଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗ ତୁରନ୍ତ ହସ୍ତକ୍ଷେପ କରି ଏହି ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ଭାଜପା ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହମୁଖ୍ୟ ସୁଜିତ କୁମାର ଦାସ ଏବଂ ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday 0674-2580101, 2549949


MATRIMONIAL

## BRIDE WANTED

Gopal Boy height 5'9", Age-40 fair good looking contractor (Govt.) Father Engineer (Late) Gopal girl Fair, Tall, Educated from a good family wanted without S.E., S.T., others can contact. M- 9777665912. D-1966

Handsome Khandayat boy, M.Tech/ MBA, Infosys Engineer. "SUHAG".9938199964, 9090486408. D-2018

Brahmin Boy, 1991, 5'11", B.Tech (NIT) serving Bangalore "SUNASANSAR". 9937512659, 8249969649. D-2044

## GROOM WANTED

Doctor Groom require for Brahmin lady Doctor, age-27, working in Public Sector in Bhubaneswar. Contact direct No.-9778312631. D-2046

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE

## SALE

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

Residential gharabari plot at Brahmanjharilo, Cuttack with boundarywall, electripole, inside Temple, on Bank Loan facilities near English Medium High School. 6 km. from Phulnakhara, 11km. from Bhubaneswar. 7809525452. D-74000

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-1866

6000sqft. converted plot sale at Khandagiri backside of Amri Hospital, sqft.-3000/-, 9776866520. D-74156

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525432. D-73996

Luxurious 4BHK Duplex near Balianta Bazar. Land-1400 Construction- 2200– 85Lakh. 9938219397, 9861022055. D-2034

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658. D-74145

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

GA Freehold 3750sft. west facing 2.30 Cr. immediate for sale. Contact: 9861040268. D-71663




Residential house 2rooms, Toilet, Kitchen, Marble flooring, opposite Hotel Precidency Nayapalli, 7077754377. D-74154

3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73896




Relax, Refresh your body, Mind at Saikrupa Spa with best therapies. 8984068077. D-2048

Full body massage by smart/expert therapist @999 only. 9078484455. D-73660

Newly open full body massage ladies and gents. 8327740003, 8093860513. D-73999

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74601


BUSINESS

Jaydeep Mitra Tax Consultant provides services like GST, EPF, ESI, I.TAX - maintenance & assessment work. M- 9875315823 website - www. jaydeepmitra. D-2045

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**16th Death Anniversary**


LATE PRAVIN PATTANAIK (BUBUL)
DOB: 25.11.1986
DOD: 20.11.2006
Time flies fast.
Life goes on at its own pace,
But some memories can
Never be erased
From the mind,
You will always remain
in our thoughts.
In reverence & remembrance Pravin Memorial Trust
Malipada, Bhubaneswar
D-2040

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ବଂଶୀଧର ମହାରଣା
ପୂର୍ବତନ ପୋଲିସ ଇନ୍ସପେକ୍ଟର
ଜନ୍ମ: ୨୦।୦୬।୧୯୫୮
ଦେହତ୍ୟାଗ: ୧୬।୧୧।୨୦୨୨
ତାଙ୍କର ପୁତ୍ର ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମହାରଣା ଓ ତାଙ୍କ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ପ୍ରଦାନ କରିବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ।
ଧ-୨୦୪୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


✓ କୃଷ୍ଣଚନ୍ଦ୍ର ଦାସ
ଆବିର୍ଭାବ: ୧୫.୦୩.୧୯୫୦
ତିରୋଧାନ: ୦୧.୧୨.୨୦୨୧
ଜି.ଏ.-୨୧୦, ଗଣପତି ଆପାର୍ଟମେଣ୍ଟ, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।"
ଶୋକସନ୍ତପ୍ତ:
ହତଭାଗ୍ୟା ପତ୍ନୀ ଗୀତାଞ୍ଜଳି, କନ୍ୟା ସ୍ମିତା, ସଙ୍ଗୀତା, ଜ୍ୱାଇଁ ସନ୍ଦୀପ ମିଶ୍ର, ନାତୁଣି ପିଉ, ପୁତ୍ର ସନ୍ଦୀପ ଦାସ ଏବଂ ଆତ୍ମୀୟସ୍ୱଜନବୃନ୍ଦ
ଧ-୨୦୪୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୦ ନଭେମ୍ବର, ୨୦୨୨ Bhubaneswar, Sunday, November 20/2022



କାତାରର ସର୍ବାଧିକ ୮୦,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଲୁସେଲ ଆଇକନିକ ଷ୍ଟାଡିୟମ।

# କାତାର ପ୍ରସ୍ତୁତ

ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ଫିଫା ବିଶ୍ୱକପ୍ ପାଇଁ କାତାର ପ୍ରସ୍ତୁତ। ବିଶ୍ୱର ଶ୍ରେଷ୍ଠ ୩୨ଟି ଦଳକୁ ନେଇ ହେବ ୬୪ ମ୍ୟାଚ। ଅଲ୍ ବାୟଟ ଷ୍ଟାଡିୟମରେ ରବିବାର ଆରମ୍ଭ ହେବ ଫୁଟବଲ ମହାକୁମ୍ଭ। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ କାତାରକୁ ଭେଟିବ ଇକ୍ୱେଡର। ଡିସେମ୍ବର ୧୮ରେ ଲୁସେଲ ଆଇକନିକ୍ ଷ୍ଟାଡିୟମରେ ହେବ ମେଗା ଫାଇନାଲ।

FIFA WORLD CUP Qatar2022

## ଫିଫା ବିଶ୍ୱକପ୍ ଭେନ୍ୟୁ

| ଷ୍ଟାଡିୟମ | ସହର | ମ୍ୟାଚ | ଦର୍ଶକ କ୍ଷମତା |
|---|---|---|---|
| ଲୁସେଲ ଆଇକନିକ ଷ୍ଟାଡିୟମ | ଲୁସେଲ | ୧୦ | ୮୦,୦୦୦ |
| ଅଲ୍ ବାୟଟ ଷ୍ଟାଡିୟମ | ଅଲ୍ ଖୋର୍ | ୯ | ୬୦,୦୦୦ |
| ଅଲ୍ ଜାନୋଉବ ଷ୍ଟାଡିୟମ | ଅଲ୍ ୱାକ୍ରା | ୭ | ୪୦,୦୦୦ |
| ଅହମଦ ବିନ୍ ଅଲୀ ଷ୍ଟାଡିୟମ | ଅଲ୍ ରାୟାନ | ୭ | ୪୦,୦୦୦ |
| ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ | ଅଲ୍ ରାୟାନ | ୮ | ୪୦,୦୦୦ |
| ଏଜୁକେଶନ ସିଟି ଷ୍ଟାଡିୟମ | ଅଲ୍ ରାୟାନ | ୮ | ୪୦,୦୦୦ |
| ଷ୍ଟାଡିୟମ ୯୭୪ | ଦୋହା | ୭ | ୪୦,୦୦୦ |
| ଅଲ୍ ଥୁମାମା ଷ୍ଟାଡିୟମ | ଦୋହା | ୮ | ୪୦,୦୦୦ |

# ଯୁବ ଖେଳାଳିଙ୍କ ଉପରେ ନଜର

**ପୁ**ରୁଷ ଫୁଟ୍‌ବଲ ବିଶ୍ୱକପ୍ ମହାକୁମ୍ଭ କାତାରରେ ରବିବାର ଆରମ୍ଭ ହେଉଛି। ପ୍ରଥମ ଥର ପାଇଁ ମଧ୍ୟପ୍ରାଚ୍ୟରେ ଏହି ଟୁର୍ନାମେଣ୍ଟ ହେଉଥିବା ବେଳେ ଦ୍ୱିତୀୟ ଥର ପାଇଁ ଏହା ଏସିଆ ମହାଦେଶକୁ ଫେରୁଛି। ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପରି ଅନେକ ସୁପରଷ୍ଟାର ଖେଳାଳିଙ୍କ ଏହା ସମ୍ଭବତଃ ଅନ୍ତିମ ବିଶ୍ୱକପ୍ ହୋଇପାରେ। ଏହା ସହିତ ଅନେକ ପ୍ରତିଭାବାନ୍ ଯୁବ ଖେଳାଳି ଚଳିତ ବିଶ୍ୱକପ୍‌ରେ ନିଜର ଯାତ୍ରା ଆରମ୍ଭ ମଧ୍ୟ କରିଛନ୍ତି। କାତାର ୨୦୨୨ ପୂର୍ବରୁ ଏହି ଯୁବ ଖେଳାଳିଙ୍କ ଉପରେ ଆସନ୍ତୁ ନଜର ପକାଇବା।

**ପେଡ୍ରି:** ପେଡ୍ରୋ ଗୋଞ୍ଜାଲେଜ ଲୋପେଜ ବା ପେଡ୍ରି ବାର୍ସେଲୋନା ପାଇଁ ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ଭାବେ ଖେଳନ୍ତି। ମାତ୍ର ୧୯ ବର୍ଷୀୟ ଏହି ଖେଳାଳିଙ୍କୁ ଆନ୍ଦ୍ରେ ଇନିଏଷ୍ଟାଙ୍କ ସହିତ କିଛି ଫ୍ୟାନ ତୁଳନା କରିଥାନ୍ତି। ବିଶ୍ୱ ଫୁଟ୍‌ବଲର

## ଫିଫା ବିଶ୍ୱକପ୍ ୨୦୨୨

ଅନ୍ୟତମ ଦକ୍ଷ ଫୁଟ୍‌ବଲର ଭାବେ ମଧ୍ୟ ତାଙ୍କୁ ଗଣାଯାଏ। ଏତେ କମ୍ ବୟସରେ ମଧ୍ୟ ସେ ୧୦୦ରୁ ଅଧିକ ଲା ଲିଗା ମ୍ୟାଚ ଖେଳି ସାରିଛନ୍ତି। ମାତ୍ର ୧୮ ବର୍ଷ ୬ ମାସ ୧୮ ଦିନରେ ସେ ସ୍ପେନ୍ ପକ୍ଷରୁ ସର୍ବକନିଷ୍ଠ ଖେଳାଳି ଭାବରେ ୟୁରୋ କପ୍ ଖେଳିବାର ଗୌରବ ହାସଲ କରିବା ସହିତ ମିଗୁଏଲ ଟେଣ୍ଡିଲୋଙ୍କ ରେକର୍ଡ ଭାଙ୍ଗିଥିଲେ। ଏହା ସହିତ ୨୦୨୧ରେ ତାଙ୍କୁ କୋପା ସମ୍ମାନ ପ୍ରଦାନ କରାଯାଇଥିଲା। ଦୂରଦୃଷ୍ଟି, ବଲ୍ ପାସ୍ କରିବାର କ୍ଷୀପ୍ରତା ଏବଂ ଦକ୍ଷତା ତାଙ୍କୁ କାତାର ବିଶ୍ୱକପ୍‌ରେ ସ୍ପେନର ସବୁଠାରୁ ଆକର୍ଷଣୀୟ ଯୁବ ଖେଳାଳି ବନାଇ ଦେଇଛି।



ପେଡ୍ରୋ ଗୋଞ୍ଜାଲେଜ

**ଭିନ୍ସିଅସ୍ ଜୁନିୟର:** ମାତ୍ର ୧୭ ବର୍ଷ ବୟସରେ ୨୦୧୭ ମସିହାରେ ୪୬ ମିଲିୟନ୍ ଡଲାରରେ ଭିନ୍ସିଅସ୍ ଜୁନିୟରଙ୍କୁ କିଣିଥିଲ। ରିୟଲ ମାଡ୍ରିଡ୍। ସେ ସମୟରୁ ହିଁ ବ୍ରାଜିଲର ଏହି ଯୁବ ୱିଙ୍ଗର ସମଗ୍ର ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ର ରହିଥିଲେ। ମାଡ୍ରିଡ ପକ୍ଷରୁ ସେ ୧୨୦ରୁ ଅଧିକ ମ୍ୟାଚ ଖେଳିଥିବା ବେଳେ ୧୦ ଗୋଲ୍ ସ୍କୋର କରିଛନ୍ତି। ଏହା ସହିତ ଚଳିତ ସିଜନରେ ୧୯ମ୍ୟାଚ ଖେଳି ୫ଗୋଲରେ ଆସିଷ୍ଟ ମଧ୍ୟ କରିଛନ୍ତି। ମୁଖ୍ୟତଃ ଲେଫ୍ଟ ସାଇଡ୍‌ରେ ଖେଳୁଥିବା ଭିନ୍ସିଅସ୍ ଜୁନିୟର ନିଜର ବିଜୁଳି ପରି ବେଗ ଓ ଡିଫେଣ୍ଡରଙ୍କୁ ପରାସ୍ତ କରିବାର ଦକ୍ଷତା ପାଇଁ ପ୍ରସିଦ୍ଧ। ୨୦୨୧-୨୨ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ଗୋଲ ସ୍କୋର କରିବା ସହିତ ରିୟଲ ମାଡ୍ରିଡ ଇତିହାସରେ ନାମ ଲିପିବଦ୍ଧ କରିଛନ୍ତି। ବ୍ରାଜିଲ ସିନିୟର ଦଳ ପାଇଁ ସେ ୧୬ମ୍ୟାଚ ଖେଳି ଗୋଟିଏ ଗୋଲ ସ୍କୋର କରିଛନ୍ତି।

**ନୁନୋ ମେଣ୍ଡେସ:** ପ୍ରତିଭାବାନ ଯୁବ ଖେଳାଳିଙ୍କ ତାଲିକାରେ ପର୍ତ୍ତୁଗାଲର ନୁନୋ ମେଣ୍ଡେସ ଅନ୍ୟତମ। ୨୦ ବର୍ଷୀୟ ଏହି ଖେଳାଳି ଜଣଙ୍କ ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି) ପାଇଁ ଲେଫ୍ଟ ବ୍ୟାକ୍ ଭାବରେ ଖେଳିଥାନ୍ତି। ଡିଫେଣ୍ଡ କରିବା ପାଇଁ ସାମ୍ନାରେ ଅଧିକ ବା କମ୍ ଖେଳାଳି ରହିଲେ ବି ଏହା ନୁନୋଙ୍କ ଖେଳକୁ ପ୍ରଭାବିତ କରି ନ ଥାଏ। ଫ୍ଲାଙ୍କରେ ତାଙ୍କ ପ୍ରଦର୍ଶନ ପର୍ତ୍ତୁଗାଲ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହେବ। ପୂର୍ବରୁ ୟୁରୋ ୨୦୨୨ରେ ମଧ୍ୟ ସେ ପର୍ତ୍ତୁଗାଲ ଦଳର ସଦସ୍ୟ ରହିଥିଲେ। ତାଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିବା ବେଳେ ପର୍ତ୍ତୁଗାଲ ପ୍ରିକ୍ୱାର୍ଟରରୁ ବିଦାୟ ନେଇଥିଲା। ତେବେ ପିଏସ୍‌ଜି ତାଙ୍କୁ ୩୮ ମିଲିୟନ୍ ଡଲାରରେ ୪ ବର୍ଷ ପାଇଁ କିଣିଥିଲା।

**ଜୁଡ୍ ବେଲିଂହାମ୍:** ଇଂଲଣ୍ଡ ପାଇଁ ଚଳିତ କାତାର ବିଶ୍ୱକପ୍‌ରେ ସବୁଠାରୁ ଆକର୍ଷଣୀୟ ଖେଳାଳି ରହିବେ ଜୁଡ୍ ବେଲିଂହାମ୍। ବୋରୁସିଆ ଡର୍ଟମୁଣ୍ଡ ପାଇଁ ଖେଳୁଥିବା ଏହି ମିଡ୍‌ଫିଲ୍ଡର ଜଣଙ୍କ ମାତ୍ର ୧୭ ବର୍ଷ ବୟସରେ ହିଁ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ବର୍ମିଂହାମ ସିଟିରେ ଜଣେ ଯୁବ ଖେଳାଳି ଭାବରେ ରହିଥିବା ବେଲିଂହାମ୍ ଏତେ ପ୍ରଭାବଶାଳୀ ରହିଥିଲେ କି ମାଞ୍ଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ଏରିକ୍ କାଣ୍ଟୋନା, ବ୍ର୍ୟାନ୍ ରବସନ୍ ଓ ସାର୍ ଆଲେକ୍ସ ଫର୍ଗୁସନ୍ ତାଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବା ପାଇଁ ଆସିଥିଲେ। ମାତ୍ର ଜୁଡ୍ ଶେଷରେ ୧୭ ବର୍ଷ ୧୧୩ ଦିନରେ ବୋରୁସିଆ ଡର୍ଟମୁଣ୍ଡକୁ ବାଛିଥିଲେ। ସର୍ବକନିଷ୍ଠ ଇଂଲିଶ ଖେଳାଳି ଭାବେ ସେ ଚାମ୍ପିୟନ୍ସ ଲିଗ୍‌ରେ ପ୍ରତିନିଧିତ୍ୱ କରି ଫିଲ ଫୋଡେନଙ୍କ ରେକର୍ଡ ଭାଙ୍ଗିଥିଲେ। ଦୁଇ ଦୁଇ ଥର ସେ କୋପା ଆୱାର୍ଡ ପାଇଁ ମନୋନୀତ ହୋଇ ରନର୍ସ ଅପ୍ ରହିଛନ୍ତି। ୨୦୨୧ରେ ପେଡ୍ରି ଓ ୨୦୨୨ରେ ଗାଭି ଏହି ପୁରସ୍କାର ହାସଲ କରିଥିଲେ। ଜୁଡ ବେଲିଂହାମ୍ ଇଂଲଣ୍ଡ ପାଇଁ ୧୭ଟି ମ୍ୟାଚ ଖେଳିଛନ୍ତି।

**ଏଡୁଆର୍ଡୋ କାମଭିଙ୍ଗା:** ପଲ୍ ପୋଗବା ଏବଂ ଏନ୍ ଗୋଲୋ କାଣ୍ଟେ ଆହତ ହୋଇ ବାଦ୍ ପଡିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସର ମିଡ୍‌ଫିଲ୍ଡ ଭାର କାନ୍ଧରେ ଉଠାଇଛନ୍ତି ଏଡୁଆର୍ଡୋ କାମଭିଙ୍ଗା। ସାଥୀ ରିୟଲ ମାଡ୍ରିଡ ଖେଳାଳି ଅଉରେଲିନ୍ ଟୋଉଆମେନିଙ୍କ ସହିତ ସେ ମିଡ୍‌ଫିଲ୍ଡର ଦାୟିତ୍ୱ ନେବେ। ୨୦ ବର୍ଷୀୟ କାମଭିଙ୍ଗା ଚଳିତ ବର୍ଷ ଲସ୍ ବ୍ଲାଙ୍କୋସ୍ ଦଳ ପାଇଁ ନିୟମିତ ଖେଳି ଆସିଛନ୍ତି। ଏହା ସହିତ ଫ୍ରାନ୍ସ ଦଳର ଡେନ୍‌ମାର୍କ ବିପକ୍ଷ ଅନ୍ତିମ ୟୁଏଫା ମ୍ୟାଚରେ ତାଙ୍କୁ ଚୟନ କରିଥିଲେ ଡିଡିଏର ଡେସଚାମ୍ପ।

**ଜମାଲ ମୁସିଆଲା:** ବିଭିନ୍ନ ବୟସ ବର୍ଗରେ ଇଂଲଣ୍ଡର ପ୍ରତିନିଧିତ୍ୱ କରିବା ପରେ ଗତବର୍ଷ ଜମାଲ ଜର୍ମାନୀ ପାଇଁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହି ୧୯ ବର୍ଷୀୟ ଖେଳାଳି ଜଣଙ୍କ ଜାତୀୟ ଦଳ ପାଇଁ ଏତେଟା ଉଲ୍ଲେଖନୀୟ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ନିଜ କ୍ଲବ ବାୟେର୍ନ ମ୍ୟୁନିକ୍ ପାଇଁ କିନ୍ତୁ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛନ୍ତି। ପୂର୍ବବର୍ଷ ଅପେକ୍ଷା ନିଜର ଗୋଲସଂଖ୍ୟାକୁ ଅତିକ୍ରମ କରିବା ସହିତ ରବର୍ଟ ଲିୱାଣ୍ଡୋସ୍କିଙ୍କ ଅଭାବ ଅନୁଭୂତ ହେବାକୁ ଦେଇନାହାନ୍ତି। ଜର୍ମାନୀ ୨୦୧୮ ନିରାଶାକୁ ପଛରେ ପକାଇବାକୁ ପ୍ରୟାସ କରୁଥିବା ବେଳେ ଫରୱାର୍ଡ ଖେଳାଳି ଜମାଲ୍ ଏହାର ମୁଖ୍ୟ ଅସ୍ତ୍ର ରହିବେ।

**ଗାଭି:** ପାବଲୋ ଗାଭି ସ୍ପେନ୍‌ର ଅନ୍ୟତମ ବିଶ୍ୱସ୍ତରୀୟ ମିଡ୍‌ଫିଲ୍ଡର ଅଟନ୍ତି। ୨୦୨୨ ବିଶ୍ୱକପ୍‌ର ଅନ୍ୟତମ ଆକର୍ଷଣୀୟ ଯୁବ ଖେଳାଳି ଅଟନ୍ତି ଗାଭି। ୨୦୨୧ରେ ବାର୍ସେଲୋନା ତାଙ୍କୁ ସାଇନ୍ କରିବା ପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ୨୦୨୨ କୋପା ଟ୍ରଫି ହାସଲ କରିଥିବା ଗାଭିଙ୍କ ଜଙ୍ଘ ସନ୍ଧିରେ ଆଘାତ ଲାଗିଥିଲେ ହେଁ ସେ ବିଶ୍ୱକପ୍ ପୂର୍ବରୁ ଫିଟ ହେବା ନେଇ ଆଶା କରାଯାଉଛି।

**ଆଲଫୋନ୍ସୋ ଡେଭିସ୍:** ବାୟେର୍ନ ମ୍ୟୁନିକ ପକ୍ଷରୁ ଲେଫ୍ଟବ୍ୟାକ୍ ଭାବରେ ଖେଳୁଥିବା ଡେଭିସ୍ କାତାର ୨୦୨୨ରେ କାନାଡ଼ା ଦଳର ମୁଖ୍ୟ ଖେଳାଳି ରହିବେ। ୨୨ ବର୍ଷୀୟ ଡେଭିସ୍ ନିଜ ଆକ୍ରମଣାତ୍ମକ ଶୈଳୀ ଓ ଗତି ପାଇଁ ପ୍ରସିଦ୍ଧ। ଜାତୀୟ ଦଳ ପାଇଁ ତାଙ୍କ ରେକର୍ଡ ମଧ୍ୟ ବେଶ୍ ପ୍ରଭାବୀ। ୩୪ ପଦାର୍ପଣରୁ ସେ ୧୨ ଗୋଲ ସ୍କୋର କରିଥିବା ବେଳେ ଚଳିତ ବିଶ୍ୱକପ୍‌ରେ ମଧ୍ୟ ତାଙ୍କ ଉପରେ କାନାଡ଼ା ଅଧିକ ନିର୍ଭରଶୀଳ ରହିବ। ୧୯୮୬ ପରଠାରୁ କାନାଡ଼ା ପ୍ରଥମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଡେଭିସଙ୍କ ଉପରେ ଦଳ ଅଧିକ ନିର୍ଭରଶୀଳ ରହିବ।

**ଜିଓଭାନି ରେୟନା:** ବୋରୁସିଆ ଡର୍ଟମୁଣ୍ଡ ପକ୍ଷରୁ ଫରୱାର୍ଡ ଭାବରେ ଖେଳୁଥିବା ଜିଓଭାନି ରେୟନାଙ୍କ ରକ୍ତରେ ହିଁ ଫୁଟବଲ ରହିଛି। ପିତା କ୍ଲାଉଡିଓ ରେୟନା ଆମେରିକୀୟ ଫୁଟବଲ ଦଳର ଅଧିନାୟକ ରହିଥିବା ବେଳେ ମା’ ଡାନିଏଲ ଏଗାନ ରେୟନା ମଧ୍ୟ ଆମେରିକାର ପ୍ରତିନିଧିତ୍ୱ କରିଛନ୍ତି। ମାତ୍ର ୧୭ ବର୍ଷ ୬୬ ଦିନରେ ବୁନ୍ଦେସଲିଗା ପଦାର୍ପଣ କରିବା ସହିତ ବର୍ତ୍ତମାନ ଆମେରିକାର ଅଧିନାୟକ ଥିବା କ୍ରିଷ୍ଟିଆନ୍ ପୁଲିସିକ୍‌ଙ୍କ ରେକର୍ଡ ଭାଙ୍ଗିଥିଲେ। ୨୦୨୧-୨୨ ସିଜନରେ ଆହତ ସମସ୍ୟା ମଧ୍ୟରେ ଗତି କରିବା ପରେ ପ୍ରଥମ ଆମେରିକୀୟ ଭାବରେ ଦୁଇଟି ଚାମ୍ପିୟନ୍ସ ଲିଗ୍ ଗୋଲ କରିବାର ଇତିହାସ ମଧ୍ୟ ରଚିଥିଲେ।

**ଜୁରିଏନ୍ ଟିମ୍ବର:** ନେଦରଲାଣ୍ଡ୍ସ ବିଶ୍ୱ ଫୁଟବଲରେ ନିଜର ସ୍ଥିତି ଜାହିର କରୁଥିବା ବେଳେ ଏହି ଦଳରେ ଏକାଧିକ ଯୁବ ଡିଫେଣ୍ଡର ରହିଛନ୍ତି। ମାଥିଜସ ଡେ ଲିଟ୍ ଓ ଡେଞ୍ଜେଲ ଡମଫ୍ରାଇସଙ୍କ ପରି ଖେଳାଳିଙ୍କ ସହିତ ଆଜାକ୍ସ ଆମଷ୍ଟାରଡମର ଖେଳାଳି ଜୁରିଏନ୍ ଟିମ୍ବର ମଧ୍ୟ ଏହି ଦଳର ସଦସ୍ୟ ରହିଛନ୍ତି। ଡିଫେଣ୍ଡର ଭାବରେ ଫ୍ଲାଙ୍କରେ ଟିମ୍ବରଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର। ୨୦୨୧ ମେ’ରେ ଆଜାକ୍ସ ପାଇଁ ପ୍ରଥମ ଗୋଲ ସ୍କୋର କରିବା ସହିତ ୟୁରୋ ୨୦୨୧ରେ ନେଦରଲାଣ୍ଡ୍ସ ଜାତୀୟ ଦଳ ପାଇଁ ଖେଳିବାର ସୁଯୋଗ ହାସଲ କରିଥିଲେ। ଏହି ୨୧ ବର୍ଷୀୟ ଖେଳାଳି ଜଣଙ୍କ ମେନ ଇନ୍ ଅରେଞ୍ଜ ପାଇଁ ଟ୍ରମ୍ପ କାର୍ଡ ହେବା ନେଇ ଆଶା କରାଯାଉଛି।

# ଆକର୍ଷଣର କେନ୍ଦ୍ରରେ ବିଟିଏସ୍‌ର ଜଙ୍ଗକୁକ୍

## ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହ

**କାତାର,୧୯।୧୧:** କାତାରରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଫୁଟବଲ ବିଶ୍ୱକପକୁ ନେଇ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ରହିଛି ଉତ୍କଣ୍ଠା। ପୂର୍ବରୁ ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ନଭେମ୍ବର ୨୧ ତାରିଖରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଦୁଇଟି ମ୍ୟାଚ ପରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା କାରଣରୁ ଉଦ୍‌ଘାଟନୀ ଉତ୍ସବ ଓ ଉଦ୍‌ଘାଟନୀ ମ୍ୟାଚକୁ ଗୋଟିଏ ଦିନ ଆଗକୁ ଘୁଞ୍ଚାଇ ଦିଆଯାଇଥିଲା। ଆୟୋଜକ କାତାର ଏବଂ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଭାରତୀୟ ସମୟ ରାତି ୯.୩୦ରେ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଏହାର ଦୁଇ ଘଣ୍ଟା ପୂର୍ବରୁ ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହେବ। ଦୋହାରୁ ୪୦ କିମି ଉତ୍ତରରେ ଅବସ୍ଥିତ ଅଲ ଖୋରର ଅଲ୍ ବାୟଟ୍ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଏହି ଷ୍ଟାଡିୟମରେ ଏକ ସମୟରେ ୬୦ ହଜାର ଦର୍ଶକ ମ୍ୟାଚ ଉପଭୋଗ କରିପାରିବେ। ଦକ୍ଷିଣ କୋରିଆର ୭ଜଣିଆ ବୟ ବ୍ୟାଣ୍ଡ ବିଟିଏସ୍‌ର ଅନ୍ୟତମ ସଦସ୍ୟ କିମ୍ ଜଙ୍ଗକୁକ୍ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବେ। ବିଟିଏସ୍ ପକ୍ଷରୁ ଏହାକୁ ସ୍ପଷ୍ଟ କରାଯାଇଛି। ଶାକିରା ଏବଂ ଡୁଆ ଲିପାଙ୍କ ପରି ତାରକାଙ୍କ ନାମ ଲିଷ୍ଟରେ ଥିଲେ ହେଁ ଉଭୟ ଅନ୍ତିମ ମୁହୂର୍ତ୍ତରେ ଓହରି ଯାଇଥିଲେ। ମାନବାଧିକାର ଉଲ୍ଲଂଘନ ଓ ଏଲବିଟିକ୍ୟୁ ସମୁଦାୟ ପ୍ରତି ଅସମାନତାର ଅଭିଯୋଗ କରି ଉଭୟ ଓହରି ଯାଇଛନ୍ତି। ଶାକିରା ପୂର୍ବରୁ ୨୦୧୦ ବିଶ୍ୱକପର ଅଫିସିଆଲ ଥିମ୍ ସଙ୍ଗ ମଧ୍ୟ ଲେଖିଥିଲେ ଓ ଗାଇଥିଲେ। ରିପୋର୍ଟ ଅନୁସାର ଚଳିତ ବର୍ଷ ପ୍ରଦର୍ଶନ ପାଇଁ ତାଙ୍କୁ ୧ ମିଲିୟନ୍ ଡଲାର ଅଫର କରାଯାଇଥିଲେ ହେଁ ଶାକିରା ଶେଷ ମୁହୂର୍ତ୍ତରେ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସେହିପରି ବର୍ମିଂହାମ ୨୦୨୨ରେ ପ୍ରଦର୍ଶନ କରିଥିବା ବ୍ରିଟିଶ ଗାୟିକା ଡୁଆ ଲିପା ମଧ୍ୟ ସମାନ ଅଭିଯୋଗ କରି ଓହରି ଯାଇଛନ୍ତି। ସେହିପରି ଅନ୍ୟତମ ଗାୟକ ରଡ୍ ଷ୍ଟିୱାର୍ଟ ମଧ୍ୟ ଆୟୋଜକଙ୍କ ୧ ମିଲିୟନ୍ ଡଲାର ପୁରସ୍କାର ରାଶିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ବ୍ୟାଣ୍ଡ ବ୍ଲାକ ଆଇଡ୍ ପିସ୍, ରବି ୱିଲିୟମ୍ସ ଓ ନୋରା ଫତେହୀ ଏହି ଇଭେଣ୍ଟରେ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ୱିଲିୟମ୍ସ ପୂର୍ବରୁ ୨୦୧୮ ଉଦ୍‌ଘାଟନୀ ଉତ୍ସବରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଇକ୍ୱେଡର ରାଷ୍ଟ୍ରପତି ଗୁଲେର୍ମୋ ଲାଶୋ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ନାହିଁ। ଇକ୍ୱେଡରରେ ଅଶାନ୍ତି କାରଣରୁ ସେ ଯୋଗ ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।



### ନୃତ୍ୟ ପରିବେଷଣ କରିବେ ନୋରା



କାତାରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବେ ବଲିଉଡ୍ ଅଭିନେତ୍ରୀ ନୋରା ଫତେହୀ। ଜଣେ ଆଇଟମ୍ ଡ୍ୟାନ୍ସର ଭାବରେ ନୋରା ପ୍ରସିଦ୍ଧି ହାସଲ କରିଛନ୍ତି। ବିଭିନ୍ନ ଭାରତୀୟ ଭାଷାରେ ୨୫ରୁ ଅଧିକ ଫିଲ୍ମରେ ଅଭିନୟ କରିଥିବା ନୋରା ମରକ୍କୋର ନାଗରିକ। ୨୦୨୨ ବିଶ୍ୱକପ୍ ପାଇଁ ଫିଫାର ଅଫିସିଆଲ ସିଙ୍ଗଲ ଲାଇଟ୍ ଦ ୱାର୍ଲ୍ଡରେ ସେ ନୃତ୍ୟ ପ୍ରଦର୍ଶନ କରିବେ। ଏହା ସହିତ ଉଦ୍‌ଘାଟନୀ ଉତ୍ସବ ପାଇଁ ସେ ରେଡ୍ ୱାନ୍, ମାନାଲ, ବଲକିସ୍ ଓ ରହମା ରେଡଙ୍କ ସହିତ କୋଲାବରେସନ କରିବେ ବୋଲି ଜଣାପଡ଼ିଛି।

### ଉଦ୍‌ଘାଟନୀ ସମାରୋହ ସମୟ ଓ ପ୍ରସାରଣ

**ଆରମ୍ଭ ସମୟ:**
ସନ୍ଧ୍ୟା ୭.୩୦(ଭାରତୀୟ ସମୟ)
ଅଲ ବାୟଟ୍ ଷ୍ଟାଡିୟମ
**ପ୍ରସାରଣ:**
ସ୍ପୋର୍ଟ୍ସ ୧୮ ଓ ଜିଓ ସିନେମା



ଫିଫା ବିଶ୍ୱକପ ପାଇଁ କାତାରରେ ପହଞ୍ଚିଥିବା ଘାନା ଦଳ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ଷ୍ଟାର୍କ ପ୍ଲେୟର ଅଫ୍ ଦି ମ୍ୟାଚ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୦୮

୦୨

**ବାଜପେୟୀଙ୍କ ବାୟୋପିକ୍‌ରେ ପଙ୍କଜ**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବାୟୋପିକ୍‌ରେ ବଲିଉଡ୍ ଅଭିନେତା ପଙ୍କଜ ତ୍ରିପାଠୀ ମୁଖ୍ୟ ଭୂମିକାରେ ଅଭିନୟ କରିବେ।



# ନିର୍ବାଚନୀ ଚିହ୍ନ ଦଳୀୟ ସମ୍ପତ୍ତି ନୁହେଁ: ହାଇକୋର୍ଟ

ନୂଆଦିଲ୍ଲୀ,୧୯।୧୧(ପି.ଟି.)

ନିର୍ବାଚନୀ ଚିହ୍ନକୁ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜସ୍ୱ ସମ୍ପତ୍ତି ବିବେଚନା କରିପାରିବେ ନାହିଁ। ଦଳ ଯଦି ନୈରାଶ୍ୟଜନକ ପ୍ରଦର୍ଶନ କରେ ତେବେ ନିର୍ବାଚନୀ ଚିହ୍ନ ବ୍ୟବହାର ଅଧିକାର ହରାଇପାରେ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଶିବସେନାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀକୁ 'ଜଳନ୍ତା ମଶାଲ' ନିର୍ବାଚନୀ ଚିହ୍ନ ମିଳିବା ପରେ ସମତା ପାର୍ଟି ଏହା ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଜଣିକିଆ ଖଣ୍ଡପୀଠ ଉକ୍ତ ଆବେଦନକୁ ଖାରଜ କରିଦେବା ପରେ ସମତା ପାର୍ଟି ଏହାକୁ ଚ୍ୟାଲେଞ୍ଜ କରିଥିଲା। ଜଳନ୍ତା ମଶାଲ ଚିହ୍ନ ସମତା ପାର୍ଟିର ଏବଂ ଏହି ଦଳ ପୂର୍ବରୁ ଉକ୍ତ ଚିହ୍ନରେ ନିର୍ବାଚନ ଲଢ଼ିଥିବା ଯୁକ୍ତି ବାଢ଼ିଥିଲା। ସୁବ୍ରମଣ୍ୟମ ସ୍ୱାମୀ ବନାମ ଭାରତର ନିର୍ବାଚନ କମିଶନ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ଉଦାହରଣ ଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ ଦଳର ପିଟିଶନକୁ ଖାରଜ କରିଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଦଳୀୟ ଚିହ୍ନ ବାସ୍ତବ ଜିନିଷ କିମ୍ବା ସମ୍ପତ୍ତି ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦଳକୁ ନିର୍ବାଚନୀ ଚିହ୍ନ ବ୍ୟବହାର ଅଧିକାର ହରାଇବାକୁ ପଡ଼ିପାରେ ବୋଲି ଇଲେକ୍ସନ ସିମ୍ବଲସ୍ (ରିଜର୍ଭେଶନ ଆଣ୍ଡ ଆଲଟମେଣ୍ଟ) ଅର୍ଡର, ୧୯୬୮ରେ ସ୍ପଷ୍ଟ ହୋଇଥିବା ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି।

# ଗ୍ରୀଷ୍ମଲହର ୩୩ ଦିନକୁ ବଢ଼ିପାରେ

## ଭାରତରେ ବହୁଗୁଣିତ ହେବ ଭୀଷଣ ପାଗ

ନୂଆଦିଲ୍ଲୀ,୧୯।୧୧(ପି.ଟି.)

ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ଭାରତର ପାଣିପାଗକୁ ଗୁରୁତର ପ୍ରଭାବିତ କରିବ। ଏହାର ପ୍ରଭାବରେ ବନ୍ୟା, ବାତ୍ୟା ଭଳି ଭୀଷଣ ପାଗ ବହୁଗୁଣିତ ହେବ ବୋଲି ଗାନ୍ଧୀନଗର ଆଇଆଇଟିର ଗବେଷକମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଗବେଷକ ଟିମ୍ ୧୯୫୧ରୁ ୨୦୨୦ ଅବଧି ମଧ୍ୟରେ ଭାରତର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନୁଭୂତ ହୋଇଥିବା ଭୀଷଣ ପାଗଗୁଡ଼ିକୁ ଅଧ୍ୟୟନ କରିଥିଲେ।

ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ସାଙ୍ଗକୁ ଗ୍ରୀଷ୍ମ ପରବର୍ତ୍ତୀ ବର୍ଷାଦିନେ ପ୍ରବଳ ବର୍ଷା ବାରମ୍ବାର ଦେଖାଦେଉଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ସେମାନେ କହିଛନ୍ତି। ଚଳିତ ବର୍ଷ ପାକିସ୍ତାନରେ ଅତ୍ୟଧିକ ଗ୍ରୀଷ୍ମଲହର ଏବଂ ବନ୍ୟା ଅନୁକ୍ରମିକ ଭୀଷଣ ପାଗର ଉଦାହରଣ, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିଭଳି ପାଗ ଭାରତର କୃଷି ଉତ୍ପାଦନ, ସାଧାରଣ ସ୍ୱାସ୍ଥ୍ୟ, ଭିତ୍ତିଭୂମି ଉପରେ ଗୁରୁତର ପ୍ରଭାବ ପକାଇଥିବା ଗବେଷକମାନେ କହିଛନ୍ତି। ଉତ୍ତପ୍ତ ଜଳବାୟୁ ଏବଂ ଏଲ୍-ନିନୋ-ଦକ୍ଷିଣୀ ଅସ୍କିଲେଶନ (ଇଏନ୍ଏସ୍ଓ)ରେ ପରିବର୍ତ୍ତନ ଯୋଗୁ ଆଗାମୀ ଦିନରେ ଭୀଷଣ ପାଗ ଅତ୍ୟଧିକ ବଢ଼ିବ ବୋଲି ଶୁକ୍ରବାର ୱାନ୍ ଆର୍ଥ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି। ଇଏନ୍ଏସ୍ଓ ହେଉଛି କେନ୍ଦ୍ରୀୟ ଓ ପୂର୍ବ ଟ୍ରପିକାଲ ପ୍ରଶାନ୍ତ ମହାସାଗର ଜଳରାଶିର ତାପମାତ୍ରାରେ ☞ପୃଷ୍ଠା-୫

# ଆଜିଠାରୁ ଫିଫା ବିଶ୍ୱକପ୍

## କାତାର-ଇକ୍ୱେଡର ଉଦ୍‌ଘାଟନୀ ମ୍ୟାଚ୍

ଦୋହା, ୧୯।୧୧



ଅଲ୍‌ବାୟଟ ଷ୍ଟାଡିୟମ

କାତାର ପ୍ରସ୍ତୁତ। ଏଠାରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ଫିଫା ବିଶ୍ୱକପ୍‌ର ୨୨ତମ ସଂସ୍କରଣ। ଆରବ ଜଗତରେ ଏହା ହେବ ସର୍ବପ୍ରଥମ ଫୁଟବଲ ମହାକୁମ୍ଭ। ଅନେକ ଚ୍ୟାଲେଞ୍ଜ ଥିଲେ ହେଁ ଏହାକୁ ସଫଳତାର ସହ ମୁକାବିଲା କରି କାତାର ସ୍ମରଣୀୟ ବିଶ୍ୱକପ୍ ଭେଟିଦେବା ପାଇଁ ପ୍ରସ୍ତୁତ। ଆୟୋଜକ ଦେଶଭାବେ କାତାର ଉଦ୍‌ଘାଟନୀ ମ୍ୟାଚରେ ଇକ୍ୱେଡରକୁ ଭେଟିବ। ଗ୍ରୁପ୍ 'ଏ'ର ଏହି ମ୍ୟାଚଟି ୬୦,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଅଲ୍‌ବାୟଟ ଷ୍ଟାଡିୟମରେ ଭାରତୀୟ ସମୟ ରାତି ୯ଟା ୩୦ରେ ଆରମ୍ଭ ହେବ। କାତାର ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଖେଳିବାକୁ ଯାଉଛି। ତେଣୁ ଏହି ଦଳକୁ କଡ଼ା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଅନ୍ୟ ୨ ଦଳ ହେଲେ ସେନେଗାଲ ଓ ୩ ଥର ରନରଅପ୍ ନେଦରଲାଣ୍ଡ୍ସ। ଗ୍ରୁପ୍ 'ବି'ରେ ୧୯୬୬ ଚାମ୍ପିୟନ ଇଂଲଣ୍ଡ, ଇରାନ୍, ଆମେରିକା, ୱେଲ୍ସ, ଗ୍ରୁପ୍ 'ସି'ରେ ୨ ଥର ଚାମ୍ପିୟନ ଆର୍ଜେଣ୍ଟିନା, ସୌଦୀ ଆରବ, ମେକ୍ସିକୋ, ପୋଲାଣ୍ଡ, ଗ୍ରୁପ୍ 'ଡି'ରେ ୨ ଥର ଟାଇଟଲ ବିଜୟୀ ଫ୍ରାନ୍ସ, ଅଷ୍ଟ୍ରେଲିଆ, ଡେନ୍‌ମାର୍କ, ଟ୍ୟୁନିସିଆ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ଇ'ରେ ୪ ଥର ଲେଖାଏ ଚାମ୍ପିୟନ ଓ ରନରଅପ୍ ଜର୍ମାନୀ, ୨୦୧୦ ଚାମ୍ପିୟନ ସ୍ପେନ୍, କୋଷ୍ଟାରିକା, ଜାପାନ, ଗ୍ରୁପ୍ 'ଏଫ୍'ରେ ବେଲଜିୟମ, କାନାଡ଼ା, ମରକ୍କୋ, କ୍ରୋଏସିଆ, ଗ୍ରୁପ୍ 'ଜି'ରେ ସର୍ବାଧିକ ସଫଳ ଦଳ ୫ ଥର ଚାମ୍ପିୟନ ବ୍ରାଜିଲ, ସର୍ବିୟା, ସୁଇଜରଲାଣ୍ଡ, କାମେରୁନ ଏବଂ ଗ୍ରୁପ୍ 'ଏଚ୍'ରେ ୨ ଥର ଟାଇଟଲ ବିଜେତା ଉରୁଗୁଏ, ପର୍ତ୍ତୁଗାଲ, ଘାନା, ଦକ୍ଷିଣ କୋରିଆ ରହିଛନ୍ତି। ପ୍ରଥମ ମ୍ୟାଚ ପୂର୍ବରୁ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ଭାରତୀୟ ସମୟ ରାତି ୭ଟାରେ ଅନୁଷ୍ଠିତ ହେବ।

ଉଦ୍‌ଘାଟନୀ ମ୍ୟାଚ କାତାର ପାଇଁ ଅନେକ ଗୁରୁତ୍ୱ ରଖୁଛି। ଇକ୍ୱେଡରର ବିଶ୍ୱ ର୍‍ୟାଙ୍କିଙ୍ଗ୍ ୪୪ ଥିବାବେଳେ କାତାର ୫୦ତମ ସ୍ଥାନରେ ରହିଛି। ଗ୍ରୁପ୍‌ର ଅନ୍ୟ ୨ଟି ଦଳ ସେନେଗାଲ (୧୮) ଓ ନେଦରଲାଣ୍ଡ୍ସ (୮) ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ହୋଇଥିବାରୁ ଇକ୍ୱେଡରକୁ ହରାଇ ଅଭିଯାନ ଆରମ୍ଭ କରିବାକୁ ଚାହିଁବ କାତାର। କାରଣ ବିଶ୍ୱକପ ଫୁଟବଲ ଇତିହାସରେ ଆୟୋଜକ ଦେଶଭାବେ କେବଳ ଦକ୍ଷିଣ ଆଫ୍ରିକା ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲା। ☞ପୃଷ୍ଠା-୫







**ଛଟେଇ କରିବ ଜୋମାଟୋ**

ନୂଆଦିଲ୍ଲୀ: ଫୁଡ୍ ଡେଲିଭରି ପ୍ଲାଟ୍‌ଫର୍ମ ଜୋମାଟୋ ଖୁବ୍‌ଶୀଘ୍ର କର୍ମଚାରୀ ଛଟେଇ ନେଇ ଘୋଷଣା କରିପାରେ ବୋଲି ଜଣାପଡ଼ିଛି। ଏପରିକି ଜୋମାଟୋର ସୂଚନା ଅନୁସାରେ ବର୍ତ୍ତମାନ ପରିସ୍ଥିତିରେ କମ୍ପାନୀ ତା'ର କର୍ମଚାରୀଙ୍କ ସଂଖ୍ୟାରୁ ପ୍ରାୟ ୩% କର୍ମଚାରୀଙ୍କୁ ଛଟେଇ କରିବ। ଉଲ୍ଲେଖଯୋଗ୍ୟ, ଜୋମାଟୋରେ ପ୍ରାୟ ୩,୮୦୦ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଯଦି କମ୍ପାନୀ ୩% କର୍ମଚାରୀଙ୍କୁ ଛଟେଇ କରେ ତେବେ ଏହି ସଂଖ୍ୟା ପ୍ରାୟ ୩୫୦ରୁ ଅଧିକ ହୋଇପାରେ। ଏପରିକି କୋଭିଡ୍‌ର ପ୍ରଥମ ଲହରରେ ଜୋମାଟୋ ପ୍ରାୟ ୧୩% ଅର୍ଥାତ୍ ୫୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିଥିଲା।

# ଇସ୍ପାତ ଉପରୁ ହଟିଲା ରପ୍ତାନି ଶୁଳ୍କ

ନୂଆଦିଲ୍ଲୀ,୧୯।୧୧



ଗତ ୬ମାସ ତଳେ କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଲୁହା ପଥରର ପରିମାଣ (ଲୌହ ମାତ୍ରା) ଉପରେ ରପ୍ତାନୀ ଶୁଳ୍କ ଲାଗୁ କରିବାକୁ ଏକ ବିସ୍ତୃତ ଯୋଜନା କରିଥିଲେ। ହେଲେ ଏହି କ୍ଷେତ୍ରରେ କାର୍ଯ୍ୟକରୁଥିବା ଉଭୟ ସରକାରୀ ଓ ଘରୋଇ ସଂସ୍ଥା ଏବଂ ବିଶେଷଜ୍ଞ ମାନେ ଏହାକୁ ବିରୋଧ କରିବା ସହ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ଶିଳ୍ପ ସଂସ୍ଥାର ଅନୁରୋଧ କ୍ରମେ କେନ୍ଦ୍ର ସରକାର ଇସ୍ପାତ ଉପରୁ ରପ୍ତାନୀ ଶୁଳ୍କର ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ନେଇଛନ୍ତି। ଏପରିକି ଚଳିତ ବର୍ଷ ମେ ୨୨ ପୂର୍ବରୁ ପ୍ରଚଳିତ ସ୍ଥିତାବସ୍ଥାର ପୁନଃ ଲାଗୁ କରିଛନ୍ତି। ଏପରିକି ୫୮%ରୁ କମ୍ ଲୌହ ମାତ୍ରା ଥିବା ଲୁହା ପଥର ଲମ୍ପ ଓ ଫାଇନ୍ସ, ଲୁହା ପଥର ପେଲେଟ ଏବଂ ପିଗ୍ ଆଇରନ୍ ସମେତ ନିର୍ଦ୍ଦିଷ୍ଟ ଇସ୍ପାତ ଉତ୍ପାଦରେ ଲାଗୁଥିବା ଶୁଳ୍କକୁ ପ୍ରତ୍ୟାହାର କରି ନେଇଛନ୍ତି। ସେହିପରି ଆନ୍ଥ୍ରାସାଇଟ୍, ପିସିଆଇ, କୋଇଲା, କୋକିଂ କୋଇଲା, କୋକ୍ ଏବଂ ସେମି କୋକ୍ ଏବଂ ଫେରୋ ନିକେଲ୍ ଉପରୁ ଆମଦାନୀ ଶୁଳ୍କ ରିହାତି ମଧ୍ୟ ପ୍ରତ୍ୟାହାର କରାଯାଇଛି ବୋଲି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆଜିଠାରୁ (୨୦୨୨ ନଭେମ୍ବର ୧୯) ୫୮%ରୁ କମ୍ ଏଫ୍‌ଇ ଥିବା ଲୁହା ପଥର ଲମ୍ପ ଓ ଫାଇନ୍ସ ଉପରେ କୌଣସି ରପ୍ତାନି ଶୁଳ୍କ ଲାଗୁ ହେବ ନାହିଁ ଏବଂ ୫୮%ରୁ ଅଧିକ ଏଫଇ ଥିବା ଲୁହା ପଥର ଲମ୍ପ ଓ ଫାଇନ୍ସ ଉପରେ ୩୦%ରୁ କମ୍ ରପ୍ତାନି ଶୁଳ୍କ ଲାଗୁ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଲୁହାପଥରର ପେଲେଟ୍ ରପ୍ତାନି ଉପରେ କୌଣସି ରପ୍ତାନି ଶୁଳ୍କ ଲାଗୁ ହେବ ନାହିଁ ଓ ଆନ୍ଥ୍ରାସାଇଟ୍, ପିସିଆଇ, କୋକିଂ କୋଇଲା ଏବଂ ଫେରୋ ନିକେଲ୍ ଉପରେ ୨.୫% ଆମଦାନୀ ଶୁଳ୍କ ଲାଗୁ ହେବ। ଅପରପକ୍ଷରେ କୋକ୍ ଏବଂ ସେମି କୋକ୍ ଉପରେ ୫% ଆମଦାନୀ ଶୁଳ୍କ ଲାଗୁ ହେବ। ତେବେ ୨୦୨୨ ମେରେ ଇସ୍ପାତ ମୂଲ୍ୟରେ ଉଚ୍ଚ ଓ କ୍ରମାଗତ ବୃଦ୍ଧି ଘଟିଥିଲା। ଏହା ପରେ ଇସ୍ପାତ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ କିମ୍ବା ମଧ୍ୟବର୍ତ୍ତୀ ସାମଗ୍ରୀର ଉପଲବ୍ଧତା ବୃଦ୍ଧି କରିବା ପାଇଁ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଅନେକ ଶୁଳ୍କ ସମ୍ବନ୍ଧିତ ପଦକ୍ଷେପ ନେଇଥିଲେ। ଏପରିକି ୫୮%ରୁ ଅଧିକ ଏଫ୍‌ଇ ଥିବା ଲୁହା ପଥର ଉପରେ ରପ୍ତାନି ଶୁଳ୍କ ୩୦%ରୁ ୫୦% ବିଜ୍ଞାପନ ଭାଲୋରେମକୁ ବୃଦ୍ଧି କରାଯାଇଥିଲା ଏବଂ ଏହା ୨୨ ମେ ୨୦୨୨ରୁ ଲାଗୁ ହୋଇଥିଲା। ଲୁହା ପଥର ଉପରେ ୫୮%ର ରପ୍ତାନି ଶୁଳ୍କ ଲାଗୁ କରାଯାଇଥିଲା ଏବଂ ଲୁହା ପଥର ପେଲେଟ ଉପରେ ୪୫% ରପ୍ତାନି ଶୁଳ୍କ ଲାଗୁ ମଧ୍ୟ କରାଯାଇଥିଲା।

## ୧୫ ବିଲିୟନ ବଢ଼ିଛି ମୁଦ୍ରା ଭଣ୍ଡାର

ନୂଆଦିଲ୍ଲୀ,୧୯।୧୧

ଚଳିତ ବର୍ଷ ନଭେମ୍ବର ୧୧ରେ ଶେଷ ହୋଇଥିବା ସପ୍ତାହର କାରବାରରେ ପ୍ରାୟ ୧୫ (୧୪.୭୨) ବିଲିୟନ ଡଲାର ବଢ଼ି ୫୪୪.୭୨ ବିଲିୟନ ଡଲାରରେ ପହଞ୍ଚିଛି। ଏପରିକି ୨୦୨୧ ଅଗଷ୍ଟ ପରେ ଏହା ସବୁଠୁ ବଡ଼ ବୃଦ୍ଧି ବୋଲି ଜଣାପଡ଼ିଛି। ବିଶେଷକରି ଶନିବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏ ନେଇ ମଧ ସୂଚନା ଦିଆଯାଇଛି। ସେହିଭଳି ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଆର୍‌ବିଆଇ ଦ୍ୱାରା ଟଙ୍କାକୁ ମଜଭୁତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁ ଏଭଳି ଫଳାଫଳ ଦେଖାବାକୁ ମିଳିଛି। ଅପରପକ୍ଷରେ ଆର୍‌ବିଆଇର ପରିସଂଖ୍ୟାନ ଅନୁସାରେ ନଭେମ୍ବର ୧୧ରେ ଶେଷ ହୋଇଥିବା ସପ୍ତାହର କାରବାରରେ ବିଦେଶୀ ମୁଦ୍ରାଭଣ୍ଡାର ୧୪.୭୨ ବିଲିୟନ ଡଲାର ବଢ଼ି ୫୪୪.୭୨ ବିଲିୟନ ଡଲାର ହୋଇଛି। ଏପରିକି ନଭେମ୍ବର ୪ରେ ଏହାର ପରିମାଣ ୫୨୯.୯୯ ବିଲିୟନ ଡଲାରରେ ରହିଥିଲା।

## ବାଲିଯାତ୍ରା ମୁଖ୍ୟ ପୃଷ୍ଠପୋଷକଙ୍କୁ ପୁରସ୍କୃତ କଲେ ରାଜ୍ୟପାଳ



କଟକ,୧୯।୧୧

ଚଳିତ ବର୍ଷର କଟକ ବାଲିଯାତ୍ରା ମହୋତ୍ସବ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତଳ ବାଲିଯାତ୍ରା ପଡ଼ିଆସ୍ଥିତ ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଭାରତ ମସଲା ତା'ର ମାନ ବଢ଼ାଇଥିବାରୁ ରାଜ୍ୟପାଳ ମଧ ବେଶ୍ ପ୍ରଶଂସା କରିଥିଲେ। ଏ ସମ୍ପର୍କରେ ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ପଣ୍ଡା କହିଛନ୍ତି, ଦୀର୍ଘ ୨୩ ବର୍ଷ କାଳ ମସଲା ଜଗତରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶ ଏବଂ ବିଦେଶରେ ମଧ ମସଲାର ବେଶ୍ ଚାହିଦା ରହିଛି। ସେହିପରି ରାଜ୍ୟପାଳଙ୍କ ଦ୍ୱାରା ଐତିହାସିକ ବାଲିଯାତ୍ରାରେ ସମ୍ବର୍ଦ୍ଧିତ ହେବା ଭାରତ ମସଲା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୌରବର ବିଷୟ ବୋଲି ପଣ୍ଡା ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଡାଇଅନ ଗ୍ରୁପ୍‌ର ମନୋଜ କୁମାର ସାହୁଙ୍କୁ ମଧ ସମାନ ମଞ୍ଚରେ ରାଜ୍ୟପାଳ ପୁରସ୍କୃତ କରିଥିଲେ। ବାଲିଯାତ୍ରାର ପ୍ରିମିୟମ ପାଟ୍ରନ ପାଇଁ ରାଜ୍ୟପାଳ ଉକ୍ତ ପୁରସ୍କାର ସାହୁଙ୍କୁ ପ୍ରଦାନ କରିଥିଲେ। ଏପରିକି ପୁରସ୍କୃତ ହେବା ପରେ ସାହୁ କହିଥିଲେ, ଡାଇଅନ ଗ୍ରୁପ୍‌ର ଷ୍ଟଲ୍ ଚଳିତ ବର୍ଷ ବାଲିଯାତ୍ରାରେ ସ୍ଥାନିତ ହୋଇଥିବା ଷ୍ଟଲ୍ ମଧ୍ୟରୁ ଅନ୍ୟତମ। କାରଣ ଏହାପୂର୍ବରୁ ବାଲିଯାତ୍ରାରେ ଲାଇଭ ଡେମୋ ଫ୍ଲାଟ୍ ପ୍ରଦର୍ଶିତ ହୋଇ ନ ଥିଲା। ବିଗତ ୧୦ ଦିନରେ ପ୍ରାୟ ୧୦ଲକ୍ଷ ଲୋକ ଡାଇଅନ ଷ୍ଟଲ୍ ପରିଦର୍ଶନ କରିଥିଲେ ବୋଲି ସାହୁ ମତବ୍ୟକ୍ତ କରିଛନ୍ତି। ଉକ୍ତ ଉତ୍ସବରେ ସନ୍ଥ ମୁକୁନ୍ଦାନନ୍ଦ ମହାରାଜ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ମେୟର ସୁବାସ ସିଂ, ସିଡିଏ ଅଧକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ପଦ୍ମିନୀ କେୟାରରେ ପ୍ରଶିକ୍ଷିତ ହେଲେ ମାଲେସିଆ ଡାକ୍ତର



କଟକ,୧୯।୧୧

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'ପଦ୍ମିନୀ କେୟାର ହସ୍ପିଟାଲ' ପକ୍ଷରୁ ନିକଟରେ ଏକ ଅନ୍ତଃରାଷ୍ଟ୍ରୀୟ ଏଣ୍ଡୋସ୍କୋପିକ୍ ସ୍ପାଇନ୍ ଟ୍ରେନିଂ ଆଣ୍ଡ ଫେଲୋଶିପ୍ ପ୍ରୋଗ୍ରାମ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମାଲେସିଆର ଯୁବ ନ୍ୟୁରୋ ସର୍ଜନ ଡା. ଆରୁନ୍ ତାନ୍‌ଚିନ୍ ପଦ୍ମିନୀ କେୟାର ହସ୍ପିଟାଲରେ ୟୁନିଲାଟେରାଲ ବାଇପୋର୍ଟାଲ ଏଣ୍ଡୋସ୍କୋପି-ଲେଜର ସ୍ପାଇନ୍ ସର୍ଜରି (ମେରୁଦଣ୍ଡ ଯନ୍ତ୍ରଣାଜନିତ ଅସ୍ତ୍ରୋପଚାର) ରେ ପ୍ରଶିକ୍ଷଣ ଲାଭ କରିଛନ୍ତି। ଅପରପକ୍ଷରେ ମେଡିକାଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା.ଆରୁନ୍‌ଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ଡା.ଆତ୍ମାରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରଶିକ୍ଷଣ ବ୍ୟବସ୍ଥା ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ।

## ୩୦ରୁ ୩ୟ ଏମ୍‌ଆଇଓ ମହାକୁମ୍ଭ

ଭୁବନେଶ୍ୱର,୧୯।୧୧



ଚଳିତ ମାସ ୩୦ରୁ ୩ୟ ମେକ୍ ଇନ୍ ଓଡ଼ିଶା (ଏମ୍‌ଆଇଓ) କନ୍‌କ୍ଲେଭ ସ୍ଥାନୀୟ ଜନତା ମଇଦାନଠାରେ ହେବାକୁ ଯାଉଛି। ଏପରିକି ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏମ୍‌ଆଇଓ କନ୍‌କ୍ଲେଭକୁ ସଫଳତାର ସହ ପରିଚାଳନା କରିବାକୁ ରାଜ୍ୟ ଶିଳ୍ପ ବିଭାଗ, ଫିକି, ଇପିକଲ ସହ ପିଡବ୍ଲୁସି, ଲାନିୟାର୍ଡସ୍ ଏବଂ ଜେନେସିସ୍ ଭଳି ଜଣାଶୁଣା ସଂସ୍ଥାଙ୍କ ସହଯୋଗରେ ଏହି ବୃହତ୍ ଶିଳ୍ପ ମହାକୁମ୍ଭର ଆୟୋଜନ କରାଯାଉଛି। ଏହି ୫ଦିନିଆ କନ୍‌କ୍ଲେଭରେ ଦେଶବିଦେଶରୁ ବିଭିନ୍ନ ବର୍ଗର ଶିଳ୍ପପତିମାନେ ଯୋଗଦେଇ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ରହିଥିବା ପୁଞ୍ଜିନିବେଶ ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବେ। ଶିଳ୍ପ ବିଭାଗ ପକ୍ଷରୁ ନିକଟରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏପରିକି ଅନୁଷ୍ଠିତ ହେବାକୁ ଥିବା ଏମ୍‌ଆଇଓର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଠିକ୍ ଭାବେ ପ୍ରଚାର ପ୍ରସାର କରାଇବା ନିମନ୍ତେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପରିଚାଳନା ସମ୍ପର୍କିତ ଏକ ବିସ୍ତୃତ ଆଲୋଚନା ମଧ ହୋଇଥିଲା। ଉକ୍ତ ସମ୍ମିଳନୀରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଇଡ୍‌କୋର ଅଧକ୍ଷ ହେମନ୍ତ କୁମାର ଶର୍ମା ଯୋଗଦେଇ ଏସ୍‌ଆଇଓ କନ୍‌କ୍ଲେଭ ସମ୍ପର୍କରେ ଗଣମାଧମ ପ୍ରତିନିଧିମାନଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ଉକ୍ତ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ଗଣମାଧମ ପ୍ରତିନିଧିମାନଙ୍କୁ କନ୍‌କ୍ଲେଭ ସମ୍ପର୍କିତ ସମସ୍ତ ସୂଚନା ପ୍ରଦାନ କରାଯିବା ସହ ତା'ର ସଫଳ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ମଧ ଉକ୍ତ ବୈଠକରେ ଯୋଗଦେଇଥିଲେ।

**ଫୁରସତ୍**

# ୧୪୦ ବର୍ଷ ପରେ ମିଳିଲା ଫେଜାଣ୍ଟ ପାରାର ସନ୍ଧାନ

ପୋର୍ଟ ମୋର୍ସବି

**ବିଶ୍ୱର ୨୦ ବିଲୁପ୍ତ ପକ୍ଷୀଙ୍କ ସୂଚୀରେ ଥିଲା ନାଁ**



ଜୀବଜଗତରେ ଅନେକ ପଶୁ ଓ ପକ୍ଷୀ ଅଛନ୍ତି ଯେଉଁମାନେ ସହଜରେ ଦେଖା ଦିଅନ୍ତି ନାହିଁ। ସେମାନେ ଜନବସତିଠାରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ବର୍ତ୍ତମାନ ସମୟରେ ଜଙ୍ଗଲ କ୍ଷୟ ମୁଖ୍ୟ କାରଣ ପାଲଟିଛି, ଯାହାଫଳରେ ଗୋପନରେ ରହିବାକୁ ପସନ୍ଦ କରୁଥିବା ଜୀବ ଖାଦ୍ୟ ଅନ୍ୱେଷଣ ପାଇଁ ବହାରକୁ ଆସୁଛନ୍ତି। ନିକଟରେ ବୈଜ୍ଞାନିକମାନେ ପାପୁଆ ନ୍ୟୁଗିନିଆରେ ବ୍ଲାକ୍ ନାପ୍ଡ ଫେଜାଣ୍ଟ ପାରାକୁ ଦେଖିଛନ୍ତି। ଶତାଧିକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୁକୁଡ଼ା ଆକାରର ଏହି ଦୁର୍ଲଭ ପକ୍ଷୀର କୌଣସି ଖବର ନ ଥିଲା। ଫଳରେ ଏହାକୁ ବିଶ୍ୱର ୨୦ ବିଲୁପ୍ତ ପକ୍ଷୀଙ୍କ ସୂଚୀରେ ସାମିଲ କରାଯାଇଥିଲା। କିନ୍ତୁ ପାପୁଆ ନ୍ୟୁଗିନିଆର କିଲକେରାନ୍ ପର୍ବତରେ ଫେଜାଣ୍ଟ ପାରା ଦେଖାଯାଇଛି। ୧୮୮୨ରେ ପ୍ରଥମ ଥର ଏହାକୁ ଦେଖାଯାଇଥିବା ଲଷ୍ଟ ବାର୍ଡ ପ୍ରୋଗ୍ରାମର ନିର୍ଦ୍ଦେଶକ ଜନ୍ ମିଟରମେଇର କହିଛନ୍ତି।

ଫେଜାଣ୍ଟ ପାରା ସମ୍ବନ୍ଧରେ ତଥ୍ୟ ଖୋଜିବା ପାଇଁ ଏକ ବିଶେଷଜ୍ଞ ଟିମ୍ କ୍ୟାମେରା ଜରିଆରେ ଏହି ବିରଳ ପକ୍ଷୀର ଚିହ୍ନଟ କରିଥିଲେ। ଦଳ ଲୁକ୍କାୟିତ ଭାବେ ରହୁଥିବା ୧୫୦ ପକ୍ଷୀଙ୍କ ଚିହ୍ନଟ କରିଛନ୍ତି। ପାପୁଆ ନ୍ୟୁଗିନିଆ ନିକଟରେ ଥିବା ଫେରଗୁସୋନ୍ ଆଇଲାଣ୍ଡରେ ଫେଜାଣ୍ଟ ପାରାର ସନ୍ଧାନ ପାଇଁ ୨୦୧୯ରେ ବିଶେଷଜ୍ଞଙ୍କ ଏକ ଟିମ୍ ପ୍ରୟାସ କରିଥିଲେ। କିନ୍ତୁ ସେମାନଙ୍କୁ ସଫଳତା ମିଳି ନ ଥିଲା।

## ବାଜପେୟୀଙ୍କ ବାୟୋପିକ୍‌ରେ ପଙ୍କଜ



ମୁମ୍ବାଇ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବାୟୋପିକ 'ମେଁ ରହୁଁ ୟା ନା ରହୁଁ ୟେ ଦେଶ ରେହନା ଚାହିୟେ-ଅଟଳ'ରେ ଅଭିନେତା ପଙ୍କଜ ତ୍ରିପାଠୀ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏକାଧିକ ଥର ଜାତୀୟ ପୁରସ୍କାର ହାସଲ କରିଥିବା ରବି ଯାଦବଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରଟିର କାହାଣୀ ଲେଖିଛନ୍ତି ଉତ୍କର୍ଷ ନାଇଥାନି। ପଙ୍କଜ କହିଛନ୍ତି, 'ଏଭଳି ମହାନ ରାଜନେତାଙ୍କୁ ପରଦାରେ ଚିତ୍ରଣ କରିବା ଗୌରବର ବିଷୟ। ସେ କେବଳ ଜଣେ ରାଜନେତା ନୁହଁନ୍ତି, ସେ ଜଣେ ଉତ୍ତମ ଲେଖକ ଏବଂ ପ୍ରଖ୍ୟାତ କବି । ତାଙ୍କ ପାଦର ଜୋତା ହେବା ମୋ ଭଳି ଜଣେ ଅଭିନେତାଙ୍କ ପାଇଁ ସୌଭାଗ୍ୟ ଠାରୁ କମ୍ ନୁହେଁ ବୋଲି ପଙ୍କଜ କହିଛନ୍ତି। ଏହି ଚଳଚ୍ଚିତ୍ରଟି ବାଜପାୟୀଙ୍କ ରାଜନୈତିକ ଯାତ୍ରା ଉପରେ ଆଧାରିତ।

## ଚଟାଣ ତଳୁ ବାହାରିଲା ୧୩୫ ବର୍ଷର ଚିଠି

ନୂଆଦିଲ୍ଲୀ: ଏଲିଧ୍ ସିମ୍‌ଥନ୍ ନାମକ ଜଣେ ମହିଳା ତାଙ୍କ ଘରର ଚଟାଣ ସଫା କରୁଥିଲେ। ସେତେବେଳେ ତାଙ୍କୁ ଏକ ବୋତଲ ମିଳିଥିଲା, ଯାହା କି ୧୩୫ ବର୍ଷ ପୁରୁଣା ବୋଲି ଜଣାପଡିଛି। ସେହି ବୋତଲକୁ ସେମାନେ ବହୁ ସାବଧାନର ସହ ଚଟାଣ ମଧ୍ୟରୁ ବାହାର କରିଥିଲେ। ତା' ଭିତରେ ଏକ ଚିଠି ଥିଲା। ସେଥିରେ କିଛି ମେଜେସ୍ ଲେଖାଥିବା ସହ ୧୮୮୭ ଅକ୍ଟୋବର ୬ ତାରିଖ ଲେଖାଥିଲା। ସେହି ଲେଖାକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେହି ଚିଠି ଏଲିଜାବେଥ୍‌ଙ୍କ ସମୟର ବୋଲି ଜଣାପଡିଛି। ସେଥିରେ ତାଙ୍କ ପୂର୍ବ ପୁରୁଷର କେହି ଜଣେ ଏହି ଚିଠି ଲେଖିଥିବା ଜଣାପଡିଛି।



# ବିବାହ ଉତ୍ସବକୁ ସେନା ନିମନ୍ତ୍ରିତ

**ଥିରୁଭାନନ୍ତପୁରମ୍:** ବିବାହ ସମସ୍ତଙ୍କ ଜୀବନରେ ବହୁତ ଖାସ ମୁହୂର୍ତ୍ତ ହୋଇଥାଏ। ଏଥିସହ ବିବାହକୁ ସ୍ମରଣୀୟ କରିବାକୁ ମଧ ସମସ୍ତେ ଚାହିଁଥାନ୍ତି। ତେବେ ଏପରି ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ବିବାହ କରିବାକୁ ଯାଉଥିବା ଦମ୍ପତି ସମସ୍ତ ଭାରତୀୟ ଆର୍ମିଙ୍କୁ ତାଙ୍କ ବିବାହ ପାଇଁ ନିମନ୍ତ୍ରଣ କରିଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନଭେମ୍ବର ୧୦ରେ ବିବାହ କରିଥିବା କେରଳର ଦମ୍ପତି ରାହୁଲ ଏବଂ କାର୍ତ୍ତିକା ସମସ୍ତ ଭାରତୀୟ ଆର୍ମିଙ୍କୁ ନିମନ୍ତ୍ରଣ ପଠାଇଥିବା ଜଣାପଡିଛି। ସେ ଚିଠିରେ ଲେଖିଛନ୍ତି, ' ଆମେ ଦୁହେଁ ନଭେମ୍ବର ୧୦ରେ ବିବାହ କରିବାକୁ ଯାଉଛୁ। ଆପଣମାନେ ଆମକୁ ଏବଂ ଦେଶକୁ ବାହ୍ୟ ଶତ୍ରୁଙ୍କଠାରୁ ରକ୍ଷା କରୁଛନ୍ତି, ଫଳରେ ଆମେ ଘରେ ଆରାମରେ ଶୋଇପାରୁଛୁ। ବାହାରେ ବୁଲି ପାରୁଛୁ। ସେଥିପାଇଁ ଆପଣଙ୍କ ପାଖରେ ଆମେ ଚିର ଋଣୀ। ଆମେ ଦୁହେଁ ବହୁତ ଖୁସି ଅଛୁ। ଆମର ଏହି ଖୁସିର ମୁହୂର୍ତ୍ତରେ ଆପଣଙ୍କୁ ଆମନ୍ତ୍ରିତ କରି ଆଶୀର୍ବାଦ କାମନା କରୁଛୁ।' ଭାରତୀୟ ସେନା ଏହାର ଉତ୍ତର ଦେବାକୁ ଯାଇ ଲେଖିଛନ୍ତି, 'ବେଷ୍ଟ ୱିସେସ୍। ବିବାହ ନିମନ୍ତ୍ରଣ ପାଇଁ ଦୁହିଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ତୁମ ବିବାହ ଜୀବନ ପାଇଁ ଶୁଭକାମନା।' ଏଥିସହ ଅନେକ ଲୋକ ମଧ ଲଗାତାର ଏଥିରେ କମେଣ୍ଟ କରୁଥିବା ଦେଖିବାକୁ ମିଳୁଛି।



Dear Heroes,

We (Rahul and Karthika) are getting married on November 10th. We are truly thankful for your love, determination and the true patriotism towards our country.

We owe a deep debt of gratitude to you for keeping us safe. Because of you we sleep peacefully. Thank you for giving us all happy days with our loved ones. Because of you we are getting married happily.

We are extremly delighted to invite you to our special day. We wish your presence and blessings.

Thank You for protecting us.

Yours Sincerly,
Rahul and Karthika.

Sushama. M. S & Reghunatha Pillai. K. C
AGRA 33A, "Kripa", Alwarya Gardens, Vazhayila,
Peroorkada. P. O, Trivandrum - 695005.
Ph: 9497004668, 9447024791

Cordially invite your esteemed presence with family on the auspicious occasion of the marriage of their son

Rahul

(Grand S/o Shri. Chellappan Pillai (Late) & Smt. Devaki Amma (Late), Chittar and Shri. S. Chandrasekharan Nair (Late) & Smt. B. K. Saradamba, Kottarakkara)

with

Karthika

(D/o Smt. Kala. S and Shri. Santhosh. S,
TC 55/139 (2), KRA 82A, "Keerthanam", Kuttikkadu Lane, Kaimanam, Pappanamcode. P. O. Trivandrum - 695018)
(Grand D/o Shri. P. K. Sreedharan Nair & Smt. Rajeswari Amma, Balaramapuram and Shri. P. Thankappan Nair (Late) & Smt. Subhadra Amma, Pravachambalam)

On Thursday, 10th November 2022
(24th Thulam 1198)
At RDR Auditorium, Edappazhanji, Trivandrum.

Muhurtham : Between 11.30 am and 12 noon
Reception : 10 am

With Best Compliments from Friends & Relatives
Presents in Blessings & Prayers only

## ଶିଶୁଙ୍କ ବିକାଶରେ ବିଶ୍ୱର ବିକାଶ

**ବିଶ୍ୱ ଶିଶୁ ଦିବସ**

କୁହାଯାଏ, ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଶିଶୁଙ୍କ ବିକାଶରେ ଦେଶ ତଥା ସମଗ୍ର ବିଶ୍ୱର ବିକାଶ ସମ୍ଭବ ହୋଇପାରିଥାଏ। ଶିଶୁଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା ନେଇ ତଥା ସେମାନଙ୍କର ଅଧିକାରକୁ ସୁରକ୍ଷା ରଖିବା ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୨୦ରେ ବିଶ୍ୱ ଶିଶୁ ଦିବସ ପାଳନ କରାଯାଇଥାଏ। ଶିଶୁଙ୍କ ପାଇଁ ଏଭଳି ଏକ ଦିବସ ପାଳନର ଆରମ୍ଭ ୧୯୫୪ ନଭେମ୍ବର ୨୦ରେ ହୋଇଥିଲା। ସମଗ୍ର ବିଶ୍ୱର ଶିଶୁଙ୍କ କଲ୍ୟାଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଏହି ଦିବସର ଉଦ୍ଦେଶ୍ୟ। ନଭେମ୍ବର ୧୯୫୯ ନଭେମ୍ବର ୨୦ରେ ମିଳିତ ଜାତିସଂଘର ସାଧାରଣ ସଭା ଶିଶୁଙ୍କ ଅଧିକାର ସମ୍ପର୍କରେ ଘୋଷଣା କରିଥିଲେ। ୧୯୮୯ରେ ଏହାକୁ ଜାତିସଂଘ ପକ୍ଷରୁ ଅନୁମୋଦନ କରାଯାଇଥିଲା। ୧୯୯୦ ମସିହାଠାରୁ ମିଳିତ ଜାତିସଂଘ ନଭେମ୍ବର ୨୦କୁ ଶିଶୁ ଅଧିକାର ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା।

## ନୀତିନଙ୍କ ୧.୪୫ କୋଟି ବ୍ୟାଙ୍କ ଜମା ଅଚଳ

### ଲୋନ୍ ଆପ୍ ଠକେଇ, ନିର୍ଯାତନା ମାମଲା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ) - ବେଆଇନ ଡିଜିଟାଲ ଲୋନ୍ ଆପ୍ ସ୍କାମରେ ଗିରଫ ହୋଇ ଜେଲରେ ଥିବା ରାଜସ୍ଥାନର ନୀତିନ ମଲ୍ଲିକଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୧.୪୫ କୋଟି ଟଙ୍କାକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଚଳ କରିଛି। ଏଚ୍‌ଡିଏଫ୍‌ସି ଓ ଆଇଡିଏଫ୍‌ସିରେ ଥିବା ୨ଟି ଆକାଉଣ୍ଟରେ ଏହି ଟଙ୍କା ରହିଛି। ନୀତିନ ଏମ୍‌ଏସ୍ ଗୁଡ୍ ଷ୍ଟାର୍ଟ ବିଜ୍‌ନେସ୍ ଲିଃ ଓ ଏମ୍‌ଏସ୍ ରାଇଟ୍ ଷ୍ଟାର୍ଟ ବିଜ୍‌ନେସ୍ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ଥିଲେ। ସେ ଏହି ୨ଟି କମ୍ପାନୀକୁ ନୀତିନ ଆର୍‌ବିଆଇ ଏନ୍‌ବିଏଫ୍‌ସିରେ ପଞ୍ଜୀକୃତ କରି ନ ଥିବା ଜଣାପଡିଛି। ଏହା ବେଆଇନ ଭାବେ ଚାଲିଥିବା ଜାଣିବା ପରେ ଇଓଡବ୍ଲ୍ୟୁ ଏହି ପଦକ୍ଷେପ ନେଇଛି।

ଭୁବନେଶ୍ୱରର ଶକ୍ତିପ୍ରସାଦ ଦାସ କ୍ରେଡିଟ୍ ଗୋଲ୍ଡ ଆପ୍‌ରୁ ୯ ହଜାର ଟଙ୍କାର ଲୋନ ଆଣିଥିଲେ। ୪ଦିନ ପରେ ତାଙ୍କୁ ହ୍ୱାଟ୍ସଆପ୍‌ରେ କଲ୍ କରାଯାଇ ୧୫ ହଜାର ୬୨୭ ଲୋନ ଟଙ୍କା ଭରିବାକୁ କୁହାଯିବା ସହ ଗାଳିଗୁଲଜ, ଅଶ୍ଳୀଳ ଫଟୋ ଭାଇରାଲ ଧମ ସହ ମାନସିକ ନିର୍ଯାତନା ଦିଆଯାଇଥିଲା। ତାଙ୍କ ଅଭିଯୋଗ ପରେ ଇଓଡବ୍ଲ୍ୟୁ ଜୁଲାଇ ୨ରେ ଏକ ମାମଲା (ନଂ ୧୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଥିଲା ଏହି ଠକେଇ ରାକେଟ ପଛରେ ୩ ଚାଇନା ନାଗରିକ ମାଷ୍ଟରମାଇଣ୍ଡ୍ ଅଛନ୍ତି। ସେମାନେ ନିୟମିତ ନୀତିନଙ୍କ ସମ୍ପର୍କରେ ରହି କ୍ରେଡିଟ ଗୋଲ୍ଡ ଆପ୍ ସମେତ ୧୦ଟି ବେଆଇନ ଆପ୍‌କୁ ଭାରତର ଚଳାଉଛନ୍ତି। ଲକ୍ଷେରୁ ଅଧିକ ଲୋକ ଠକେଇର ଶିକାର ହୋଇଥିବା ଇଓଡବ୍ଲ୍ୟୁ ଅନୁମାନ କରୁଛି। ନୀତିନ ବିଏସ୍‌ଏନ୍‌ଏଲ୍, ଏୟାରଟେଲ୍ ଓ ଭୋଡାଫୋନ ଆଦି ସଂସ୍ଥାରୁ ବହୁ ସିମ୍ ଆଣି ଚାଇନା ମାଷ୍ଟରମାଇଣ୍ଡଙ୍କୁ ଦେଉଥିଲେ। ଏଥିସହ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ ଓ ମାଷ୍ଟରମାଇଣ୍ଡଙ୍କୁ ଟଙ୍କା ପଠାଇବା ଦାୟିତ୍ୱରେ ଥିଲେ। ଏଥିପାଇଁ ଚାଇନା ନାଗରିକଙ୍କଠାରୁ ସେ ବିପୁଳ କମିଶନ ପାଉଥିଲେ।

# ମିଳିଲା ଅର୍ଚ୍ଚନାଙ୍କ ଏଣ୍ଡେଭର କାର

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ମହିଳା ବ୍ଲାକମେଲର୍ ଅର୍ଚ୍ଚନା ନାଗଙ୍କ ଆର୍ଥିକ କାରବାର ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତକୁ ଜୋର୍‌ଦାର କରିଛି। ଅର୍ଚ୍ଚନା ଏତେ ପରିମାଣର ସମ୍ପତ୍ତି କେମିତି ହାତେଇଲେ ତା'ର ଚିହ୍ନିକିଖି ତଥ୍ୟ ଜାଣିବା ଲାଗି ସମସ୍ତ ପ୍ରକାର ଉଦ୍ୟମ ଚଳାଇଛି। ଅର୍ଚ୍ଚନାଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ୧୦ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରାକରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରୁଛି। ରିମାଣ୍ଡ ଅବଧି ସରିଆସୁଥିବା ବେଳେ ଆଉ ଥରେ ରିମାଣ୍ଡରେ ଆଣିବାକୁ ଇଡି ଯୋଜନା କରୁଛି। ଏସବୁ ଭିତରେ ଓଡ଼ିଆ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ହାଜର ହେବାକୁ ନୋଟିସ ଜାରି କରିଥିଲା ଇଡି। ଅକ୍ଷୟ ପରିଜା ବ୍ୟକ୍ତିଗତ ଭାବେ ହାଜର ହୋଇନାହାନ୍ତି। ତାଙ୍କ ଓକିଲ ଆକାଶ ଭୂୟାଁ ଶନିବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତାଙ୍କୁ ୧ ଘଣ୍ଟାରୁ ଅଧିକ ସମୟ ପଚରାଉଚରା ପରେ ବାହାରକୁ ଆସି କହିଥିଲେ, ସ୍ୱାସ୍ଥ୍ୟଗତ କାରଣରୁ ଅକ୍ଷୟ ପରିଜା ଆସିପାରି ନ ଥିଲେ। ତାଙ୍କୁ ଆଉ କିଛି ଦିନ ସମୟ ଦରକାର। ସେ ବ୍ୟାଙ୍କକରୁ ଫେରିଥିବାରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ଘରେ ଆଇସୋଲେସନରେ ଅଛନ୍ତି। ତେବେ ସେ ଖୁବଶୀଘ୍ର ଇଡି ଅଫିସରେ ହାଜର



ଜବତ ହୋଇଥିବା ଅର୍ଚ୍ଚନାଙ୍କ ଏଣ୍ଡେଭର କାର।

ହୋଇ ତଦନ୍ତରେ ସହଯୋଗ କରିବେ।

ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଇଡି ଅଧିକାରୀମାନେ ଖୋଜୁଥିବା ଅର୍ଚ୍ଚନାଙ୍କ ୩୩ଲକ୍ଷ ଟଙ୍କାର ଫୋର୍ଡ ଏଣ୍ଡେଭର କାର୍‌କୁ ଶନିବାର ରାତିରେ ଜବତ କରାଯାଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ ଘରୋଇ କଲେଜ ସମ୍ମୁଖରୁ ଇଡି ଅଧିକାରୀମାନେ ଜବତ କରିଛନ୍ତି। କାର୍‌ଟି ଧଳା ରଙ୍ଗର ହୋଇଥିବା ବେଳେ ଏହାର ଆଗ ଓ ପଛ ନମ୍ବର ପ୍ଲେଟ୍ ଖୋଲି ଦିଆଯାଇଛି। କାରର ଚେସିସ୍ ଓ ଇଞ୍ଜିନ ନମ୍ବର ଯାଞ୍ଚ କଲା ପରେ ଉକ୍ତ କାର୍‌ଟି ଅର୍ଚ୍ଚନାଙ୍କର ବୋଲି ଜଣାପଡ଼ିଛି। ସେହିଭଳି ହନିଟ୍ରାପ ମାମଲାରେ ଛନ୍ଦି ହୋଇପଡିଥିବା ରାଜନେତାଙ୍କୁ ଖୁବଶୀଘ୍ର ଇଡି ନୋଟିସ୍ କରିପାରେ। ତେଣୁ ଏଥିରେ ସାମିଲ ଥିବା ବହୁ ନେତା, ପ୍ରଶାସନିକ ଅଧିକାରୀ, ବଡ଼ବଡ଼ିଆଙ୍କ ମଧ୍ୟରେ ଛନକା ପଶିଛି। ଅର୍ଚ୍ଚନାଙ୍କ ସହିତ ନଗଦ ଟଙ୍କା ଦେଣନେଣ କରିଥିବା ୧୨ଜଣ ବଡ଼ ବଡ଼ିଆଙ୍କୁ ନୋଟିସ୍ ହୋଇଥିବା ଇଡିର ଜଣେ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଅର୍ଚ୍ଚନା ନାଗ ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବିରୋଧରେ ପରିଜା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅକ୍ଷୟ ପରିଜା ଦେଇଥିବା ଏତଲା ଅନୁସାରେ, ନିଜକୁ ଆଇନଜୀବୀ ଭାବେ ଅର୍ଚ୍ଚନା ତାଙ୍କୁ ପରିଚୟ ଦେଇଥିଲେ। ଜଣେ ଯୁବତୀଙ୍କ ସହ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଥିବା କହିଥିଲେ । ସେହି ଯୁବତୀ ତାଙ୍କର ମହକିଲ ବୋଲି ଦାବି କରିଥିଲେ। ଟଙ୍କା ନଦେଲେ ଯୁବତୀ ଜଣଙ୍କ ତାଙ୍କ ବିରୋଧରେ ଥାନାକୁ ଯିବେ ବୋଲି ଧମକାଇଥିଲେ । ସମ୍ମାନହାନି ଭୟରେ ବୁଝାମଣା କରିବାକୁ ରାଜି ହୋଇଥିଲେ ଅକ୍ଷୟ। ଏଥିପାଇଁ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଅର୍ଚ୍ଚନାଙ୍କ ସହ ଭେଟ ହୋଇଥିଲା । ଏହି ସମୟରେ ମାମଲା ରଫାଦଫା କରିବା ପାଇଁ ୩ କୋଟି ଟଙ୍କା ଦାବି କରିଥିଲେ ଅର୍ଚ୍ଚନା ।

**ଇଡିରେ ହାଜର ହେଲେନି ଅକ୍ଷୟ ପରିଜା**

**୧୨ ଜଣଙ୍କୁ ନୋଟିସ, ବଡ଼ବଡ଼ିଆ ଛାନିଆ**

### ଗାଡ଼ି ରଖିଲା କିଏ ?

ଅର୍ଚ୍ଚନାଙ୍କ କାର୍ ମଞ୍ଚେଶ୍ୱର ଅଞ୍ଚଳରୁ ମିଳିବା ପରେ କିଏ ଏହି ସ୍ଥାନରେ କାର ରଖିଲା ସେ ନେଇ ଚର୍ଚ୍ଚା ଜୋର ଧରିଛି। ଇଡି ଅଧିକାରୀମାନେ ଅର୍ଚ୍ଚନାଙ୍କ ଘର ସମେତ ବହୁ ସ୍ଥାନରେ ଚଢ଼ାଉ କରିଥିଲେ ମଧ କାର୍‌ଟିକୁ ପାଇନଥିଲେ। ତେବେ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କୁ ଗାଡ଼ିର ଗତିବିଧି ସମ୍ପର୍କରେ ରିପୋର୍ଟ ମାଗିବାର ୨ ଦିନ ପରେ ଏକ ପରିତ୍ୟକ୍ତ ସ୍ଥାନରେ କାର୍‌ଟିକୁ କେହି ରଖି ଫେରାର୍ ହୋଇଯାଇଥିଲେ। ତେବେ ଶୁକ୍ରବାର ଉକ୍ତ ସ୍ଥାନରେ କାର୍‌ଟି ନଥିବା ବେଳେ ଶନିବାର ସେଠାରୁ କାର୍ ଜବତ ହେବା ନେଇ ସନ୍ଦେହ ଘନୀଭୂତ ହୋଇଛି। କାର୍ କିଏ ରଖିଲା ସେ ନେଇ ଇଡି ଅଧିକାରୀମାନେ ସିସିଟିଭି ଫୁଟେଜ୍ ଯାଞ୍ଚ କରିବେ ବୋଲି ଜଣାପଡ଼ିଛି।

## ଶିକ୍ଷା ବିଭାଗର ଗୁପ୍ତ ତଥ୍ୟ ଲିକ୍ ନେଇ କନିଷ୍ଠ କିରାଣି ନିଲମ୍ବିତ

ଗୋପ,୧୯।୧୧(ଡି.ଏନ୍.ଏ)

ଶିକ୍ଷା ବିଭାଗର ଗୁପ୍ତ ତଥ୍ୟ ଲିକ୍ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବିଭିନ୍ନ ସମୟରେ ବିଶୃଙ୍ଖଳିତ ଆଚରଣ ନେଇ ଅଭିଯୋଗ ହେବା ପରେ କନିଷ୍ଠ କିରାଣି ଚାକିରିରୁ ନିଲମ୍ବିତ ହୋଇଥିବା ଜଣାପଡ଼ିଛି। ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରୁ ଡେପୁଟେଶନରେ ଯାଇ ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କନିଷ୍ଠ କିରାଣି ଦୀପକ ସାହୁଙ୍କୁ ଜିଲା ଶିକ୍ଷାଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସୂଚନା ମୁତାବକ, ପୂର୍ବରୁ ଗୋପ ବିଇଓଙ୍କ କାର୍ଯ୍ୟାଳୟରେ କିରାଣି ଭାବେ ସାହୁ କାର୍ଯ୍ୟ କରୁଥିଲେ। ମାଟ୍ରିକ୍ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ତଦାରଖ କରିବାକୁ ଆସିଥିଲେ। ତେବେ କିଛି ଅଧିକାରୀଙ୍କୁ ବିଶୃଙ୍ଖଳିତ ଆଚରଣ କରିଥିବାବେଳେ କୋଚିଂ ସେଣ୍ଟର ସହ ସମ୍ପର୍କ ରଖି ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ମାର୍କ ବିଭିନ୍ନ ସମୟରେ ପ୍ରଘଟ କରିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହି ଅଭିଯୋଗକୁ ଆଧାର କରି ଜିଲା ଶିକ୍ଷାଧିକାରୀ ତଦନ୍ତ କରି ରିପୋର୍ଟ ଦେବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ମିଳିବା ପରେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ ପତ୍ରସଂଖ୍ୟା ୧୨୦୫୬, ତା୧୯।୧୧।୨୦୨୨ରିଖରେ ସାହୁଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି।

# ପୂର୍ବତନ ସୈନିକଙ୍କ ଡାଟାବେସ୍ ପ୍ରସ୍ତୁତ ହେବ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

**ରାଜ୍ୟ ସୈନିକ ବୋର୍ଡ ସମ୍ମିଳିତ ପାଣ୍ଠି ପରିଚାଳନା କମିଟି ବୈଠକ**

ରାଜ୍ୟ ସୈନିକ ବୋର୍ଡ ସମ୍ମିଳିତ ପାଣ୍ଠି ପରିଚାଳନା କମିଟିର ଦ୍ୱାଦଶ ବୈଠକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ରାଜଭବନରେ ଆୟୋଜିତ ଏହି ବୈଠକରେ ପୂର୍ବତନ ସୈନିକ ତଥା ତାଙ୍କ ପରିବାରର ସର୍ବାଙ୍ଗୀନ କଲ୍ୟାଣକୁ ଅଗ୍ରାଧିକାର ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଥିସହ ଭୁବନେଶ୍ୱର ଆଇଆରସି ଭିଲେଜ୍‌ରେ ନବନିର୍ମିତ ସୈନିକ ଭବନର ପରିଚାଳନା, ପୂର୍ବତନ ସୈନିକ, ଯୁଦ୍ଧରେ ବିଧବା ହୋଇଥିବା ସୈନିକଙ୍କ ସ୍ତ୍ରୀ ତଥା ଅକର୍ମଣ୍ୟ ସୈନିକମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। କଟକରେ ସୈନିକ ବିଶ୍ରାମଗୃହକୁ ପ୍ରାୟ ୭୦ଲକ୍ଷ ଟଙ୍କା ବିନିଯୋଗରେ ମରାମତି ଓ ନବୀକରଣ କରାଯାଇଛି। ସେହିଭଳି ରାଜ୍ୟ ସୈନିକ ବୋର୍ଡ ପକ୍ଷରୁ ପୂର୍ବତନ ସୈନିକ ତଥା ତାଙ୍କ ପରିବାର ସମ୍ପର୍କିତ ଏକ ଡାଟାବେସ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ସୈନିକଙ୍କ କଲ୍ୟାଣ ତଥା ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯିବା ସହ ଜିଲାରେ କାର୍ଯ୍ୟ କରୁଥିବା ବୋର୍ଡକୁ ଆହୁରି କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାଜ୍ୟ ସୈନିକ ବୋର୍ଡର ବିଭିନ୍ନ ସମସ୍ୟା ଓ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ସହ ଆଲୋଚନା ମାଧ୍ୟମରେ ସମାଧାନ ଓ କାର୍ଯ୍ୟକାରୀ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ରାଜ୍ୟ ସୈନିକ ବୋର୍ଡ ସଚିବ କମୋଡର (ଅବସରପ୍ରାପ୍ତ) ଘନଶ୍ୟାମ ଓଝା ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିବାବେଳେ ଗୃହବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବ୍ରିଗେଡିଅର ବିଘ୍ନେଶ ମହାନ୍ତି, କର୍ନେଲ ବୀରେନ୍ଦ୍ର କୁମାର ବସ୍ତିଆ (ଅବସରପ୍ରାପ୍ତ), ଗ୍ରୁପ କ୍ୟାପଟେନ ଏସ. କେ ନାଥଙ୍କ ସମେତ ପରିଚାଳନା କମିଟିର ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ରାଜ୍ୟ ସୈନିକ ବୋର୍ଡ ସମ୍ମିଳିତ ପାଣ୍ଠି ପରିଚାଳନା କମିଟିର ଦ୍ୱାଦଶ ବୈଠକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।



**ମଇଁଷି ଆକ୍ରମଣରେ ଚାଷୀ ମୃତ**

ମଙ୍ଗୁଳି/ଜଗତପୁର,(ଡ଼ି.ଏନ.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତରେ ଏକ ବଣୁଆ ମଇଁଷି ଆକ୍ରମଣରେ ଜଣେ ଚାଷୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଛତାବର ଗ୍ରାମର ଅନନ୍ତ ବାରିକ(୭୦)। ଶନିବାର ସକାଳୁ ଅନନ୍ତ ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ ବଣୁଆ ମଇଁଷି ତାଙ୍କୁ ଆକ୍ରମଣ କରିଥିଲା। ଅପରାହ୍ନ ୧ଟା ବେଳେ ପରିବାର ଲୋକେ ଖବର ପାଇ ଚୌଦ୍ୱାର ବନବିଭାଗକୁ ଜଣାଇବା ସହିତ ଅନନ୍ତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନାମ



@ ଅବିନାଶ



@ ଏସ.କେ. ଅମିବୁଲ୍ଲା



@ ଆକାଶ



@ ସୁନୀଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଚଳଚ୍ଚିତ୍ରରେ ଜଳବାୟୁ ପରିବର୍ତ୍ତନ ବାର୍ତ୍ତା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱ ସମସ୍ୟା ପାଲଟିଛି। ଏନେଇ ଚଳଚ୍ଚିତ୍ର ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଛନ୍ତି ଶିଶୁ। ଆଇନା ଓ ୟୁନିସେଫ୍ ପକ୍ଷରୁ ଶିଶୁ ଚଳଚ୍ଚିତ୍ର 'ମହୋତ୍ସବ କଲ୍ଲୋଳ-୨୦୨୨'ର ୯ମ ସଂସ୍କରଣ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଜଳବାୟୁ ପରିବର୍ତ୍ତନ ଓ ଶିଶୁଙ୍କ ଉପରେ ଏହାର ପ୍ରଭାବ'କୁ ନେଇ ୪୭ଜଣ ଶିଶୁଙ୍କ ଦ୍ୱାରା ନିର୍ମିତ ୯ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ପାଇଁ ବିଶ୍ୱରେ ହେଉଥିବା ସମସ୍ୟା ଓ ଶିଶୁମାନେ କିଭଳି ପ୍ରଭାବିତ ହେଉଛନ୍ତି ତାହା ଜାଣିବାର ସୁଯୋଗ ଦେଇଥିଲା ଏହି ମହୋତ୍ସବ। ମହୋତ୍ସବ ପରିପ୍ରେକ୍ଷୀରେ ପୂର୍ବରୁ ବଲାଙ୍ଗୀର ଜିଲାର ଲୋଇସିଙ୍ଗା ବ୍ଲକ ଯୋଗିସାର୍ଦାସ୍ଥିତ ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟ, ରାୟଗଡା ଜିଲା ପିତାମହଲସ୍ଥିତ ଆଶ୍ରମ ସ୍କୁଲ ଏବଂ ଯାଜପୁର ଜିଲା ଜେନାପୁରସ୍ଥିତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ ଦିନିଆ କର୍ମଶାଳା ଆୟୋଜିତ କରାଯାଇଥିଲା। ପ୍ରଥମ ୩ଦିନ ବିଷୟବସ୍ତୁ ଉପରେ ଆଲୋଚନା ଓ ସ୍କ୍ରିପ୍ଟ ଲେଖିବା ପାଇ ଦିଆଯାଇଥିଲା। ଚତୁର୍ଥ ଦିନ ଚଳଚ୍ଚିତ୍ର ନିର୍ମାଣ ପ୍ରକ୍ରିୟାରେ ବ୍ୟବହୃତ ଯାନ୍ତ୍ରିକ ଉପକରଣର ପରିଚାଳନା ଏବଂ ଶେଷ ଚାରିଦିନ ଶୁଟିଂ ଓ ଏଡିଟିଂ ପାଇଁ ରଖାଯାଇଥିଲା। ଏହି ଫିଲ୍ମଗୁଡ଼ିକର ନିର୍ଦ୍ଦେଶନା ଦେଇଥିଲେ ସୁବାଷ ଦାସ ଓ ସ୍ନେହାଶିଷ ଦାସ। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସମ୍ମାନିତ ଅତିଥି ଅଭିନେତା ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ଅନ୍ତର୍ଜାତୀୟ ଚେସ୍ ଖେଳାଳି ପଦ୍ମିନୀ ରାଉତ, ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ମନ୍ଦାକିନୀ କର ଓ ଉତ୍ତର ସମ୍ପାଦିକା ଶୁଭ୍ରାଜ୍ୟୋତି ହାତୀ, ୟୁନିସେଫ୍‌ର ଓଆଇସି ସୁଗାତା ରାୟ, ଯୋଗାଯୋଗ ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ ଓ ୱାସ୍ ବିଶେଷଜ୍ଞ ସିପ୍ରା ସକ୍ସେନା, ଆଇନାର ସମ୍ପାଦିକା ସ୍ନେହା ମିଶ୍ର, ୟୁଥ୍ ଫର୍ ୱାଟରର ସଦସ୍ୟ ଷ୍ଟାଲେନ୍ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ୩ ସ୍କୁଲର ପିଲାଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଫିଲ୍ମଗୁଡ଼ିକ ପ୍ରସ୍ତୁତ କରିଥିବା ସମ୍ପୃକ୍ତ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଗଲା। ଶିଶୁ କଳାକାର ଆଶି ଓ ସ୍ୱୟମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ପ୍ରକଳ୍ପ ପ୍ରବନ୍ଧକ ସ୍ମିତି ମହାନ୍ତି ଧନ୍ୟବାଦ ଦେଇଥିଲେ।




ମହୋତ୍ସବରେ ଯୋଗଦେଇଥିବା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଅନ୍ୟ ଅତିଥିମାନେ।

### ଶିଶୁ ଚଳଚ୍ଚିତ୍ର ମହୋତ୍ସବ 'କଲ୍ଲୋଳ'ର ୯ମ ସଂସ୍କରଣ




ଶିଶୁମାନେ ଜଳବାୟୁ ପରିବର୍ତ୍ତନକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବ୍ରାଉନସୁଗାର ସହ ବନ୍ଧୁକ ଜବତ, ଯୁବକ ଗିରଫ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଭରତପୁର ଥାନା ପୋଲିସ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ପାପୁନା ପ୍ରଧାନ ଓରଫ କାହ୍ନୁ। ତାଙ୍କଠାରୁ ପୋଲିସ ୧୨ ଗ୍ରାମ୍ ବ୍ରାଉନସୁଗାର ସହ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। ସେ ବେପାରବେଳେ ପାଖରେ ରଖି ପ୍ରତିବାଦ କରୁଥିବା ଲୋକଙ୍କୁ ଭୟଭୀତ କରାନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୪୬୧/୨୨) ରୁଜୁ କରି ଅଭିଯୁକ୍ତ ପାପୁନାଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବ୍ରାଉନସୁଗାର କାରବାର ରୋକିବା ପାଇଁ କମିଶନରେଟ ପୋଲିସ ଅପରେଶନ ହ୍ୱାଇଟ୍ ସ୍ୱାଇଡର ଅଭିଯାନ ଜାରି ରଖିଛି। ଚଳିତ ବର୍ଷ ୭୬ଟି ମାମଲାରେ ମୋଟ ୧୪୫ ଜଣଙ୍କୁ ଗିରଫ କରିଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୨ କେଜିରୁ ଅଧିକ ବ୍ରାଉନସୁଗାର, ୨ ବନ୍ଧୁକ, ୩୧୦ ଗ୍ରାମ ସୁନା, ୪୫୦ ଗ୍ରାମ ରୁପା, ୬୩ ମୋବାଇଲ ଫୋନ୍, ୨୭ ବାଇକ ଆଦି ଜବତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଚଳନ୍ତା ବାଇକରେ କାମୁଡ଼ିଲା ନାଗ





ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଗାଡ଼ିରୁ ଅନେକଥର ସାପ ଉଦ୍ଧାର ହୋଇଛି। କିନ୍ତୁ ଗାଡ଼ି ଚଳାଉଥିବାବେଳେ ଯୁବକଙ୍କୁ ସାପ କାମୁଡ଼ିବା ଘଟଣା ପ୍ରଥମଥର ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳରେ ଘଟିଛି। ଡେଲାଙ୍ଗ ସଡାଙ୍ଗୋଇ ଗ୍ରାମର ୩୦ ବର୍ଷୀୟ ସୁକାନ୍ତ ସାମନ୍ତରାୟ ଶନିବାର ମଧ୍ୟାହ୍ନରେ ବାଇକରେ ନିଜ ଘରକୁ ଯାଉଥିଲେ। କିଛିବାଟ ଯିବା ପରେ ଡାହାଣ ପଟ ଗୋଇଠି ଉପରକୁ କ'ଣ ଗୋଟେ କାମୁଡ଼ିଲା ଭଳି ଅନୁଭବ କଲେ। ଏହାର ଶହେ ମିଟର ଯିବା ପରେ ଆଉଥରେ ସେମିତି କିଛି କାମୁଡ଼ିବା ଭଳି ଲାଗିଲା ଓ ଉକ୍ତ ସ୍ଥାନରେ ଯନ୍ତ୍ରଣା ହେଲା। ତଳକୁ ଚାହିଁବାରୁ ଏକ ସାପ ଫଣା ଟେକି ରହିଥିବା ଓ ଗୋଇଠି ଉପରକୁ ରକ୍ତ ଝରୁଥିବା ଦେଖି ଡରିଯାଇଲେ। ସଙ୍ଗେ ସଙ୍ଗେ ସୁକାନ୍ତ ଚଳନ୍ତା ଅବସ୍ଥାରେ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଖବର ପାଇ ତାଙ୍କ ଭାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସୁକାନ୍ତଙ୍କୁ ପ୍ରଥମ ଡୋଜରେ ୧୦ ଭାଏଲ ଆଣ୍ଟିଭେନମ ଦିଆଯାଇଥିଲା। ସେପଟେ ସୁକାନ୍ତଙ୍କୁ କାମୁଡ଼ିଥିବା ନାଗ ସାପଟି ରାସ୍ତାରେ ପଡିଥିବା ମୋଟର ସାଇକେଲରେ ସେମିତି ରହିଥିଲା। ଲୋକେ ଘେରି ରହିଥିଲେ। ଖବରପାଇ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସୁଶାନ୍ତ କୁମାର ବେହେରା ଅପରାହ୍ନ ୨ଟାରେ ପହଞ୍ଚିଥିଲେ। ବାଇକ୍ ସିଟ, ଦୁଇପଟ ସାଇଡ୍ ପ୍ୟାନେଲ, ଚେନ କଭର ଖୋଲିବା ପରେ ୩ ଫୁଟ ଲମ୍ବର ସାପଟିକୁ ଚେନ ସ୍ପକେଟ ଭିତରୁ ଉଦ୍ଧାର କରିଥିଲେ। ସୁଶାନ୍ତ କହିଛନ୍ତି, ଲୁହା ଚେନରେ ପେଷି ହୋଇ ସାପଟିର ଲାଙ୍ଗୁଡ଼ ପଟୁ ପ୍ରାୟ ଏକ ଫୁଟ କ୍ଷତି ଗ୍ରସ୍ତ ହୋଇ ଅନ୍ତଃବୁଜୁଳା ବାହାରି ପଡ଼ିଛି। ଏଭଳି ପରିସ୍ଥିତିରେ ସାପଟି ବଞ୍ଚିବା ଅସମ୍ଭବ। ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ଏଭଳି ଘଟଣା ସମ୍ଭବତଃ ପ୍ରଥମ। ଚଳନ୍ତା ମୋଟର ସାଇକେଲରେ କାହାକୁ ସାପ କାମୁଡ଼ିବା ଆମେ କେବେ ଶୁଣି ନ ଥିଲୁ। ତେବେ ଠିକ ସମୟରେ ସୁକାନ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାରୁ ତାଙ୍କର ଜୀବନ ବଞ୍ଚିଗଲା। ବର୍ତ୍ତମାନ ସୁକାନ୍ତ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ଜଣାପଡ଼ିଛି।

## ନନ୍ଦନକାନନରେ ଉଡ଼ନ୍ତା ମୂଷା

ବାରଙ୍ଗ,୧୯।୧୧(ଡି.ଏନ୍.ଏ.)- ନନ୍ଦନକାନନକୁ ଆସିଛି ଉଡ଼ନ୍ତା ଗୁଣ୍ଡୁଚିମୂଷା। ଏହାକୁ ଖୋର୍ଦ୍ଧା ଅଞ୍ଚଳରୁ ପିପୁଲ ଫର୍ ଆନିମଲ କର୍ମଚାରୀ ଉଦ୍ଧାର କରି ଶନିବାର ଚିକିତ୍ସା ପାଇଁ ପ୍ରାଣୀ ଉଦ୍ୟାନରେ ଛାଡ଼ିଛନ୍ତି। ବିରଳ ପ୍ରଜାତିର ଏହି ଉଡ଼ନ୍ତା ମୂଷାଟିର ଡାହାଣପଟ ଡେଣାରେ କ୍ଷତ ରହିଛି। ଉକ୍ତ କ୍ଷତକୁ ଡ୍ରେସିଂ କରାଯାଇ ଆଇସିୟୁରେ ରଖାଯାଇଛି। ସୁସ୍ଥ ହେବା ପରେ କେଉଁଠି ରହିବ ତାହା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ହେବ।


OFFICE OF THE PROJECT DIRECTOR
STATE URBAN DEVELOPMENT AGENCY
Plot No. 172, Vivekananda Marg,
Kalpana Square, Bhubaneswar, PIN - 751014
(http://www.sudaodisha.org)
NOTICE FOR CANCELLATION OF RFP
Notice No. 0008 Dt.19.11.2022
No. CAD-2795: RFP No. 001, Dtd.04.08.2022 invited for "selection of agencies for conducting Geotechnical investigation and Drone Survey for quantity estimation of Legacy Waste Dumpsite in Package I (Cuttack Municipal Corporation, Berhampur Municipal Corporation and Puri Municipality) and Package II (Sambalpur Municipal Corporation, Bhadrak Municipality and Balasore Municipality)" is hereby cancelled due to administrative ground.
Sd./- Project Director
OIPR-13036/11/0015/2223 State Urban Development Agency



GOVERNMENT OF ODISHA
DEPARTMENT OF AGRICULTURE & FARMERS' EMPOWERMENT
AUCTION SALE NOTICE
No. L-89: Sealed tender in plain papers/pad are invited by for auction to one Ambassador vehicle bearing Registration No. OR-02-AE-5678 in the upset price Rs.15,000/-. The vehicle is available for inspection in the Secretariat premises of Krushi Bhawan, Gopabandhu Marg, Bhubaneswar in any working days between 11.00 A.M. to 4.00 P.M. before the last date of tender. The tender/bid should reach the undersigned by 03.12.2022 upto 3.00 P.M. at the latest and tenders received shall be opened before the Additional Secretary to Government, Department of Agriculture and Farmers' Empowerment, in charge of O.E.-II Section at 4.00 P.M. on 05.12.2022 in the presence of tenderers or their authorized representative.
The detailed terms & conditions is available in the Department Notice No. 24118 Dt.17.11.2022, which is available in the Department website http://agri.odisha.gov.in.
Sd./- Under Secretary to Government
OIPR-01425/11/0012/2223



TENDER CALL NOTICE
OFFICE OF THE SUPERINTENDENT
GOVT. AYURVEDIC PHARMACY, BOLANGIR
AT.- SAGARPARA (Near I & PR Office, Dist. Bolangir, Pin.- 767001)
Email- gapblgr028@gmail.com Phone No. 06652-232036
No. 582/GAP, BLGR. Dated 19.11.2022
TENDER FOR SUPPLY OF RAW MATERIALS AND CONTINGENT ARTICLES TO GOVERNMENT AYURVEDIC PHARMACY, BALANGIR, ODISHA
No.E-654:- Sealed tenders are invited from reputed Manufacturers/ Firms/Authorized dealers including wholesale Co-operative organizations and Government/ Semi Govt. Agencies for supply of raw materials and contingent articles to Government Ayurvedic Pharmacy, Balangir, Odisha for preparation of Ayurvedic medicines for the financial year 2022-23.

| | | |
|---|---|---|
| 1. | Cost of Tender Book per set | Rs.1,050.00 (One Thousand and Fifty rupees only including GST) |
| 2. | Availability of tender book | At office of Superintendent, Government Ayurvedic Pharmacy, Balangir, Odisha only in shape of D.D. in favour of the Superintendent, Government Ayurvedic Pharmacy, Balangir, Odisha/log on to www.ayushodisha.nic.in |
| 3. | Mode of payment of cost of Tender Book | In shape of Demand Draft in favour of Superintendent, Government Ayurvedic Pharmacy (G.A.P.), Balangir, Odisha payable at G.A.P., Bolangir |
| 4. | Date of commencement of sale of Tender Book | Dt: 23.11.2022 at 11.00A.M. to 13.12.2022, up-to 5.00 P.M. |
| 5. | Last date & time for submission of tender | Dt.13.12.2022 at 5.00 P.M. |
| 6. | Mode of submission of tender | To be received through a sealed Tender box kept in the office chamber of the Superintendent, Government Ayurvedic Pharmacy, Balangir, Odisha |
| 7. | Mode of submission of sealed samples | To be received by the Superintendent, Government Ayurvedic Pharmacy, Balangir, Odisha and in his absence Dr. Bishnu Prasad Choudhury, A.M.O. Govt. Ay. Pharmacy, Bolangir will receive the samples from 10.30 A.M to 5 P.M. |
| 8. | Date, time & place for opening of tenders | Technical bids will be opened on 14.12.2022 at 11.30 A.M. At office chamber of Superintendent, Government Ayurvedic Pharmacy, Balangir, Odisha. The date, time & place of opening of the Financial Bids of the technically qualified bidders will be intimated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to www.ayushodisha.nic.in
Sd./- Superintendent,
Government Ayurvedic Pharmacy
Balangir, Odisha
OIPR-10195/11/0003/2223



GOVT. OF ODISHA No. A-739
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
Harabhangi Irrigation Division, Adava, Gajapati
(email id: eeharabhangi@gmail.com)
e-Procurement Notice No. SE-HID-ADV-03/2022-23

| | | | |
|---|---|---|---|
| 1. | Type of Works | : | Construction of New Irrigation Structure |
| 2. | Total Number of Packages | : | 1 (One) No. |
| 3. | Estimated Cost | : | Rs.84.14 lakhs |
| 4. | Bid Identification No. | : | SE-HID-ADV-03(1)/2022-23 |
| 5. | Period of Completion | : | 6 (Six) Months |
| 6. | Availability & Submission of Bids online | : | From 11.00 A.M. of 21.11.2022 to 5.00 P.M. of 05.12.2022 |
| 7. | Date of Opening of Technical Bids | : | 06.12.2022 at 11.30 A.M. in the O/o. the Superintending Engineer, Harabhangi Irrigation Division, Adava. |
| 8. | Procurement Officer | : | Superintending Engineer, Harabhangi Irrigation Division, Adava |
| 9. | Further details can be seen from Govt. website www.tendersorissa.gov.in and any addendum/corrigendum/cancellation will be published in the said website. | | |

Sd./- Superintending Engineer
Harabhangi Irrigation Division, Adava
OIPR-32474/11/0002/2223


## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିର୍ସାମୁଣ୍ଡା ଜନ୍ମ ଜୟନ୍ତୀ ସପ୍ତାହ, ମଞ୍ଚେଶ୍ୱର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସକାଳ ୮ଟା।
- ବିଏମ୍‌ସି ମେୟରଙ୍କ ମଡର୍ନ ମିଟ୍ ମାର୍କେଟ ପରିଦର୍ଶନ, ଘାଟିକିଆ ୱାଡା, ପୂର୍ବାହ୍ନ ୧୧ଟା।
- ବୀର କଳିଙ୍ଗ ଖବରକାଗଜର ୧୮ତମ ସ୍ୱନକ୍ଷତ୍ର ସମାରୋହ, ସୂଚନାଭବନ, ପୂର୍ବାହ୍ନ ୧୧ଟା।
- ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଅକ୍ଷୟ ପ୍ରଧାନଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା ୩୦।
- ଆରିଫିନ୍ କିଡସ୍ ସମର ଅଲିମ୍ପିୟାଡ୍-୨୦୨୨ ପୁରସ୍କାର ବିତରଣ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ, ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ଗବେଷଣା ଅଧ୍ୟୟନ କକ୍ଷ ଉନ୍ମୋଚନ, ବୀର ସୁରେନ୍ଦ୍ର ସାଏ ନଗର, ସନ୍ଧ୍ୟା ୬ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀର ଶ୍ରୀନୃତ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ୧୦ମ ଓଡ଼ିଶୀ ରାଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଜୟ ମା' ଭଗବତୀ ଫାଉଣ୍ଡେଶନର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ଆଲୋଚନାଚକ୍ର, ମିଶନ କାର୍ଯ୍ୟାଳୟ, ବିରଜା ରାୟ କଲୋନୀ, ଯୋବ୍ରା, ପୂର୍ବାହ୍ନ ୧୧ଟା।
- ସାମାଜିକ କର୍ମୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସ୍ମୃତିସଭା, ଶ୍ରୀରାମ ଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ଦୁର୍ଘଟଣାରେ ଅବସରପ୍ରାପ୍ତ ଯବାନ ମୃତ

ଟାଙ୍ଗୀ(କଟକ),୧୯।୧୧(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ଭଇଁମୁଣ୍ଡା ରାସ୍ତାରେ ଶନିବାର ଦୁର୍ଘଟଣାରେ ଜଣେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜରିପଡା ପଞ୍ଚାୟତ ଟିକରା ଗ୍ରାମର ଦିଲ୍ଲିପ କୁମାର ପ୍ରଧାନ(୫୬)। ସେ ଏକ ସ୍କୁଟି(ନଂ.ଓଡ଼ି୦୫ଜେ-୬୧୯୫)ରେ ନିଜ ଗ୍ରାମରୁ ଟାଙ୍ଗୀ ଆସୁଥିଲେ। ଏହି ସମୟରେ ଟାଙ୍ଗୀ ମହାବିଦ୍ୟାଳୟ ସମ୍ମୁଖରେ ପଛରୁ ଆସୁଥିବା ଟ୍ରାକ୍ଟର(ନଂ.ଓଡ଼ି୦୫ୱାଇ-୪୯୦୭) ତାଙ୍କୁ ଧକ୍କା ଦେଇଥିଲା। ମୁଣ୍ଡରେ ଆଘାତ ଲାଗିବାରୁ ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି।

# ରାସ୍ତାରେ ହାତୀ, ଲୋକେ ଆତଙ୍କିତ



ନିରାକାରପୁର,୧୯।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ରାମେଶ୍ୱର ଛକ ସ୍ଥିତ ନୂଆ ଜଗନ୍ନାଥ ସଡ଼କରେ ଶନିବାର ଅପରାହ୍ନ ୫ଟାରେ ଏକ ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ପଥଚାରୀ ଭୟରେ ଏଣେତେଣେ ଦୌଡ଼ିବା ସହ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ହାତୀଟି ନିକଟ ପାହାଡ଼ ଅଞ୍ଚଳକୁ ପଳାଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ହାତୀଟି ଉକ୍ତ ଅଞ୍ଚଳରେ ରହୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଥିବା ଜଣାପଡ଼ିଛି। ଏନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କୁହନ୍ତି, ଉକ୍ତ ଅଞ୍ଚଳରେ ୧୭ଟି ହାତୀ ରହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ବନକର୍ମଚାରୀମାନେ ସେଠାରେ ନିୟୋଜିତ ଅଛନ୍ତି ବୋଲି ସେ କହିଛନ୍ତି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA
(E-mail id: cceabp@gmail.com/loabpbbsr@gmail.com)
No. A-740
E-Procurement Notice No. CCEABP-07 of 2022-23

| E-procurement Officer | Name of the Work | Bid Id No. | Tender Cost in Lakhs (Approx.) | Bid Security (Online) | Cost of Bid Document (Online) | Class of Contractor | Period of Completion | Availability of Tender Online for Bidding | | Date of Opening of Technical Bid (Cover - 1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A, B Project, Salapada | Cement Concrete Lining of Salandi Left Main Canal (SLMC) from RD 21764m to RD 25025m including construction of additional structures and service road. | ABP-ACD-01/7 of 2022-23 | 2973.00 | Bid Security Declaration | 10,000/- | Spl. & Super Class | 12 Calendar Months | 22.11.22 11.30 A.M. | 15.12.222 5.00 P.M. | 16.12.22 11.30 A.M. |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancellation if any required will be published in Govt. website only.
OIPR-32068/11/0012/2223 Sd./- Chief Construction Engineer, Anandapur Barrage Project, Salapada

### ପୂର୍ବତନ କର୍ପୋରେଟଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, (ବ୍ୟୁରୋ)- ପୂର୍ବତନ କର୍ପୋରେଟର ତଥା ବ୍ରହ୍ମେଶ୍ୱରପାଟଣାରେ ରହୁଥିବା ମଳୟ କୁମାର ମହାପାତ୍ରଙ୍କୁ ସଂଘବଦ୍ଧ ଭାବେ ଠେଙ୍ଗା ଓ ମାରଣାସ୍ତ୍ରରେ ଆକ୍ରମଣ ହୋଇଛି। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଏପରିକି ତାଙ୍କ ସୁନାଚେନ ଲୁଟି ନେବା ସହ ଆକ୍ରମଣର ଭିଡିଓ ଶୁଟ୍ କରୁଥିବା ତାଙ୍କ ଭାଉଜଙ୍କ ଫୋନଟିକୁ ଛଡାଇ ନେଇ ଜାଳିଦେଇଛନ୍ତି ଆକ୍ରମଣକାରୀ। ଏନେଇ ମଳୟଙ୍କ ଭାଉଜ ନମିତା ଦାଶ ବଡଗଡ ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଗୋଲକ ନାମକ ଜଣେ ବ୍ୟକ୍ତି ଓ ସହଯୋଗୀଙ୍କ ନାମ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଅସଦାଚରଣ ନେଇ ମହିଳା ଥାନାରେ ଆଉଏକ ଅଭିଯୋଗ ହୋଇଛି। ସେହିପରି ଆକ୍ରମଣକାରୀମାନେ ମଧ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୧୯।୧୧(ଡି.ଏନ୍.ଏ)- ବାରଙ୍ଗ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନୟାପାଟଣା ଗାଁର ତୃପ୍ତିମୟ ରାଉତ (୨୨)। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସୂଚନା ମୁତାବକ, ତୃପ୍ତି ଖାଇସାରି ସବୁଦିନ ଭଳି ଶୁକ୍ରବାର ଶୋଇଥିଲେ। ଶନିବାର ସକାଳୁ ସେ ତାଙ୍କ ଶୋଇବା ଘର କବାଟ ନ ଖୋଲିବାରୁ ପରିବାର ଲୋକେ ଝରକା ଫାଙ୍କରୁ ତାଙ୍କୁ ଫ୍ୟାନରେ ଝୁଲିଥିବା ଦେଖିଥିଲେ। ସେମାନେ ତୁରନ୍ତ ତୃପ୍ତିଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଧାନ ଖାଇବାକୁ ଆସି ବାରହା ମୃତ

ବାରଙ୍ଗ,୧୯।୧୧(ଡି.ଏନ୍.ଏ.)- ଜାମୁଝରସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ପରିସରରେ ଏକ ଦନ୍ତା ବାର୍ହାର ପଚା ଶବ ପଡିଥିବା ନଜିରକୁ ଆସିଥିଲା। କିଛି ଅନ୍ତେବାସୀ ଦେଖି ଶୁକ୍ରବାର ଏନେଇ ଜେଲରଙ୍କୁ ଅବଗତ କରିଥିଲେ। ଜେଲ ପକ୍ଷରୁ ବନ ବିଭାଗ ଖବରପାଇ ଶନିବାର ସକାଳେ ହଳଦିଆ ରେଞ୍ଜର କର୍ମଚାରୀ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ମେଡିକାଲ ଅଫିସରଙ୍କ ଦ୍ୱାରା ମୃତ ବାର୍ହାର ଶବ ବ୍ୟବଚ୍ଛେଦ ପରେ ଜେଲ କ୍ୟାମ୍ପସ ଭିତରେ ପୋତି ଦେଇଛନ୍ତି।

### ଚେନ୍ନାଇରୁ ୬ ନାବାଳିକା ଉଦ୍ଧାର

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)-ତାମିଲନାଡୁର ରାଜଧାନୀ ଚେନ୍ନାଇରୁ ଓଡ଼ିଶାର ୬ ଜଣ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ବୟସ ୧୪ ରୁ ୧୭ ବର୍ଷ ମଧ୍ୟରେ ହୋଇଥିବାବେଳେ ଘର କନ୍ଧମାଳ, ରାୟଗଡା ଏବଂ ନବରଙ୍ଗପୁର ଜିଲ୍ଲାରେ। ଏମାନଙ୍କ ପାରିବାରିକ ଅସୁବିଧାର ଫାଇଦା ଉଠାଇଥିଲେ ଚାଲାଣକାରୀ। ଏକ ଘରୋଇ ସଂସ୍ଥାରେ କାମ ଦେବା ଆଳରେ ସମ୍ପୃକ୍ତ ଚାଲାଣକାରୀ ଏହି ନାବାଳିକାମାନଙ୍କୁ ଚେନ୍ନାଇ ନେଇଯାଇଥିଲେ। କାମ ପାଇବା ଆଶାରେ ଏହି ନାବାଳିକା ମାନେ ଘର ଛାଡି ଚାଲିଯାଇଥିଲେ। ଚେନ୍ନାଇ ରେଳ ଷ୍ଟେଶନରେ ସେଠାକାର ଚାଇଲ୍ଡଲାଇନ୍ ଏବଂ ରେଳ ସୁରକ୍ଷା ବଳର ଯବାନମାନେ ସନ୍ଦେହରେ ପଚରାଉଚରା କରିଥିଲେ। ଉକ୍ତ ନାବାଳିକାମାନଙ୍କୁ ଓଡ଼ିଶାରୁ ଚାକିରି ଦେବା ବାହାନାରେ ଚେନ୍ନାଇ ଅଣାଇଥିବା ଜଣାପଡିବା ପରେ ଚାଇଲ୍ଡଲାଇନ୍ ସେମାନଙ୍କୁ ଉଦ୍ଧାର କରି ଓଡ଼ିଶା ପୋଲିସ୍‌କୁ ଖବର ଦେଇଥିଲା। କ୍ରାଇମବ୍ରାଞ୍ଚର ଏକ ଟିମ୍ ଚେନ୍ନାଇ ଯାଇ ଉଦ୍ଧାର ନାବାଳିକାଙ୍କୁ ଧରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛି। ପରେ ସେମାନଙ୍କୁ ସିଡବ୍ଲୁସିରେ ହାଜର କରାଯାଇଥିଲା। ତେବେ ଖୁବ୍‌ଶୀଘ୍ର ଉଦ୍ଧାର ନାବାଳିକାଙ୍କୁ ସେମାନଙ୍କ ପରିବାର ସହ ମିଳନ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ନିଖୋଜ ୩୩୫୨ଜଣ ଲୋକଙ୍କୁ ଉଦ୍ଧାର କରିଛି କ୍ରାଇମବ୍ରାଞ୍ଚ। ୧୮୭୬ଜଣ ମହିଳା, ୪୩୮ଜଣ ପୁରୁଷ, ୮୪୯ ଜଣ ନାବାଳିକା ଏବଂ ୧୮୯ ଜଣ ନାବାଳକଙ୍କୁ ଏକ ସ୍ପେଶାଲ ଡ୍ରାଇଭ ଜରିଆରେ ଉଦ୍ଧାର କରାଯାଇଛି।

# ଖୁବ୍‌ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବରମୁଣ୍ଡା ବସ୍ ଟର୍ମିନାଲ୍

## କ୍ଷେତ୍ର ପରିଦର୍ଶନ କଲେ ବିଡିଏ ଉପାଧ୍ୟକ୍ଷ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ବରମୁଣ୍ଡାସ୍ଥିତ ଇଣ୍ଟରନ୍ୟାସନାଲ ଷ୍ଟେଟ୍ ବସ୍ ଟର୍ମିନାଲ (ଆଇଏସ୍‌ବିଟି) ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଶୁକ୍ରବାର ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ, ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡାଙ୍କ ସମେତ ନିର୍ମାଣ କାର୍ଯରେ ନିୟୋଜିତ ଏଜେନ୍ସି, ଡିଜାଇନର, ଇଞ୍ଜିନିୟର, କଣ୍ଟ୍ରାକ୍ଟର ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବା ପରେ ନିର୍ଦ୍ଧାରିତ ସମୟରେ ବକେୟା ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉପାଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିର୍ମାଣ କାର୍ଯ୍ୟ ସନ୍ତୋଷଜନକ ଥିବା ସୂଚନା ମିଳିଛି। ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ନେଇ ମଧ୍ୟ ପରିଦର୍ଶନ ସମୟରେ ଆଲୋଚନା କରାଯାଇଛି। ୨୦୧୮ରୁ ଡିପୋର ନିର୍ମାଣ


ବରମୁଣ୍ଡା ବସ୍‌ଟର୍ମିନାଲର କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରୁଛନ୍ତି ବିଡିଏ ଅଧିକାରୀ ।

କାର୍ଯ୍ୟ ଚାଲିଥିବାରୁ ଯାତ୍ରୀ ତଥା ଯାନବାହନ ଚଳାଚଳରେ ସମସ୍ୟା ହେଉଛି। ତେବେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ବସ୍ ଟର୍ମିନାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ବରମୁଣ୍ଡା ଆଇଏସ୍‌ବିଟିରେ ୧୦୦ରୁ ଅଧିକ ବସ୍ ବେ' ବ୍ୟବସ୍ଥା ସହ ଅନ୍ୟାନ୍ୟ ସେବା ମିଳିପାରିବ। ୬ଟି ବ୍ଲକରେ ପ୍ରାୟ ୧୨୨ଟି ଦୋକାନ ଗୃହ ରହିବ। ପ୍ରଥମ ବ୍ଲକରେ ୧୦ଟି ଦୋକାନ, ଫୁଡ୍ କୋର୍ଟ, ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ, ଡର୍ମିଟୋରୀ, ବିଶ୍ରାମ ଗୃହ, କ୍ୟାଣ୍ଟିନ ଆଦି ସୁବିଧା ରହିବ। ସେହିପରି ଦ୍ୱିତୀୟ ବ୍ଲକରେ ଲିଫ୍ଟ, ଏକ୍ସାଲେଟର, ଶୌଚାଳୟ, ଟିକେଟ୍ କାଉଣ୍ଟର, ଲବି, ଏଟିଏମ୍, କୋରିୟର୍ ସେବା, ଲିଫ୍ଟ ଲବି, ପୋଲିସ୍ ଆଉଟପୋଷ୍ଟ, ୨ଟି ଦୋକାନ, ଆସୋସିଏସନ୍ ଅଫିସ୍, ଟିଟେଲ ଅଫିସ୍ ରହିବ। ସେହିପରି ବ୍ଲକ-୩ରେ ଘଡ଼ି କୋଠରୀ, ହେଲ୍ପ ଡେସ୍କ, ଲଗେଜ୍ ସ୍କାନର, କିଓସ୍କ, ପ୍ରତୀକ୍ଷାସ୍ଥଳ, ହକର୍ସ ଜୋନ୍, କରିଡର୍ ଆଦିରହିବ। ତେବେ ବ୍ଲକ୍-୪ରେ ପ୍ରାୟ ୨୩ଟି ଦୋକାନରେ ବ୍ୟବସାୟ କରିବାର ସୁବିଧା ମିଳିବ। ଏହି ବ୍ଲକ୍‌ରେ କିଚେନ୍, ରେଷ୍ଟୁରାଣ୍ଟ, ସିସିଡି, ବିଏମସ୍ ଓ ଇଏଲଭି ରୁମ୍ ମଧ ରହିବ। ପଞ୍ଚମ ବ୍ଲକରେ ୨୭ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ମିଳିବ। ଏଠାରେ ଅନ୍ୟାନ୍ୟ ସୁବିଧା ସହ ରେଭେନ୍ୟୁ ଅଫିସ୍, ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍, କଣ୍ଟ୍ରୋଲ ରୁମ୍ ଆଦି ରହିବ। ତେବେ ଷଷ୍ଠ ବ୍ଲକର ଗ୍ରାଉଣ୍ଡ ଫ୍ଲୋରରେ ୨୮ଟି ଏବଂ ପ୍ରଥମ ମହଲାରେ ୩୨ଟି ଦୋକାନ ରହିବ। ସମସ୍ତ ବ୍ଲକର ଗ୍ରାଉଣ୍ଡ ଫ୍ଲୋରରେ କାର୍ ଓ ବାଇକ୍ ପାର୍କିଂର ସୁବିଧା ରହିବ।

# ତମାଖୁ ସେବନକୁ ପିଲାମାନେ ବାରଣ କରିବା ଉଚିତ



ପିକକ୍ ଶିଶୁମେଳାରେ କୁନି ପିଲାମାନେ ନୃତ୍ୟ କରୁଛନ୍ତି ।

## ପିକକ୍ ପକ୍ଷରୁ ଶିଶୁ ଅଧିକାର ସପ୍ତାହ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

ତମାଖୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ। ସହଜରେ ମିଳିଯାଉଥିବାରୁ ଆଜିକାଲି ପିଲାମାନେ ତମାଖୁ ସେବନ କରୁଛନ୍ତି। ସେମାନେ ଆମ ଦେଶର ଭବିଷ୍ୟତ। ତେଣୁ ସେମାନଙ୍କୁ ଏହି ବିପଦରୁ ରକ୍ଷା କରି ଭବିଷ୍ୟତକୁ ସୁରକ୍ଷା ଦେବା ଆମର ଦାୟିତ୍ୱ ବୋଲି ରାଜ୍ୟସଭା ସଦସ୍ୟ ମୁଜିବୁଲ୍ଲା (ମୁନ୍ନା) ଖାନ କହିଛନ୍ତି। ପିଲାମାନଙ୍କ ଉପରେ ତମାଖୁ ପ୍ରଭାବର ଗୁରୁତର ପରିସ୍ଥିତିକୁ ବିଚାର କରି ସ୍ୱେଚ୍ଛାସେବୀ ସଂଗଠନ 'ପିପୁଲ୍ସ କଲ୍‌ଚରାଲ୍ ସେଣ୍ଟର' (ପିକକ୍) ଓ 'କୋଆଲିସନ୍ ଫର ଟବାକୋ ଫ୍ରି ଓଡ଼ିଶା'ର ମିଳିତ ସହଯୋଗରେ ଏକାମ୍ର ହାଟ ମୁକ୍ତମଞ୍ଚରେ ଶନିବାର 'ଶିଶୁଙ୍କ ତମାଖୁ ମୁକ୍ତ ପରିବେଶ-ଶିଶୁମାନଙ୍କ ଏକ ଅଧିକାର' ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାନ୍ କହିଛନ୍ତି ଯେ, ବିଦ୍ୟାଳୟ ନିକଟରେ, ସର୍ବସାଧାରଣ ସ୍ଥାନରେ ଓ ନିଜ ପରିବାର ମଧ୍ୟରେ ତମାଖୁ ସେବନ କରୁଥିବା ଲୋକଙ୍କୁ ତମାଖୁ ସେବନ ନ କରିବାକୁ ପିଲାମାନେ ବାରଣ କରିବା ଉଚିତ୍। ଅନ୍ୟତମ ଅତିଥି ଭାବେ ଏମ୍‌ପି ସୁଲତା ଦେଓ ଯୋଗଦେଇ କହିଲେ, ପିଲାମାନେ ପ୍ରାୟତଃ ବିଦ୍ୟାଳୟସ୍ତରରେ ତମାଖୁ ଅଭ୍ୟାସ ସହିତ ଜଡିତ ହୋଇଥାନ୍ତି। ତେଣୁ ତମାଖୁ ବିରୋଧରେ ଆମେ ଏହି ଅଭିଯାନକୁ ବିଦ୍ୟାଳୟସ୍ତରରେ ଦୃଢ କରିବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟ ଆଇନଜୀବୀ ରଞ୍ଜିତ କୁମାର ସିଂ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ତମାଖୁ ନିୟନ୍ତ୍ରଣ ରାଜ୍ୟ ପରାମର୍ଶଦାତା ଡ. ଜି ଏସ୍ ମିଶ୍ର ଯୋଗଦେଇଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଜଣାଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଏବଂ ବସ୍ତିର ୫୦୦ରୁ ଉର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ।

ସେହିପରି ଦ୍ୱିତୀୟ ସନ୍ଧ୍ୟାରେ 'ବେବି ଅଫ୍ ଦ ଇୟର ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଅଭିଷେକ ସାମନ୍ତରାୟ, ପ୍ରତୀକ୍ଷା ସାହୁ, ଦିଲୀପ କୁମାର ଜି ଓ ଅନ୍ନପୂର୍ଣ୍ଣା ମହାନ୍ତି ଯୋଗଦେଇଥିଲେ। ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା କସ୍ତୁରି ମହାପାତ୍ର, ସାମ୍ବାଦିକା ମାଧବାନନ୍ଦ ବେହୁରା ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ପୂର୍ଣ୍ଣିମା ପ୍ରଧାନ ଯୋଗଦେଇଥିଲେ।



ସୂଚନା ଭବନରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି ।

# ଜାନୁୟାରୀ ୧୫ରୁ ଡଟ୍ ଫେଷ୍ଟ, ଝୁମିବ ରାଜଧାନୀ

## ୨୨ରୁ ଖୋଲିବ ଟେଣ୍ଡର

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ):

ହକି ବିଶ୍ୱକପ୍ ପାଇଁ ରାଜଧାନୀକୁ ପୁଣି ଫେରୁଛି ଡଟ୍ ଫେଷ୍ଟ। ମେଗା ଷ୍ଟାରଙ୍କ ଜଲୱାରେ କମ୍ପିବ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆ। ଜାନୁଆରୀ ୧୫ରୁ ୨୯ ତାରିଖ ୧୫ ଦିନ ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିବେ ରାଜଧାନୀବାସୀ। ପୂର୍ବବର୍ଷ ଅପେକ୍ଷା ଏଥର ଆହୁରି ରଙ୍ଗୀନ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ କରିବାକୁ ଜୋର୍‌ଦାର ପ୍ରୟାସ କରୁଛି ବିଡିଏ। ଡଟ୍ ଫେଷ୍ଟ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ସରିଥିବା ବେଳେ ଏବେ ସଂସ୍ଥା ଚୟନ ଉପରେ ସମସ୍ତଙ୍କ ନଜର ରହିଛି। ଏ ନେଇ ବିଡିଏ ପୂର୍ବରୁ ଟେଣ୍ଡର ଆହ୍ୱାନ କରିସାରିଥିବା ବେଳେ ଚଳିତ ମାସ ଶେଷ ସପ୍ତାହରୁ ଡିସେମ୍ବର ୫ ଭିତରେ ସମସ୍ତ ଟେଣ୍ଡର ବାହାରିବ। ଆସନ୍ତା ୨୨ ମଙ୍ଗଳବାର ଇଭେଣ୍ଟ ମ୍ୟାନେଜର ପାଇଁ ଡକାଯାଇଥିବା ଟେଣ୍ଡର ଖୋଲିବ। ଏହାପରଠାରୁ ପର୍ଯ୍ୟାୟ କ୍ରମେ ଡଟ୍ ଫେଷ୍ଟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଭିନ୍ନ ଭିନ୍ନ ଟେଣ୍ଡର ଖୋଲାଯିବ। ପ୍ରାୟ ୫ଟି ଇଭେଣ୍ଟ ପାଇଁ ଭିନ୍ନ ଭିନ୍ନ ଟେଣ୍ଡର ଡକାଯାଇଛି। ତେବେ ଡିସେମ୍ବର ୭ ତାରିଖ ସୁଦ୍ଧା ସମସ୍ତ ଟେଣ୍ଡର ପ୍ରକ୍ରିୟା ସରିବ ବୋଲି ସୂଚନା ଦିଆଯାଇଛି। ଡଟ୍ ଫେଷ୍ଟରେ ଷ୍ଟାର ନାଇଟ୍, ନାଇଟ୍ ବଜାର, ଆର୍ଟ ଟ୍ରେଲ୍, ଫୁଡ୍ ଫେଷ୍ଟିଭାଲ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ମୁଖ୍ୟତଃ ଷ୍ଟାର ନାଇଟ୍ ପାଇଁ ବଲିଉଡ୍ ସମେତ ସାଉଥ୍ ଷ୍ଟାର, ନାମୀଦାମୀ ସିଙ୍ଗର ଆସିବା ନେଇ ଚର୍ଚ୍ଚା ହେଉଛି। ତେବେ ପ୍ରଥମେ ସଂସ୍ଥା ଚୟନ ହେବା ପରେ ସେମାନଙ୍କ ଜରିଆରେ କେଉଁ ଷ୍ଟାର ଆସିବେ ସେ ନେଇ ଚିନ୍ତା କରାଯିବ।

# ଦୂରଦର୍ଶୀ ନେତ୍ରୀ ଥିଲେ ଇନ୍ଦିରା

## ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ମହାଭାରତୀୟତାର ମହାନ୍ ଭାବନା ଉଦ୍ରେକ ହେଲେ ଭାଷା, ସ୍ୱାର୍ଥ, ପ୍ରାନ୍ତ ଓ ସମ୍ପ୍ରଦାୟର ଭାବନା ଲୁଚିଯାଏ। ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆଜୀବନ ସଂଗ୍ରାମ କରିଥିଲେ। ସମଗ୍ର ଦେଶବାସୀ ମହାନ୍ ଭାରତ ମହାମନ୍ତ୍ରରେ ଅଭିମଣ୍ଡିତ ହେଲେ ହିଁ ଭାରତ ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ଶନିବାର ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସୂଚନା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଂହତି ଦିବସରେ ମୁଖ୍ୟ ଅତିଥି ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମତ ପ୍ରକାଶ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଭୁଜବଳ ମାଝୀ ଯୋଗଦେଇ ଇନ୍ଦିରାଙ୍କୁ ଜଣେ ଦୃଢ଼ମନା ତଥା ଦୂରଦର୍ଶୀ ନେତ୍ରୀ ଭାବେ ବର୍ଣ୍ଣନା କରିଥିଲେ। ତାଙ୍କ ଶାସନକାଳରେ ଦେଶର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲା। ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ମାଝୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଲେ, ଜଣେ ଉଚ୍ଚକୋଟୀର ରାଷ୍ଟ୍ରନୀତିଜ୍ଞ, ଦକ୍ଷ ପ୍ରଶାସକ, ପ୍ରଭାବୀ ନେତ୍ରୀ, ଦୂରଦୃଷ୍ଟି ସମ୍ପନ୍ନ ମହିଳା ଭାବେ ଇନ୍ଦିରା ଗାନ୍ଧୀ ସମଗ୍ର ବିଶ୍ୱରେ ଖୁବ୍ ପରିଚିତ। ଅନ୍ୟତମ ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ କସ୍ତୁରୀ ମହାପାତ୍ର କହିଲେ, ବିଶ୍ୱରେ ଭାରତକୁ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଇନ୍ଦିରା ଗାନ୍ଧୀ ବହୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ଅତୁଳନୀୟ। ନାରୀ ସଶକ୍ତିକରଣରୁ ନିମ୍ନବର୍ଗର ଜନସାଧାରଣଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପର୍ଯ୍ୟନ୍ତ ତାଙ୍କର ପ୍ରଚେଷ୍ଟା ସର୍ବଦା ସ୍ମରଣୀୟ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣରେ ରାଷ୍ଟ୍ରୀୟ ଭାବନା ଏବଂ ରାଷ୍ଟ୍ର ସ୍ୱାର୍ଥକୁ ସର୍ବଦା ଅଗ୍ରାଧିକାର ଦେବା ଆମମାନଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବାବେଳେ ସ୍ମୃତି ସମିତିର ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଟମଙ୍ଗଳା ଅଣ୍ଡରପାସ୍ ପୁନରୁଦ୍ଧାର ହେଉ

## ବିକ୍ଷୋଭ, ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା ଅଫିସ,୧୯।୧୧:

ଭୁବନେଶ୍ୱର-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ବାଟମଙ୍ଗଳାସ୍ଥିତ ଅଣ୍ଡରପାସ୍‌ର ପୁନରୁଦ୍ଧାର ଦାବିରେ ଶନିବାର ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆଞ୍ଚଳିକ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଛି। ବାଟମଙ୍ଗଳାସ୍ଥିତ ଅଣ୍ଡରପାସ୍ ଦୀର୍ଘବର୍ଷ ହେବ ନିର୍ମାଣ ହୋଇଥିଲା। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ଏହାର ପୁନରୁଦ୍ଧାର ଲାଗି ଦାବି କରାଯାଇଛି। ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି କୁହନ୍ତି, ରାଜପଥରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜଟଣୀ ବାଇପାସ୍‌କୁ ବାଦ୍ ଦେଲେ ବାଟମଙ୍ଗଳା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାଜପଥ ଖୋର୍ଦ୍ଧା ସହରକୁ ସଂଯୋଗ କରୁଛି। ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଜାରି ରହିଥିବା ବେଳେ ଲୋକଙ୍କ ଆବଶ୍ୟକ ଦୃଷ୍ଟିରୁ ବାଟମଙ୍ଗଳା ଅଣ୍ଡରପାସ୍ ପୁନରୁଦ୍ଧାର ଲାଗି ବାରମ୍ବାର ଦାବି ସତ୍ତ୍ୱେ ରାଜପଥ ପ୍ରାଧିକରଣ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଆଇନଜୀବୀ ବିଜୟ ସାମନ୍ତସିଂହାର, ସାମାଜିକ କର୍ମୀ ବାଲାଜୀ ପାତ୍ର, ସୋମନାଥ ସ୍ୱାଇଁ, ବବୁଲ ପ୍ରଧାନ, ସିପୁ ଘଡେଇ, ସୋନୁ ଭୂୟାଁ, ରଞ୍ଜିତ ଭୂୟାଁ, ରାଜୁ ପ୍ରଧାନ, ସୁନୀଲ ପ୍ରଧାନ, ରଞ୍ଜିତ ବେହେରା, ରଞ୍ଜନ କୁମାର ମାର୍ଥା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଅଣ୍ଡରପାସ୍‌ର ପୁନରୁଦ୍ଧାର ଦାବିରେ ଶନିବାର ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଉଛି ।


ଓଡ଼ିଶା ବିଧାନସଭାରେ ଶନିବାର ଜାତୀୟ ସଂହତି ଦିବସ ପାଳନ ଅବସରରେ ସଚିବ ଦାଶରଥୀ ଶତପଥୀ ସ୍ୱାଧୀନତା ଓ ଏକତା ବଜାୟ ରଖି ଦେଶକୁ ସୁଦୃଢ଼ କରିବାକୁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

# ମାଙ୍କଡ଼ କାମୁଡ଼ାରେ ବଙ୍ଗୀୟ ପର୍ଯ୍ୟଟକ ଗୁରୁତର

ବାରଙ୍ଗ,୧୯।୧୧(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଶନିବାର ଅପରାହ୍ଣରେ ବୁଲା ଜଙ୍ଗଲୀ ମାଙ୍କଡ଼ କାମୁଡ଼ାରେ ଜଣେ ବଙ୍ଗୀୟ ମହିଳା ପର୍ଯ୍ୟଟକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ମହିଳା ଜଣକ ୱେଷ୍ଟବେଙ୍ଗଲ ଅଞ୍ଚଳର ମୀନା ଚାଟାର୍ଜୀ (୫୧)। ସେ ତାଙ୍କ ପରିବାରଙ୍କ ସହିତ ନନ୍ଦନକାନନ ବୁଲି ଫେରୁଥିବାବେଳେ ପାଟିମାଙ୍କଡ଼ ତାଙ୍କ ଭ୍ୟାନିଟି ବ୍ୟାଗକୁ ଛଡାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କ ପଛ କାନ୍ଧକୁ କାମୁଡି ଦେଇଥିଲା। ନନ୍ଦନକାନନ ପକ୍ଷରୁ କୌଣସି ଚିକିତ୍ସା ନ ପାଇ ସେ ନିରାଶରେ ଫେରିଥିଲେ।

# 'ରେଳପଥ ସୁପରଭାଇଜର କ୍ୟାଡରର ପାହ୍ୟା ବୃଦ୍ଧି'

## ପୂର୍ବତଟ ରେଳପଥର ୩,୫୨୧ କର୍ମଚାରୀ ଉପକୃତ ହେବେ

ଭୁବନେଶ୍ୱର,୧୮।୧୧:

ଦୀର୍ଘ ବର୍ଷ ଧରି କ୍ୟାଡର ପାହ୍ୟା ବୃଦ୍ଧିକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ସାଙ୍ଗକୁ ସୁପରଭାଇଜର କ୍ୟାଡରର ପାହ୍ୟା ବୃଦ୍ଧି ସମ୍ପର୍କରେ ରେଳ ମନ୍ତ୍ରୀ ନିକଟରେ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ରେଳସଦନଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଭାରତୀୟ ରେଳର ସୁପରଭାଇଜର କ୍ୟାଡରର ବେତନ ସଂରଚନାର ପାହ୍ୟା ବୃଦ୍ଧି ବିଷୟରେ ନୀତିଗତ ନିଷ୍ପତ୍ତି ସମ୍ପର୍କରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଆର.ଏନ.ସୁନକର କହିଛନ୍ତି, କେନ୍ଦ୍ର ସରକାର ଓ ରେଳ ମନ୍ତ୍ରୀଙ୍କ ନିଷ୍ପତ୍ତି ଯୋଗୁ ଭାରତୀୟ ରେଳର ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟ କରୁଥିବା ୩,୫୨୧ କର୍ମଚାରୀ (ସୁପରଭାଇଜ) ଏହା ଦ୍ୱାରା ଉପକୃତ ହେବେ। ସେହିଭଳି ଉକ୍ତ ନିଷ୍ପତ୍ତି ସମ୍ପର୍କରେ ସୁନକର ବିସ୍ତୃତ ତଥ୍ୟ ଉପସ୍ଥାପନ ସହ ଏହାର ଫଳାଫଳ ଓ ସୁବିଧା ବିଷୟରେ ମଧ୍ୟ ମତବ୍ୟକ୍ତ କରିଥିଲେ।

ଭାରତୀୟ ରେଳ ହେଉଛି ଏକ ବହୁମୁଖୀ ସଂଗଠନ। ଦେଶରେ ବ୍ୟାପିଥିବା ସମଗ୍ର ରେଳ ନେଟୱାର୍କର କାର୍ଯ୍ୟକଳାପକୁ ସୁଚାରୁ ରୂପେ ପରିଚାଳିତ କରିବା ପାଇଁ ଏହି ସମସ୍ତ ବିଭାଗର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ସୁପରଭାଇଜର କ୍ୟାଡରଗୁଡ଼ିକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଯାହାକି ଭାରତୀୟ ରେଳର ସୁଗମ ଏବଂ ବିକାଶ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସମଗ୍ର ରେଳ ବ୍ୟବସ୍ଥାର ନିରାପତ୍ତା ସୁନିଶ୍ଚିତ କରିଥାନ୍ତି। ଉଲ୍ଲେଖଯୋଗ୍ୟ, ରେଳ ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁଯାୟୀ ଭାରତୀୟ ରେଳରେ କାର୍ଯ୍ୟରତ ପ୍ରାୟ ୮୦,୦୦୦ ସୁପରଭାଇଜର ଏହାଦ୍ୱାରା ବେଶ୍ ଉପକୃତ ହେବେ ବୋଲି ଜଣାପଡିଛି।

# ପରିମଳ କର୍ମଚାରୀ ସମ୍ମାନର ପାତ୍ର

- ବିଶ୍ୱ ଶୌଚାଳୟ ଦିବସ ପାଳିଲା ବିଏମ୍‌ସି
- ୨ବର୍ଷ ପରେ ୨୬ଜଣଙ୍କୁ ମିଳିଲା ପରିଚୟପତ୍ର

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ସଭାଗୃହରେ ମେୟର ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଳ ଏବଂ ଏ ସଂକ୍ରାନ୍ତୀୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ତଥା ସରକାରଙ୍କ ଗରିମା ଯୋଜନାରେ ପ୍ରମୁଖ ପରିମଳ କର୍ମଚାରୀ ଭାବେ ପରିଗଣିତ କର୍ମଚାରୀଙ୍କ କାର୍ଯ୍ୟକୁ ମେୟର ପ୍ରଶଂସା କରିଥିଲେ। ସେମାନଙ୍କ କାର୍ଯ୍ୟକୁ ନିରାପଦ ଏବଂ କୁଶଳୀଯୁକ୍ତ କରିବା ପାଇଁ ପ୍ରଶିକ୍ଷଣ, ବ୍ୟାଙ୍କ୍ ସହାୟତା ପାଇଁ ଯୋଗାଯୋଗ, ଗରିମା ଗୃହ ବ୍ୟବସ୍ଥା ଇତ୍ୟାଦି କରାଯାଇଛି। ଏହି ପ୍ରକାର ସେବା ଯୋଗାଉଥିବା ପରିମଳ କର୍ମଚାରୀମାନେ ସମ୍ମାନର ପାତ୍ର ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ବିଏମ୍‌ସି ସ୍ୱଚ୍ଛ ବ୍ରାଣ୍ଡ ଆମ୍ବାସଡର୍ ତଥା ଅଲମ୍ପିୟାନ୍ ଅନୁରାଧା ବିଶ୍ୱାଳ, ସାନିଟେଶନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ବିନୟ କୁମାର ଦାଶ, ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ତିନୋଟି ଜୋନ୍‌ର ଜୋନାଲ ଡେପୁଟି କମିଶନର ଉପସ୍ଥିତ ଥିଲେ।

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରମୁଖ ପରିମଳ କର୍ମୀମାନଙ୍କର ନିରାପତ୍ତା ଓ ମର୍ଯ୍ୟାଦା ପାଇଁ 'ଗରିମା' ଯୋଜନା ଆରମ୍ଭ କରାଯାଇଛି। ୨୦୨୦ ସେପ୍ଟେମ୍ବର ୧୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ମାତ୍ର ଯୋଜନା ଆରମ୍ଭ ହେବାର ୨ ବର୍ଷ ପରେ ମଧ୍ୟ କର୍ମଚାରୀଙ୍କୁ ଅନ୍ୟାନ୍ୟ ସୁବିଧା ଦୂରର କଥା ସମସ୍ତଙ୍କୁ ପରିଚୟ ପତ୍ର ମଧ୍ୟ ମିଳିପାରି ନାହିଁ। ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଗରିମା ଯୋଜନାରେ ୧୦୧୦ ଜଣ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨୬ଜଣଙ୍କୁ ଶନିବାର ପରିଚୟ ପତ୍ର ଏବଂ ସୁରକ୍ଷା ପୋଷାକ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ପର୍ଯ୍ୟାୟ କ୍ରମେ ପଞ୍ଜୀକୃତ ଥିବା ଅନ୍ୟ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଭୁବନେଶ୍ୱରରେ ମୋଟ୍ ୪୨୦୫ଜଣ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୧୦ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ଏହି ଯୋଜନା ଦ୍ୱାରା ରାଜ୍ୟର ପ୍ରାୟ ୨୦ହଜାର ପରିମଳ କର୍ମୀ ଏବଂ ସେମାନଙ୍କ ପରିବାର ଉପକୃତ ହେବେ।



ପରିମଳ କର୍ମଚାରୀଙ୍କୁ ସୁରକ୍ଷା ପୋଷାକ ପ୍ରଦାନ କରୁଛନ୍ତି ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୦ ନଭେମ୍ବର, ୨୦୨୨



## ଏ ସପ୍ତାହର ପ୍ରଶ୍ନ

୧– ୧୭ ବର୍ଷରୁ କମ୍ ଫିଫା ମହିଳା ୱାର୍ଲ୍ଡ କପ୍–୨୦୨୨ର ବିଜେତା ଦେଶ...... ?
୨– ଭାରତର ପ୍ରଥମ ଭାସମାନ ଆର୍ଥିକ ସାକ୍ଷରତା କ୍ୟାମ୍ପ୍ ........... ଦ୍ୱାରା ପରିଚାଳନା କରାଯାଇଛି ?
୩– .................. ରାଜ୍ୟ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ ବ୍ୟକ୍ତିଙ୍କୁ ରାଜ୍ୟୋତ୍ସବ ଆୱାର୍ଡ ଦିଆଯାଇଛି ?
୪– ଇଣ୍ଟରନ୍ୟାଶନାଲ୍ ଓପନ୍ ଆକ୍ସେସ୍ ୱିକ୍ – ୨୦୨୨ର ମୋଟୋ ............... ?
୫– ଆମ ଦେଶ .................. ଦେଶ ସହିତ ମିଶି ଇକୋନୋମିକ୍ କୋଅପରେଶନ୍ ଆଣ୍ଡ ଟ୍ରେଡ୍ ଏଗ୍ରିମେଣ୍ଟ ସାଇନ୍ କରିଛି ?

## ଗତ ଥରର ଉତ୍ତର

୧ ନଭେମ୍ବର ୧୯
୨ ଗୃହ ମନ୍ତ୍ରଣାଳୟ
୩ ହସ୍ତରାସ
୪ ସତ୍ୟରୂପ ସିଦ୍ଧାନ୍ତ
୫ ଆନ୍ନା ବୁର୍ନସ୍

## ଉତ୍ତରଦାତା


କିଶୋର ପାଣି


କେ. ସୁନୀଲ କୁମାର ରାଓ
ଛତ୍ରପୁର


ସ୍ମୃତିରେଖା ପରିଡ଼ା
ବାଲେଶ୍ୱର

## ଟପ୍ ୧୦

### ସର୍ବାଧିକ କାର୍ ନିର୍ମାଣକାରୀ କମ୍ପାନୀ




୧......ଟୟୋଟା ମୋଟର୍ସ କର୍ପୋରେଶନ୍
୨......ଭକ୍ସୱାଗେନ୍ ଏଜି
୩......ଡେମ୍ଲର୍ ଏଜି
୪......ଫୋର୍ଡ ମୋଟର୍ସ
୫......ହୋଣ୍ଡା ମୋଟର୍ସ କୋ. ଲିମିଟେଡ୍
୬......ବାୟେରିଶ୍ଚେ ମୋଟୋରେନ୍ ୱେର୍କେ ଏଜି
୭......ଜେନେରାଲ୍ ମୋଟର୍ସ କୋ.
୮......ଫିଆଟ୍ କ୍ରିସ୍ଲର୍ ଅଟୋମୋବାଇଲ୍ସ ଏନ୍ଭି
୯......ହ୍ୟୁଣ୍ଡାଇ ମୋଟର୍ସ କେ.
୧୦......ନିଶାନ୍ ମୋଟର ମୋ. ଲିମିଟେଡ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ଯେଉଁ ଦେଶରେ ନାହିଁ ନିଜସ୍ୱ ମୁଦ୍ରା

ପ୍ରତ୍ୟେକ ଦେଶର ଏକ ନିଜସ୍ୱ ମୁଦ୍ରା ରହିଥାଏ। ଯେପରି ଭାରତର ଟଙ୍କା ବା ରୁପି, ଆମେରିକାର ଡଲାର, ଇଂଲଣ୍ଡର ୟୁରୋ ଇତ୍ୟାଦି। ହେଲେ ଆପଣ ଜାଣନ୍ତିକି, ପୃଥିବୀରେ ଏମିତି କେତେକ ଦେଶ ରହିଛି, ଯାହାର ନିଜସ୍ୱ ମୁଦ୍ରା ନାହିଁ। ଜାଣିବା ସେଭଳି କେତେକ ଦେଶ ସମ୍ପର୍କରେ...




**ଜିମ୍ବାୱେ:** ଦକ୍ଷିଣ ଆଫ୍ରିକୀୟ ଦେଶ ଜିମ୍ବାୱେରେ ୨୦୦୯ ମସିହାରେ ଗଭୀର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅଧିକ ଋଣ ଯୋଗୁ ଏହି ଦେଶର ସମସ୍ତ ମୁଦ୍ରା ଶେଷ ହୋଇଗଲା। ସେବେଠୁ ଏଠାରେ ଅନ୍ୟ ଦେଶର ମୁଦ୍ରା ଯଥା– ରେଣ୍ଡ, ପାଉଣ୍ଡ, ରୁପିଜ୍, ଡଲାର, ୟେନ୍, ୟୁରୋ ଆଦିର ପ୍ରଚଳନ ହେଉଛି।

**ଇକ୍ୱେଡର୍:** ଦକ୍ଷିଣ ଆମେରିକୀୟ ଦେଶ ଇକ୍ୱେଡର ଅର୍ଥନୈତିକ ବ୍ୟବସ୍ଥା ମୁଖ୍ୟତଃ ତେଲ ଉତ୍ପାଦନ ଉପରେ ନିର୍ଭର କରିଥାଏ। ହେଲେ ୨୦୦୦ ମସିହାରେ ଏଠାରେ ଖୁବ୍ କମ୍ ତେଲ ଉତ୍ପାଦନ ହେବା ଯୋଗୁ ଆର୍ଥିକ ସଂକଟ ଦେଖାଦେଇଥିଲା। ଫଳସ୍ୱରୂପ ଅନ୍ୟ ଦେଶରୁ ଧାର ଆଣିବାରେ ଧୀରେ ଧୀରେ ଦେଶର ମୁଦ୍ରା ସମାପ୍ତ ହୋଇଗଲା। ସେବେଠାରୁ ଏଠାରେ ଆମେରିକୀୟ ମୁଦ୍ରା ଡଲାର ପ୍ରଚଳନ ହେଉଛି।




**ନାଉରୁ:** ଏହା ହେଉଛି ପୃଥିବୀର ସବୁଠୁ ଛୋଟ ଦ୍ୱୀପରାଷ୍ଟ୍ର। ଏହାର କ୍ଷେତ୍ରଫଳ ମାତ୍ର ୮.୧ ବର୍ଗ ମାଇଲ ହୋଇଥିବା ବେଳେ ଜନସଂଖ୍ୟା ୧୦ ହଜାର। ଏହି ଦେଶରେ ନା ରହିଛି ନିଜସ୍ୱ ରାଜଧାନୀ ନା ସେନାବାହିନୀ। ଏମିତିକି ଏହି ଦେଶର ନିଜସ୍ୱ ମୁଦ୍ରା ବି ନାହିଁ। ପ୍ରଥମେ ଏହି ଦେଶ ଜର୍ମାନୀ ଅଧୀନରେ ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଷ୍ଟ୍ରେଲିଆ ଏବଂ ଅନ୍ୟ ସହଯୋଗୀ ଦେଶ ଏହାକୁ ସ୍ୱାଧୀନ କରିଥିଲେ। ସେବେଠୁ ଏଠାରେ ଅଷ୍ଟ୍ରେଲୀୟ ମୁଦ୍ରା ଡଲାର ପ୍ରଚଳନ ହେଉଛି।

**ପାନାମା:** ମଧ୍ୟ ଆମେରିକୀୟ ଦେଶ ପାନାମାକୁ ୧୯୦୩ ମସିହାରେ ଆମେରିକା କଲମ୍ବିଆ ସଂଘଠାରୁ ସ୍ୱତନ୍ତ୍ର ହେବାରେ ସାହାଯ୍ୟ କରିଥିଲା। ସେବେଠୁ ଏଠାକାର ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ମୁଦ୍ରା ଡଲାର ଉପରେ ନିର୍ଭରଶୀଳ।



ଶୀତ ସକାଳର ଥଣ୍ଡା, କୁହୁଡ଼ି। ତୀର୍ଯ୍ୟକ୍ ସୂର୍ଯ୍ୟ କିରଣରେ ଝଲସୁଥିବା ଘାସ ଆଉ ପତ୍ରରେ କାକରବିନ୍ଦୁ ଭାରି ମନୋରମ! ଶୀତବସ୍ତ୍ର ପିନ୍ଧି ଏହି ପାଗର ମଜାନେବାକୁ ବି ଅନେକଙ୍କଠାରେ କ୍ରେଜ୍ କହିଲେ ନ ସରେ। ହେଲେ କେବେ ଏହି କୁହୁଡ଼ି ଗାଡିମୋଟର ଚଳାଚଳରେ ବାଧା ସୃଷ୍ଟି କରେ ତ ପୁଣି କେବେ ଏହା ପାଲଟେ ଦୁର୍ଘଟଣାର କାରଣ ...

# କୁହୁଡ଼ି ଓ ଦୁର୍ଘଟଣା



ବର୍ତ୍ତମାନ ବୃଦ୍ଧି ପାଉଥିବା ଗାଡ଼ିମୋଟର, କଳ କାରଖାନା ସଂଖ୍ୟା ସାଙ୍ଗକୁ ଜଙ୍ଗଲ କ୍ଷୟ ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଏବଂ ଏହାର ତାପମାତ୍ରା ମଧ୍ୟ ଅହେତୁକ ଭାବେ ବଢୁଛି। ଫଳରେ ବାୟୁମଣ୍ଡଳରେ ସାଧାରଣଠାରୁ ଯଥେଷ୍ଟ ଅଧିକ ପରିମାଣରେ ଜଳୀୟବାଷ୍ପ ରହୁଛି, ଯାହାକି ଶୀତଦିନେ ଥଣ୍ଡା ହେବା ଦ୍ୱାରା ଘନୀଭୂତ ହେବା ସହ ଛୋଟ ଛୋଟ ଜଳକଣାରେ ପରିଣତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠ ନିକଟରେ ଭାସି ବୁଲୁଛି। ବାୟୁପ୍ରଦୂଷଣ ହେତୁ ଧୂଆଁମିଶା ଘନକୁହୁଡ଼ି ବା ସ୍ମଗ ସୃଷ୍ଟି ହେଉଛି । ଏହି ଘନ କୁହୁଡ଼ି ଯୋଗୁ ଆଲୋକ ସଂକେତରେ ଚଳାଚଳ କରୁଥିବା ବିମାନ ଓ ରେଳଗାଡ଼ିରେ ବିଳମ୍ବ ଘଟୁଛି। କେବଳ ଏତିକି ନୁହେଁ, ଅଧିକ ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଭଲଭାବେ ଦେଖାଯାଉ ନ ଥିବାରୁ ଗାଡ଼ିମୋଟର ଦୁର୍ଘଟଣା ବୃଦ୍ଧିପାଉଛି। କୁହୁଡ଼ି ସମୟରେ ଯାନବାହନ ଚଳାଚଳକୁ ସୁରକ୍ଷିତ କରିବା ଲାଗି କେତୋଟି ବିଷୟ ପ୍ରତି ସଜାଗ ହେବା ନିହାତି ଜରୁରୀ। ଜାଣିରଖନ୍ତୁ ସେ ସମ୍ପର୍କରେ...

– ଅଧିକ କୁହୁଡ଼ିରେ ସକାଳ ସମୟରେ ବି ସୂର୍ଯ୍ୟକିରଣ ଢାଙ୍କି ହୋଇ ରାସ୍ତାଘାଟ ଅନ୍ଧାରିଆ ଲାଗିଥାଏ। ତେଣୁ ଗାଡ଼ି ଚଲାଇବା ସମୟରେ ଅଧିକ କୁହୁଡ଼ି ସ୍ଥାନରେ କୁହୁଡ଼ିଜନିତ ଦୁର୍ଘଟଣା ହ୍ରାସ କରିବା ଲାଗି ବର୍ତ୍ତମାନ ଗାଡ଼ିଗୁଡ଼ିକରେ ଦିଆଯାଉଥିବା ସ୍ପେଶାଲ ଫଗ୍ ଲାଇଟ୍ (ହଳଦିଆ ଆଲୁଅ) ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।

– ସକାଳ ଏବଂ ସନ୍ଧ୍ୟା ସମୟରେ ବାହାରକୁ ଯାଉଥିଲେ କୁହୁଡ଼ି ପ୍ରତି ସତର୍କ ରୁହନ୍ତୁ। ଗାଡ଼ି ଚଲାଇବା ବେଳେ ସ୍ପିଡ୍ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତୁ। ଅନ୍ୟ ଗାଡ଼ିଗୁଡ଼ିକଠାରୁ ଆବଶ୍ୟକ ଦୂରତା ରକ୍ଷା କରନ୍ତୁ। ବିଶେଷକରି ଟର୍ନିଂ ବା ବୁଲାଣି ସ୍ଥାନରେ ଗାଡ଼ି ଧୀରେ ଚଲାନ୍ତୁ ଏବଂ ଲମ୍ବା ହର୍ନ ଦିଅନ୍ତୁ।





କାରଣ ଏଭଳି ସ୍ଥାନରେ ସାମାନ୍ୟ ଅସତର୍କତା ଯୋଗୁ ଦୁର୍ଘଟଣା ହେବାର ଆଶଙ୍କା ବେଶୀ।

– କୁହୁଡ଼ିରେ ରାସ୍ତା ଉପରେ ଚାଲୁଥିବା ପଶୁ ବିଶେଷକରି ଧଳା ବାଛୁରୀ, ଗାଈ, କୁକୁର ଆଦି ସହଜରେ ଦେଖାଯାଇ ନ ଥା'ନ୍ତି। ଏଣୁ ଦୁର୍ଘଟଣାର ଆଶଙ୍କା ବଢ଼ିଥାଏ। ତେଣୁ ଗାଡ଼ିର ସ୍ପିଡ୍ ନିୟନ୍ତ୍ରଣରେ ରଖିବା ନିତାନ୍ତ ଆବଶ୍ୟକ।

– କୁହୁଡ଼ିରେ ଦୁଇଚକିଆ ଗାଡ଼ିରେ ଯାତାୟାତ କରିବା ବେଳେ ବାରମ୍ବାର ହେଲ୍ମେଟ୍ ଗ୍ଲାସ୍‌ରେ କୁହୁଡ଼ି ଲାଗି ଅସ୍ପଷ୍ଟ ହୋଇଯାଏ। ତେଣୁ ଦେଖିବାରେ କଷ୍ଟ ହୋଇଥାଏ ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିପାଇଥାଏ। ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ସହ ମଝିରେ ମଝିରେ ଏହାକୁ କଟନ୍ କପଡ଼ାରେ ପୋଛନ୍ତୁ। ସେହିପରି କାର୍ ବ୍ୟବହାର କରୁଥିଲେ କୁହୁଡ଼ି ସମୟରେ ଡିଫ୍ରଷ୍ଟର ବ୍ୟବହାର କରନ୍ତୁ। କାରଣ କୁହୁଡ଼ି ଗାଡ଼ିର ୱିଣ୍ଡସିଲ୍ଡରେ ଜମା ହେବା ଦ୍ୱାରା ଦେଖାଯିବା କଷ୍ଟ ହୋଇଥାଏ। ଆବଶ୍ୟକ ସ୍ଥଳେ ୱାଇପର ମଧ୍ୟ ବ୍ୟବହାର କରନ୍ତୁ।

– କୁହୁଡ଼ିରେ ଗାଡ଼ି ଚଲାଉଥିବା ସମୟରେ ମୋବାଇଲ୍‌ରେ ଆଦୌ କଥା ହୁଅନ୍ତୁ ନାହିଁ। ଏପରିକି ଇୟରଫୋନ୍ କିମ୍ବା ବ୍ଲୁଟୁଥ୍ ବ୍ୟବହାର କରିବା ମଧ୍ୟ ବିପଜ୍ଜନକ। ଏହାଦ୍ୱାରା ନା କେବଳ ଆପଣ ଅନ୍ୟମନସ୍କ ହେବା କିମ୍ବା ପଛ ଗାଡ଼ିଗୁଡ଼ିକର ହର୍ନ ନ ଶୁଣି ପାରିବା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି ବରଂ କୁହୁଡ଼ି ସଂସ୍ପର୍ଶରେ ଆସି ମୋବାଇଲ୍ ଖରାପ ହେବାର ମଧ୍ୟ ଆଶଙ୍କା ରହିଛି।

# ଶୀତଦିନେ ଆଲର୍ଜି ସମସ୍ୟା

ଶୀତଦିନେ ଥଣ୍ଡାଜନିତ ଆଲର୍ଜି ସମସ୍ୟା ପ୍ରାୟ ୭୦% ବଢ଼ିଯାଏ। ଏହାଦ୍ୱାରା ନାକ ବନ୍ଦ ହୋଇଯିବା, ମୁଣ୍ଡବିନ୍ଧା, ମାଇଗ୍ରେନ ହେବା, ତ୍ୱଚା କୁଣ୍ଡାଇ ହେବା ଓ ଆଖିରୁ ଲୁହ ବୋହିବା ଇତ୍ୟାଦି ସମସ୍ୟା ଉପୁଜିଥାଏ। ତେବେ କେବଳ ବାହାର ଥଣ୍ଡା ପରିବେଶ ପାଇଁ ନୁହେଁ, ଘରେ ମଧ୍ୟ କେତୋଟି କାରଣ ଯୋଗୁ ଏହିସବୁ ଲକ୍ଷଣ ଦେଖାଯାଏ। ଜାଣିବା ସେ ସମ୍ପର୍କରେ...

- ଗୃହପାଳିତ କୁକୁର, ବିଲେଇ କିମ୍ବା ଅନ୍ୟ ପଶୁପକ୍ଷୀଙ୍କ ଲୋମ ଦ୍ୱାରା ଆଲର୍ଜି ହୋଇଥାଏ।
- ଘରେ ଥିବା ଆସବାବପତ୍ର ଝାଡୁଥିବା ସମୟରେ କାର୍ପେଟ, ୱିଣ୍ଡୋ କିମ୍ବା ଥାକରୁ ଧୂଳି ଉଡି ଆଲର୍ଜି ହୋଇଥାଏ।
- ଆମିଷ କିମ୍ବା ଅନ୍ୟ କୌଣସି ଖାଦ୍ୟ ପଦାର୍ଥ ଦ୍ୱାରା ଶରୀରରେ ଆଲର୍ଜି ହୋଇଥାଏ।
- ବିଷାକ୍ତ କୀଟ କାମୁଡ଼ିଲେ କିମ୍ବା ଫିମ୍ପି ଏବଂ ଶିଉଳି ଦ୍ୱାରା ଆଲର୍ଜି ହୋଇଥାଏ।
- କେତେକ ମେଡିସିନ୍ ଗ୍ରହଣ କରିବା ଦ୍ୱାରା ମଧ୍ୟ ଆଲର୍ଜି ହୋଇଥାଏ।
- ଲାଟେକ୍ସ ସାମଗ୍ରୀ ଯଥା ବେଲୁନ୍, ରବର, ଗ୍ଲୋଭ୍ସ କିମ୍ବା ପୋଷାକରେ ଥିବା ଇଲାଷ୍ଟିକ ଦ୍ୱାରା ମଧ୍ୟ ଏହି ସମସ୍ୟା ଉପୁଜିଥାଏ।
- ମେଟାଲ୍ ସାମଗ୍ରୀ ବିଶେଷକରି ନିକେଲ୍, କୋବାଲଟ୍ ଏବଂ କ୍ରୋମେଟ୍ ବ୍ୟବହାର କରିବା ଦ୍ୱାରା ଆଲର୍ଜି ହୋଇଥାଏ।

**ପ୍ରତିକାର:**

- ଫୁଲ ଦ୍ୱାରା ଆଲର୍ଜି ହେଉଥିଲେ ଫୁଲଗଛଠାରୁ ଦୂରେଇ ରୁହନ୍ତୁ। ଘରେ ଲାଗିଥିବା ଶିଉଳି କିମ୍ବା କୌଣସି ଜିନିଷରେ ଫିମ୍ପି ଲାଗିଥିଲେ ତାହାକୁ ଯଥାଶୀଘ୍ର ସଫା କରିଦିଅନ୍ତୁ। ସଫା କରିବା ସମୟରେ ତାହା ଯେପରି ନାକ, ପାଟି ଓ ଆଖି ସଂସ୍ପର୍ଶରେ ନ ଆସେ, ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯଦି କୁକୁର, ବିଲେଇ କିମ୍ବା କୌଣସି ପଶୁପକ୍ଷୀଙ୍କୁ ପାଳୁଛନ୍ତି, ତେବେ ଆଲର୍ଜି ସମସ୍ୟା ଥିଲେ ସେମାନଙ୍କୁ କୋଳେଇ ଧରନ୍ତୁନି କିମ୍ବା ସେମାନଙ୍କ ପାଖରେ ଶୁଅନ୍ତୁନି। ସେମାନଙ୍କୁ ଧରିବା ପରେ ସାଙ୍ଗେ ସାଙ୍ଗେ ହାତକୁ ସାନିଟାଇଜ୍ କରିଦିଅନ୍ତୁ।
- ଶୁଖିଲା କପଡ଼ାରେ ଧୂଳି ସଫା କଲେ ଅଧିକ ଉଡ଼ିଥାଏ ଏବଂ ନାକ, କାନରେ ପଶିଥାଏ। ତେଣୁ ଝାଡ଼ିବା ଲାଗି ଓଦା କପଡ଼ା ବ୍ୟବହାର କରନ୍ତୁ।
- ସାଇନସ ସଂକ୍ରମଣ କିମ୍ବା କାନରେ ସଂକ୍ରମଣ ଲାଗି ରହୁଥିଲେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଗରମ ପାଣି ବ୍ୟବହାର କରି ନିତ୍ୟ ବ୍ୟବହାର୍ଯ୍ୟ କପଡ଼ାକୁ ସଫା କରନ୍ତୁ।
- ନିୟମିତ ମାସ୍କ ବ୍ୟବହାର କରନ୍ତୁ।
- ରାତିରେ କ୍ଷୀର ସହ ହଳଦୀ ମିଶାଇ ପିଅନ୍ତୁ, ଯଦ୍ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବ।





## ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ

ଖୋର୍ଦ୍ଧା ଅଫିସ: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ଆନୁକୂଲ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାନ ବିପ୍ଳବୀ ଝାନସୀ ରାଣୀ ଲକ୍ଷ୍ମୀବାଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ମୀବାଇଙ୍କ ବ୍ରିଟିଶ ସୈନିକ ବିପକ୍ଷରେ ବୀରତ୍ୱର ସହ ଲଢ଼ିଥିବା ଯୁଦ୍ଧ ସମ୍ବନ୍ଧରେ ଅବଲୋକନ କରାଯାଇଥିଲା। ଇତିହାସର ସ୍ୱର୍ଣ୍ଣ ଅକ୍ଷରରେ ବର୍ଣ୍ଣିତ ମଣୀକର୍ଣ୍ଣିକାଙ୍କ ଜୀବନୀ, ଯୁଦ୍ଧ ଓ ବିଜୟର ଗାଥା ସମ୍ବନ୍ଧରେ ଛାତ୍ରୀ ନେତ୍ରୀ ଶୁଭଶ୍ରୀ ସାହୁ ବିଷୟ ରଖିଥିଲେ। ଆଲୋଚନାଚକ୍ରରେ ଶୋଭନ ରାଉତରାୟ, ରୁଦ୍ର ନାରାୟଣ ସାହୁ, ହର୍ଶିତା ମହାନ୍ତ, ସରିତା ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ବେଗୁନିଆ ମହାବିଦ୍ୟାଳୟ ଓ ହଟକେଶ୍ୱର ମହିଳା ମହାବିଦ୍ୟାଳୟ ବାଘମାରୀ ଠାରେ ଜୟନ୍ତୀ ମଧ ପାଳନ କରାଯାଇଥିଲା।

# ୧,୧୫,୫୭୩ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ

**ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ**

- ୧୫୩ କେନ୍ଦ୍ରରେ ସଂଗ୍ରହ କରାଯିବ
- ଧାନ ସଂଗ୍ରହରେ ସ୍ୱଚ୍ଛତାକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୯।୧୧

ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଡିସେମ୍ବର ୩୦ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଜିଲାର ୧୦ଟି ବ୍ଲକର ୧୩୯ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଏବଂ ୧୪ଟି ଉପକେନ୍ଦ୍ରରେ ମୋଟ ୧୫୩ଟି ସ୍ଥାନରେ ଖରିଫ ଧାନ ସଂଗ୍ରହ କରାଯିବ। ଧାନ ବିକ୍ରି ନିମନ୍ତେ ଜିଲାରେ ୪୮ ହଜାର ୪୦୮ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଠାରୁ ୧୮୧୩ ଚାଷୀଙ୍କ ସଂଖ୍ୟା ଅଧିକା ରହିଛି। ସେଥିରୁ ୪୭ହଜାର ୧୪୭ ଚାଷୀଙ୍କ ପଞ୍ଜୀକରଣ ବୈଧ ରହିଛି। ସାଧାରଣ କିସମ ଧାନ ପାଇଁ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଏବଂ ଗ୍ରେଡ-ଏ ଧାନ ପାଇଁ ୨୦୬୦ ଟଙ୍କା ସର୍ବନିମ୍ନ ସହାୟତା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ଖରିଫ ଋତୁରେ ୧ ଲକ୍ଷ ୧୫ହଜାର ୫୭୩ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆବଶ୍ୟକ ଅନୁଯାୟୀ ଏହାର ପରିମାଣ ବଢ଼ାଯିବ। ଜିଲାର ୧୭ଜଣ ମିଲର ଧାନ ସଂଗ୍ରହରେ ଅଂଶଗ୍ରହଣ କରିଛନ୍ତି। ଧାନ ବାବଦକୁ ୭୮ହଜାର ୫୯୦ ମେଟ୍ରିକ ଟନ ଚାଉଳ ପଇଠ କରିବେ।

ଧାନ ସଂଗ୍ରହରେ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀ ଯେପରି ଉପଯୁକ୍ତ ପ୍ରାପ୍ୟ ପାଇବେ ସେନେଇ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଏଥିନିମନ୍ତେ ସମବାୟ ସମିତିସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ। ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ ପାଇଁ ବ୍ୟବସ୍ଥା କରାଯିବ। ରେଜିଷ୍ଟରରେ ମାନ ଯାଞ୍ଚ ତଥ୍ୟ ଓ ଚାଷୀଙ୍କ ନାମ ଉଲ୍ଲେଖ ରହିବ। ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଧାୟକ ଅରବିନ୍ଦ ଢାଲି କହିଥିଲେ, ବିଗତ ବର୍ଷ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ନଜରକୁ ଆସିଛି। ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଏବଂ ଅସାଧୁ ବ୍ୟକ୍ତି ଧାନ ସଂଗ୍ରହରେ ଯେପରି ହସ୍ତକ୍ଷେପ ନ କରନ୍ତି ତଥା ମଣ୍ଡିକୁ ଦଲାଲ ମୁକ୍ତ, ଚାଷୀଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଝୋଟ ଅଖା ଯୋଗାଇଦେବା ଲାଗି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଉପଜିଲାପାଳ ଦେବବ୍ରତ ସାହୁ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍.କେ. ମୁର୍ମୁ, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଜିଲା ମୁଖ୍ୟ ଅଧିକାରୀ ତୁଷାରକାନ୍ତ ସାହୁ, ଉପ କୃଷି ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳଙ୍କ ସମେତ ସମବାୟ ସମିତି କର୍ତ୍ତୃପକ୍ଷ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ମିଲର, ଚାଷୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଧାୟକ ଏବଂ ଅନ୍ୟ ଅଧିକାରୀ।

## କୃଷ୍ଣପ୍ରସାଦରେ ସବୁ ଘରକୁ ପାଇପ୍ ପାଣି ଯୋଜନା ଆରମ୍ଭ

ପୁରୀ ଅଫିସ,୧୯।୧୧

ଜଳ ଜୀବନ ମିଶନ ଅଧୀନରେ ସବୁ ଘରକୁ ପାଇପ ପାଣି ଯୋଜନା କୃଷ୍ଣପ୍ରସାଦ ବ୍ଲକରେ ଆରମ୍ଭ ହୋଇଛି। ସରକାରଙ୍କ ଏହି ଯୋଜନାରେ ପ୍ରତି ଗ୍ରାମରେ ଗ୍ରାମ ଜଳ ଓ ପରିମଳ କମିଟି ଗଠନ କରାଯାଇଛି। ଗ୍ରାମର ଲୋକମାନେ ପ୍ରକଳ୍ପ ପରିଚାଳନା କରିବେ ବୋଲି ପ୍ରକଳ୍ପ ନୋଡାଲ ଏଜେନ୍ସିର ମୁଖ୍ୟ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଦାଶ କହିଛନ୍ତି। ଏହାସହ ଗୋପୀନାଥ ଯୁବକ ସଂଘ, ସେଣ୍ଟର ଫର୍ ଏନଭରମେଣ୍ଟ ଓ ଡେଭଲପମେଣ୍ଟ ଏବଂ ଆର୍‌ଡବ୍ଲୁଏସ୍‌ଏସ୍‌ର ମିଳିତ ସହଯୋଗରେ କୃଷ୍ଣପ୍ରସାଦ ବ୍ଲକର ଚାରିଛକରେ ଗ୍ରାମ ଜଳ ପରିମଳ କମିଟିର ବ୍ୟାଙ୍କ ଜମା ଖାତା ଖୋଲିବା ଶିବିର ଅନୁଷ୍ଠିତ ହୋଇଯାଇଛି। ବଜ୍ରକୋଟ, କୃଷ୍ଣପ୍ରସାଦ, ଶିଆଳ, ଅଲଣ୍ଡା, ତିତିପ, ନୂଆପଡା, ବଡଝାଡ, ମାଲୁଦ, ବୁଧବର, ବଡଅଁଳ, ସିଆଣ୍ଡି, ରାମଲେଙ୍କା ଆଦି ପଞ୍ଚାୟତର ୩୮ଟି ଗ୍ରାମର ଜଳ ପରିମଳ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ବ୍ୟାଙ୍କ ଜମାଖାତା ଖୋଲିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦର ନେତା ବିଜୟ କୁମାର ତରେଇ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ



ଜଟଣୀ,୧୯।୧୧(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥିତ ପୋଷ୍ଟାଲ କଲୋନୀରେ ମା'ବାଗଲାମୁଖୀଙ୍କ ପୀଠରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାତଦିନ ବ୍ୟାପୀ ଅନୁଷ୍ଠିତ ଯଜ୍ଞର ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଶଲାଧିବାସ ଏବଂ କଳସ ଯାତ୍ରା ଓ ଅଗ୍ନି ସ୍ଥାପନ ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସୁଶାନ୍ତ ଖଡେଙ୍ଗାଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ସୂର୍ଯ୍ୟପୂଜା, ଶଲାପୁଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଧେନୁ ପୂଜା ଏବଂ ଆହୁତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଭଜନ ଏବଂ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଶନିବାର ପୂର୍ଣ୍ଣାହୁତି ସହ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି, ମନ୍ଦିର ପୂଜକ, ଅନନ୍ତ ଶତପଥୀ, ବିକ୍ରମ ମାହାପାତ୍ର, ମନମୋହନ ରାଉତରାୟ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବୋଲଗଡ଼,୧୯।୧୧(ଡି.ଏନ୍.ଏ.): ବାଘମାରୀ ନିକଟ କରଡ଼ଗାଡ଼ିଆ ଗ୍ରାମସ୍ଥିତ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ମୃତକ ହେଲେ ବୋଲଗଡ ବ୍ଲକ ଅଧୀନ ରାମସୁବୁଦ୍ଧି ପାଟଣା ଗ୍ରାମର ନାରାୟଣ ସୁବୁଦ୍ଧି ଓରଫ ନଣ୍ଡା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବୋଲଗଡ ବଣିକ ସଂଘର ସେ ସଭ୍ୟ ଥିବାବେଳେ ଶନିବାର ତାଙ୍କ ସମ୍ମାନାର୍ଥେ ବୋଲଗଡ଼ ଗଣେଶ ବଜାର ବନ୍ଦ ରହିଥିଲା। ବ୍ୟବଚ୍ଛେଦ ପରେ ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଶିଶୁ ଅଧିକାର ସପ୍ତାହ

ବାଣପୁର,୧୯।୧୧(ଡି.ଏନ୍.ଏ.): ବାଣପୁର ବିଜ୍ଞାପିତ ଅଞ୍ଚଳରେ ଥିବା ନେହେରୁ ସେବା ସଂଘ ପରିସରରେ ଶିଶୁ ଅଧିକାର ସପ୍ତାହ ପାଳିତ ହୋଇଯାଇଛି। ସେବା ସଂଘ ସମ୍ପାଦିକା ସରୋଜିନୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶିଶୁ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ବଞ୍ଚିବାର ଅଧିକାର ସମେତ କୌଣସି ପ୍ରକାର ଅସୌଜନ୍ୟ ବ୍ୟବହାର ଆଇନତଃ ଅପରାଧ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ସଂଘର କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ଶିଶୁ ପରିଚର୍ଯ୍ୟା ସଂସ୍ଥାର ମୁଖ୍ୟ ବୀରେନ୍ଦ୍ର କୁମାର ତ୍ରିପାଠୀ, ଡ.ଚିନ୍ତାମଣି ମିଶ୍ର ପ୍ରମୁଖ ଶିଶୁ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୋଜକ ପ୍ରଦୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିସହ ପିଲାମାନଙ୍କ ଦ୍ୱାରା ଚିତ୍ରଣ କରାଯାଇଥିବା ଏକ ତୈଳଚିତ୍ର ଉନ୍ମୋଚିତ ହୋଇଥିଲା।

# 'ବାଟମଙ୍ଗଳା ଅଣ୍ଡରପାସ୍ ପୁନରୁଦ୍ଧାର ହେଉ'




ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବିକ୍ଷୋଭ, ଜିଲାପାଳଙ୍କୁ ଦାବିପତ୍ର**

ଖୋର୍ଦ୍ଧା ଅଫିସ,୧୯।୧୧

ଭୁବନେଶ୍ୱର-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ବାଟମଙ୍ଗଳାସ୍ଥିତ ଅଣ୍ଡରପାସ୍‌ର ପୁନରୁଦ୍ଧାର ଦାବିରେ ଶନିବାର ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆଞ୍ଚଳିକ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଛି। ବାଟମଙ୍ଗଳାସ୍ଥିତ ଅଣ୍ଡରପାସ୍ ଦୀର୍ଘବର୍ଷ ହେବ ନିର୍ମାଣ ହୋଇଥିଲା। ଏହାର ନବୀକରଣ, ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ଏହି ଜାତୀୟ ରାଜପଥ ଦେଇ ଦୈନିକ ଶତାଧିକ ମାଲବାହୀ ଟ୍ରକ୍, ଘରୋଇ ବସ୍, ଭାରି ଯାନବାହନ ଯାତାୟାତ କରୁଛି। ଏହି ଅଣ୍ଡରପାସ୍ ପର୍ଯ୍ୟଟନସ୍ଥଳ ବରୁଣେଇ ଏବଂ ଜଟଣୀ-ପୁରୀ ଜିଲା ସହ ଖୋର୍ଦ୍ଧା ସହରକୁ ସଂଯୋଗ କରୁଛି। ସବୁ ସମୟରେ ଯାନବାହନ ଯାତାୟାତ କରୁଛି। କୌଣସି ସମୟରେ ଅଘଟଣ ଘଟିପାରେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ଏହାର ପୁନରୁଦ୍ଧାର ଲାଗି ଦାବି କରାଯାଇଛି। ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟିକୁହନ୍ତି, ରାଜପଥରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜଟଣୀ ବାଇପାସ୍‌କୁ ବାଦ୍ ଦେଲେ ବାଟମଙ୍ଗଳା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାଜପଥ ଖୋର୍ଦ୍ଧା ସହରକୁ ସଂଯୋଗ କରୁଛି। ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଜାରି ରହିଥିବା ବେଳେ ଲୋକଙ୍କ ଆବଶ୍ୟକ ଦୃଷ୍ଟିରୁ ବାଟମଙ୍ଗଳା ଅଣ୍ଡରପାସ୍ ପୁନରୁଦ୍ଧାର ଲାଗି ବାରମ୍ବାର ଦାବି ସତ୍ତ୍ୱେ ରାଜପଥ ପ୍ରାଧିକରଣ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଆଇନଜୀବୀ ବିଜୟ ସାମନ୍ତସିଂହାର, ସାମାଜିକ କର୍ମୀ ବାଲାଜୀ ପାତ୍ର, ସୋମନାଥ ସ୍ୱାଇଁ, ବବୁଲ ପ୍ରଧାନ, ସିପୁ ଘଡେଇ, ସୋନୁ ଭୂୟାଁ, ରଞ୍ଜିତ ଭୂୟାଁ, ରାଜୁ ପ୍ରଧାନ, ସୁନୀଲ ପ୍ରଧାନ, ରଞ୍ଜିତ ବେହେରା, ରଞ୍ଜନ କୁମାର ମାର୍ଥା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ହାର୍ଡୱେର ଗୋଦାମରୁ ସାମଗ୍ରୀ ଚୋରି ଘଟଣା : ୪ଗିରଫ

ଖୋର୍ଦ୍ଧା ଅଫିସ,୧୯।୧୧

ହାର୍ଡୱେର ଗୋଦାମରୁ ସାମଗ୍ରୀ ଚୋରି ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ଶନିବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୁକୁନ୍ଦପ୍ରସାଦର ହବିବ୍ ଖାନ(୨୫), ଉପର ସାହିର ପ୍ରସନ୍ନଜିତ୍ ରାଉତରାୟ ଓରଫ ସାଗର(୨୨), ଆଶିଷ କୁମାର ନାୟକ ଓରଫ ଶିବୁ(୪୨) ଏବଂ ବିଡିଏ କଲୋନୀର ମଳୟ କୁମାର ବେହେରା(୨୨)। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦର ଏକ ହାର୍ଡୱେର ଗୋଦାମରୁ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୬୧/୨୨) ରୁଜୁକରି ତଦନ୍ତ ବେଳେ ଅଭିଯୁକ୍ତଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ଠାରୁ ୫ ଲକ୍ଷ ଟଙ୍କାର ସାମଗ୍ରୀ ଜବତ ହୋଇଛି। ଅନ୍ୟପକ୍ଷରେ ଏହି ଚୋରି ଘଟଣାରେ ଜଣେ ହାର୍ଡୱେର ବ୍ୟବସାୟୀଙ୍କ ପୁଅ ଓ ପୂର୍ବତନ କାଉନସିଲର ପୁଅଙ୍କ ସମ୍ପୃକ୍ତି ରହିଥିବା ନେଇ ଚର୍ଚ୍ଚା ଯୋର ଧରିଥିଲା। ଏପରିକି ପୋଲିସ ସମ୍ପୃକ୍ତ ଦୋକାନକୁ ମଧ୍ୟ ସିଲ୍ କରିଥିଲା। ପରବର୍ତ୍ତି ସମୟରେ ଖୋଲି ଦିଆଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

# ଓମାନରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ମୃତଦେହ ଫେରାଇ ଆଣିବା ପାଇଁ ସ୍ତ୍ରୀଙ୍କ ନିବେଦନ**



ବାବୁଲି ବିଶ୍ୱାଳ

ବାଲୁଗାଁ/ବାଣପୁର,୧୯।୧୧(ଡି.ଏନ୍.ଏ.)

ପରିବାର ପ୍ରତିପୋଷଣ ନିମନ୍ତେ ତଥା ଅଧିକ ଅର୍ଥ ଉପାର୍ଜନ ଆଶାରେ ଓମାନ୍ ଯାଇ ସେଠାରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବୀରକେଶରପୁର ଗ୍ରାମର ବାବୁଲି ବିଶ୍ୱାଳ(୪୭)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତେବେ ମୃତ୍ୟୁ ଘଟଣାକୁ ୮ଦିନ ବିତିଯାଇଥିଲେ ମଧ ଗ୍ରାମକୁ ମୃତଦେହ ପଠାଇବା ପାଇଁ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ହସ୍ତକ୍ଷେପ କରି ମୃତଦେହ ଫେରାଇ ଆଣିବା ସହ ମୃତ୍ୟୁର ଠିକ୍ ତଦନ୍ତ ଏବଂ ଆର୍ଥିକ ସହାୟତା ନିମନ୍ତେ ସ୍ତ୍ରୀ ସଞ୍ଜୁକ୍ତା ବିଶ୍ୱାଳ ନିବେଦନ କରିଛନ୍ତି। ସୂଚନା ମୁତାବକ, ୨୦୧୩ ମସିହାରେ ବାବୁଲି କାମ କରିବା ପାଇଁ ଓମାନକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ ମିସ୍ତ୍ରିଭାବେ କାର୍ଯ୍ୟରତ ଥିଲେ। ଗତ ୧୧ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ କମ୍ପାନୀ ମ୍ୟାନେଜର ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ପରିବାର ଲୋକେ ମୃତ୍ୟୁର କାରଣ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ତେବେ ତାଙ୍କର ମୃତଦେହକୁ ଗ୍ରାମକୁ ପଠାଇବା ପାଇଁ ଅନୁରୋଧ କରିଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଅଦ୍ୟାବଧି କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ଭୋକ ଉପବାସରେ ଦିନ କାଟୁଛନ୍ତି। ଏନେଇ ସଞ୍ଜୁକ୍ତା ଏକ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ରାଜ୍ୟ ଶ୍ରମ କମିଶନର, ଶ୍ରମମନ୍ତ୍ରୀ, ଖୋର୍ଦ୍ଧା ଜିଲାପାଳ, ପ୍ରଧାନମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ, ଭାରତ ଏବଂ ଓମାନ୍ ରାଷ୍ଟ୍ରଦୂତ, ବାଲୁଗାଁ ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ସ୍ଥାନୀୟ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି।

## ମୋରମ ଚୋରାଚାଲାଣ: ୪ ଗିରଫ

ବାଲୁଗାଁ,୧୯।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳ ତଥା ଭାଲେରି ପାହାଡ଼ ପାଦଦେଶରୁ ମୋରମ ଓ ମାଙ୍କଡ଼ା ପଥର ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶକ୍ରମେ ଗତ ଦୁଇଦିନ ଧରି ବିଭିନ୍ନ ଅଞ୍ଚଳରେ ବାଲୁଗାଁ ପୋଲିସ୍‌ର ଏକ ଟିମ୍ ଚଢ଼ାଉ ଜାରି ରଖିଥିଲେ। ଶୁକ୍ରବାର ରାତିରେ ନାଭାଲ ଫାଣ୍ଡି ଅଧୀନ ବୋରିଆ ସାହି ଜଙ୍ଗଲ ଭାଲେରି ପାହାଡ଼ ପାଦଦେଶରୁ ମୋରମ ଚୋରାଚାଲାଣ ହେଉଥିବା ଖବରପାଇ ବାଲୁଗାଁ ଇନ୍ସପେକ୍ଟର ରଶ୍ମିବାଳା ସେଠୀ, ଏଏସ୍‌ଆଇ ତିରୁପତି ନାୟକ, ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ ସଦଳବଳ ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ପୋଲିସ୍ ୪ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଉକ୍ତ ସ୍ଥାନରୁ ମୋରମ ବୋଝେଇ ୨ଟି ଟ୍ରକ୍ ଏବଂ ଗୋଟିଏ ଜେସିବି ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୭/୨୨) ରୁଜୁ ହୋଇଛି। ମୋରମ ଚାଲାଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।

## ଜବରଦଖଲ ହଟିଲା, ରାସ୍ତା ସମ୍ପ୍ରସାରଣ କାମ ଆରମ୍ଭ

ବୋଲଗଡ଼,୧୯।୧୧(ଡି.ଏନ୍.ଏ.)

ବୋଲଗଡ଼ ତହସିଲ ପିତୁକୁଳି ବଜାରରୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାପାର୍ଶ୍ୱର ଏକ ସରକାରୀ ଜମିକୁ ଗୋଟିଏ ପରିବାର ଜବରଦଖଲ କରି ରଖିଥିଲେ। ଲୋକେ ଯାତାୟାତ କରିବାରେ ହଇରାଣ ହେଉଥିଲେ। ରାସ୍ତା ସଙ୍କୀର୍ଣ୍ଣ ଯୋଗୁ ଗାଡ଼ିଗୁଡ଼ିକ ପ୍ରବେଶ କରିବା କଷ୍ଟକର ହୋଇପଡୁଥିଲା। ଫଳରେ ଜାତୀୟ ରାଜପଥ ନିକଟରେ ଗାଡି ଅଟକି ରହୁଥିଲା। ଜବରଦଖଲ ଉଚ୍ଛେଦ ଦାବିରେ ଗତ ଅକ୍ଟୋବର ପ୍ରଥମ ସପ୍ତାହରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ବେଗୁନିଆ ପୋଲିସ ଏବଂ ବୋଲଗଡ଼ ତହସିଲଦାର ପହଞ୍ଚି ଉକ୍ତ ଜମିକୁ ମାପଚୁପ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ସରକାରୀ ଜାଗା ବୋଲି ଚିହ୍ନଟ ହେବା ପରେ ଜବରଦଖଲ ହଟାଯାଇଥିଲା। ଫଳରେ ଶନିବାରଠାରୁ ଏହି ରାସ୍ତାର ସମ୍ପ୍ରସାରଣ କରିବା ପାଇଁ କାମ ଆରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ ଓ କେନ୍ଦ୍ର ସମବାୟ ନିର୍ଦ୍ଦେଶକ ପବିତ୍ର ମୋହନ ମାଝିଙ୍କ ଉଦ୍ୟମ ଯୋଗୁ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଶୋଭାଯାତ୍ରା

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଖୋର୍ଦ୍ଧା ଅଫିସ/ବୋଲଗଡ଼/ଝାଁଳା ଟାଙ୍ଗୀ(ଖୋର୍ଦ୍ଧା)/ ଜଟଣୀ/ବାଣପୁର, ୧୯।୧୧ (ଡି.ଏନ୍.ଏ.)

ଖୋର୍ଦ୍ଧା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନକ୍ରମେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ୩ଦଫା ଦାବି ନେଇ ଶୋଭାଯାତ୍ରାରେ ଗୀତା ଭବନ ଠାରୁ ବାହାରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଶିକ୍ଷକମାନଙ୍କ ପୁରୁଣା ପେନସନ୍, ଠିକା ନିଯୁକ୍ତି ବାତିଲ, କେନ୍ଦ୍ରୀୟ ହାରରେ ଦରମା, ୬ବର୍ଷ ଠିକା ନିଯୁକ୍ତି ସମୟର ବର୍ଦ୍ଧିତ ହାରରେ ଦରମା ଏବଂ ଚାକିରି ପିରିୟଡ୍‌ରେ ଗଣନା ଏକ୍ସ କ୍ୟାଡର ଉଚ୍ଛେଦ, ଗଣ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ସ୍ୱପ୍ନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ଓଡ଼ିଶା ମାଧ୍ୟମିକ ଶିକ୍ଷା ସଂଘ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ସୁରେଶ ଚନ୍ଦ୍ର ବିଶ୍ୱାଳ, ବିଭୁ ପ୍ରସାଦ ହରିଚନ୍ଦନ, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରସନ୍ନ ମହାପାତ୍ର, ବାମଦେବ ପାଇକରାୟ, ଅଶୋକ ଚନ୍ଦ୍ର ଦାସ, ସଂଯୁକ୍ତା ବଳିୟାରସିଂ, ରବୀନ୍ଦ୍ର ସାହୁ, କଳ୍ପନା ରାଉତ, ସୁଶାନ୍ତ ମିଶ୍ର, ମନୋଜ ଦାଶ, ପ୍ରକାଶ ମୁଦୁଲି, ବଦ୍ରିନାରାୟଣ ରଥ, ରତ୍ନାକର ରାଉତରାୟ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବୋଲଗଡ଼ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରାଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଶୈଳେନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ ସିଂହ, ରଞ୍ଜନ ସାହୁ, ଜନ୍ମେଜୟ ମାଝି, ବିଭୁରଞ୍ଜନ ରଥ ସାମିଲ ହୋଇଥିଲେ। ଟାଙ୍ଗୀ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁଙ୍କୁ ପ୍ରଦାନ କରାଯାଇଛି। ଗୋପାଳ ସେଣ, ଶ୍ୟାମସୁନ୍ଦର ବିଶ୍ୱାଳ, ପ୍ରଜ୍ଞା ପ୍ରଣିତା ମଙ୍ଗରାଜ, ମୀନକେତନ ଦାସ, ସଂଘ ସଭାପତି ସଲିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରା, ସମରେଶ ବେହେରା, ରବୀନ୍ଦ୍ର ବେହେରା, ଦେବାନନ୍ଦ ବେହେରା, ନୀଳାଦ୍ରି ସିଂ, ବିଜୟ ସେଠୀ, ପ୍ରସନ୍ନ ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଟଣୀ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ ରଶ୍ମିବାଳା ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଅକ୍ଷୟ ପାଲଟାସିଂ, ସମ୍ପାଦିକା ଟୁଲୁ ଦେଇ, ଆକାଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବାଣପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଂଘର ସଭାପତି ବିଭୂତି ଭୂଷଣ ସ୍ୱାଇଁ, ସମ୍ପାଦକ ପ୍ରଦୀପ୍ତ ମହାପାତ୍ର, କୈଳାସ ଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ୨୭୪୩ ଏସ୍‌ଏଚ୍‌ଜିଙ୍କୁ ୧୦୬ କୋଟି ଟଙ୍କା ଋଣ

**ମିଶନ ଶକ୍ତି ମେଗା ଋଣ ମେଳା**

ଖୋର୍ଦ୍ଧା ଅଫିସ,୧୯।୧୧




କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ, ଅଧିକାରୀଙ୍କ ସହ ଅନ୍ୟମାନେ।

ମିଶନ ଶକ୍ତି ମେଗା ଋଣ ମେଳା ସ୍ଥାନୀୟ ଜୟୀ ରାଜଗୁରୁ(ଟାଉନ ହଲ) ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ମୋଟ୍ ୨୭୪୩ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦୬କୋଟି ୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ପୂର୍ବରୁ ଶହେ କୋଟି ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିମଧ୍ୟରୁ ୮୯୯ଟି ଗୋଷ୍ଠୀଙ୍କୁ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ପ୍ରଦାନ କରାଯାଇଥିବା ବେଳେ ଗୋଟିଏ ଗୋଷ୍ଠୀକୁ ୧୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲାରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହଯୋଗ କରିବା କ୍ଷେତ୍ରରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କକୁ ପୁରସ୍କୃତ କରାଯାଇଥିଲା। ଏଥିସହ ଉତ୍ତମ ବ୍ଲକ ଭାବେ ବାଲିଅନ୍ତା, ବୋଲଗଡ, ଖୋର୍ଦ୍ଧା ଓ ବିଏମସି-୧କୁ ପୁରସ୍କୃତ କରାଯାଇଛି। ସେହିଭଳି ୧୦ଜଣ ବ୍ୟାଙ୍କ ମିତ୍ର, ୧୩ଟି ବ୍ୟାଙ୍କ ଶାଖାକୁ ମଧ ପୁରସ୍କାର ଦିଆଯାଇଛି। ଅତିଥିଙ୍କ ଦ୍ୱାରା ମିଶନ ଶକ୍ତି ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ୩ଟି ଏସଏଚଜି ଗ୍ରୁପ୍ ସଦସ୍ୟ, ଜଣେ ବ୍ୟାଙ୍କ ମିତ୍ର ଓ ବ୍ୟାଙ୍କ ମ୍ୟାନେଜର ସେମାନଙ୍କ ଅନୁଭୂତି ପ୍ରଦାନ କରିଥିଲେ।

ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଥିଲେ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ଏସଏଚଜି ଗ୍ରୁପ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିଛନ୍ତି। ବିକାଶରେ ମହିଳାଙ୍କ ସହାଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଦକ୍ଷତା ବିକାଶ ସହ ସ୍ୱରୋଜଗାର, ସ୍ୱାବଲମ୍ବନ କ୍ଷେତ୍ରରେ ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଛି। ସେହିପରି ଜୟଦେବ ବିଧାୟକ ଅରବିନ୍ଦ ଢାଲି କହିଥିଲେ, ରାଜ୍ୟରେ ୭୦ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟାଙ୍କୁ ନେଇ ମିଶନ ଶକ୍ତି କାମ କରୁଛି। ମିଶନ ଶକ୍ତି ମହିଳାଙ୍କ ଶକ୍ତି ପାଲଟିଛି। ମହିଳାମାନେ ବିକାଶ ମୂଳକ ଯୋଜନାରେ ସମାଜ ସହ ହାତ ମିଳାଇ ସୁଚାରୁଭାବେ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି। ସରକାରଙ୍କ ବିକାଶମୂଳକ ଯୋଜନା କାର୍ଯ୍ୟକାରିତାରେ ମହିଳାଙ୍କ ଏକ ପ୍ରମୁଖ ଭୂମିକା ରହିଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଥିଲେ, ସୀମିତ ସମ୍ବଳରୁ ସାଧୁତାର ଜୟଯାତ୍ରା ଆରମ୍ଭ କଲେ ସଫଳତା ହାସଲ ସହ ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବ। କାର୍ଯ୍ୟ କ୍ଷେତ୍ରରେ ନିଷ୍ଠା, ଏକାଗ୍ରତା ରହିଲେ, ଅନ୍ୟମାନଙ୍କ ହୃଦୟ ଜିଣିପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଏଲଡିଏମ ଦିଲୀପ କୁମାର ଭୂୟାଁ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଡିଜିଏମ ମନମୋହନ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହିଳାଙ୍କ ଆର୍ଥିକ, ସାମାଜିକ, ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ଡିଜିଏମ ପୃଥ୍ୱୀରାଜ ପଟ୍ଟନାୟକ, ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ବିବେକ ରଞ୍ଜନ ନାୟକ, ଆର୍ଥିକ ପରାମର୍ଶଦାତା ବ୍ରଜ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ ସୌଭାଗିନୀ ହରିଚନ୍ଦନ ଓ ଶିଖା ପୋଦ୍ଦାର ପ୍ରମୁଖ ପରିଚାଳନା କରିଥିଲେ। ମିଶନ ଶକ୍ତି ଅନ୍ତର୍ଭୁକ୍ତ ଜିଲାର ସମସ୍ତ ଅଞ୍ଚଳରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

## ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ

ଗୋପ (ଡି.ଏନ୍.ଏ.): ଗୋପ ବ୍ଲକ ବେଦପୁର ପଞ୍ଚାୟତସ୍ଥିତ ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠର ରୂପାନ୍ତରୀଣ କାର୍ଯ୍ୟର ଶିଳାନ୍ୟାସ ଶନିବାର କରାଯାଇଛି। ଗୋପ ପଞ୍ଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ୍, ବିଡିଓ ଦୀପ୍ତିରାଣୀ ଦାସ, ସହକାରୀ ଯନ୍ତ୍ରୀ ଅଶୋକ ପୃଷ୍ଟି, ଶ୍ୱେତା ଦାସ, ବିଦ୍ୟାଳୟ ପ୍ରତିଷ୍ଠାତା ବସନ୍ତ ପାଢ଼ୀ, ପ୍ରଧାନ ଶିକ୍ଷକ ମହେନ୍ଦ୍ର ପାଢ଼ୀ, ସରପଞ୍ଚ ଜୟନ୍ତୀ ଜେନା ପ୍ରମୁଖ ଉପସ୍ଥିତ ରହି ଶିଳାନ୍ୟାସ କରିଥିଲେ। ଏହି ବିଦ୍ୟାଳୟର ସର୍ବାଧିକ ଭିତ୍ତିଭୂମି ଥିବାବେଳେ ପୂର୍ବରୁ ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସ୍କୁଲ ପାଚେରି ଓ ଗେଟ୍ ସମେତ ଅନ୍ୟ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ୫-ଟି ଯୋଜନାରେ ଏହି ବିଦ୍ୟାଳୟ ସାମିଲ ପରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରି କରାଯିବ ବୋଲି ବିଡିଓ କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧୧।୨୦୨୨

| ୪, ୬୫, ୬୩୯ ଟଙ୍କା | |
|---|---|
| ସୁନା | ୬.୩୦୦ ଗ୍ରାମ |
| ରୁପା | ୧୨୧.୮୦୦ ଗ୍ରାମ |

# ଶ୍ରୀମନ୍ଦିର ଗରୁଡ଼ସ୍ତମ୍ଭ ଚତୁଃପାର୍ଶ୍ୱ ରୁପା ଛାଉଣି ହେବ

ପୁରୀ ଅଫିସ,୧୯।୧୧

ମହାପ୍ରଭୁଙ୍କୁ ଦର୍ଶନ ବେଳେ ଗରୁଡ଼ ସ୍ତମ୍ଭକୁ ଛୁଇଁଲେ ପାପ କ୍ଷୟ ସହ ପୁଣ୍ୟ ମିଳିବାର ବିଶ୍ୱାସ ରହିଛି। ଏଥିଯୋଗୁ ପ୍ରତିଦିନ ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁମାନେ ଲାଇନ୍‌ରେ ଅପେକ୍ଷା କରି ନାଟମଣ୍ଡପ ପରିସରରେ ଥିବା ଗରୁଡ଼ ସ୍ତମ୍ଭକୁ ସ୍ୱର୍ଶ କରି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ହେଲେ ଦୀର୍ଘବର୍ଷର ଏହି ଗରୁଡ଼ ସ୍ତମ୍ଭ ଶ୍ରଦ୍ଧାଳୁଙ୍କ ଛୁଇଁବା ଦ୍ୱାରା ଦୁର୍ବଳ ହେଉଥିବା ନେଇ ଆଶଙ୍କା କରାଯାଉଛି। ଫଳରେ ଗରୁଡ଼ ସ୍ତମ୍ଭକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚିନ୍ତା କରିଛି। ତେଣୁ ଗରୁଡ଼ ସ୍ତମ୍ଭର ଚତୁଃପାର୍ଶ୍ୱରେ ରୁପା ଛାଉଣି କରିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଚିଠି ଲେଖାଯାଇଛି, ଯାହାକୁ ନେଇ ଏବେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରୁପା ଛାଉଣି ହେଲେ ପ୍ରତ୍ୟକ୍ଷ ସ୍ୱର୍ଶରୁ ଭକ୍ତ ବଞ୍ଚିତ ହେବା ନେଇ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଅନ୍ୟପଟେ ଏଏସ୍ଆଇ ତରଫରୁ ଗରୁଡ଼ସ୍ତମ୍ଭ ବିପଦ ଥିବା ନେଇ କୌଣସି ରିପୋର୍ଟ ନ ଥିବା କୁହାଯାଉଥିବା ବେଳେ କେଉଁ ଆଧାରରେ ଗରୁଡସ୍ତମ୍ଭକୁ ରୁପା ଛାଉଣି ପ୍ରସଙ୍ଗ ଉଠିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ଗରୁଡ ସ୍ତମ୍ଭକୁ ରୁପାଛାଉଣି କରିବାକୁ ଯୋଜନା କରୁଛି। ଏଥିପାଇଁ ପ୍ରାୟ ୧କୋଟି ୩୦ ଲକ୍ଷର ଖର୍ଚ୍ଚ ଆକଳନ ହୋଇଛି। ଏ ନେଇ ଗତ ୧୪ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ଆଗରେ ଅନୁମୋଦନ ପାଇଁ ପ୍ରସ୍ତାବ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଅନୁମତି ମିଳିଲେ ଗରୁଡ଼ ସ୍ତମ୍ଭର ଚତୁଃପାର୍ଶ୍ୱକୁ ଏସ୍ଏସ୍ ଷ୍ଟିଲ୍ ଫ୍ରେମ୍ ଦ୍ୱାରା ଆଚ୍ଛାଦିତ କରାଯିବ। ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଭିରିଙ୍ଗି କମର୍ସିଆଲ୍ ପ୍ରାଃ ଲିଃ ଦ୍ୱାରା ଏହି ରୁପା କାର୍ଯ୍ୟ କରାଯିବ। ପଶ୍ଚିମବଙ୍ଗର ଜଣେ ଭକ୍ତ ଏହି ଅର୍ଥ ଦାନ କରିବାକୁ ସହମତି ଦେଇଛନ୍ତି। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଦୁର୍ବଳ ଥିବା ଜାଣିବା ପରେ ମଧ ରତ୍ନଭଣ୍ଡାର ମରାମତି ଦିଗରେ ଶ୍ରୀମନ୍ଦିର ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାବେଳେ ଏବେ ଗରୁଡ଼ସ୍ତମ୍ଭ ପ୍ରତି ବିପଦ ଦର୍ଶାଇ ରୁପା ଛାଉଣି ନେଇ ପ୍ରସ୍ତାବ ଦେବା ଏବେ ଅନେକ ପ୍ରଶ୍ନ ଉଠୁଛି। ପ୍ରଶାସନର ଏପରି ଏକପାଖିଆ ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯାଇଛି। ପୌରାଣିକ ତଥ୍ୟ ଅନୁଯାୟୀ ଶ୍ରୀଚୈତନ୍ୟ ମଧ ଏହି ଗରୁଡସ୍ତମ୍ଭ ନିକଟରୁ ଶ୍ରୀଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ଦର୍ଶନ କରିଥିଲେ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରଶାସନର ଏପରି ନିଷ୍ପତ୍ତି ଭକ୍ତଙ୍କ ଭାବାବେଗ ପ୍ରତି କୁଠାରାଘାତ ବୋଲି ଜଗନ୍ନାଥ ପ୍ରେମୀ ମତ ଦେଇଛନ୍ତି। ତେବେ ଗରୁଡ଼ସ୍ତମ୍ଭଟି ପ୍ରକୃତରେ ପ୍ରଥମେ କେଉଁଥିରେ ତିଆରି ତାହାକୁ ଅଧ୍ୟୟନ ଓ ଗବେଷଣା କରାଯିବା ସହ ଭକ୍ତଙ୍କ ଭାବାବେଗକୁ ଗୁରୁତ୍ୱ ଦିଆଯାଉ ବୋଲି ଶ୍ରୀମନ୍ଦିର ସେବାୟତ ମତ ଦେଇଛନ୍ତି।

### ଶ୍ରଦ୍ଧାଳୁଙ୍କ ସ୍ୱର୍ଶରେ ଦୁର୍ବଳ ହେଉଥିବା ଆଶଙ୍କା

" ଗରୁଡସ୍ତମ୍ଭର ସୁରକ୍ଷାକୁ ନେଇ ବିଗତ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। କିପରି ଗରୁଡ଼ ସ୍ତମ୍ଭକୁ ସୁରକ୍ଷିତ କରାଯିବ ସେନେଇ ଗବେଷଣା ହେବା ସାପେକ୍ଷ।

**ଦୁର୍ଗା ଦାସ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ଦଇତାପତି ସେବକ**

" ଗରୁଡ ସ୍ତମ୍ଭ ଚନ୍ଦନର ଜୀବାଶ୍ମରେ ନିର୍ମିତ। ତେଣୁ ତାହାର ଗବେଷଣା ହେବା ଦରକାର। ତେବେ ବର୍ତ୍ତମାନ କେତେଜଣ କହୁଛନ୍ତି ଗରୁଡ ସ୍ତମ୍ଭର ଗୋଲେଇ କମି କମି ଯାଉଛି। ତେବେ ଗରୁଡ ସ୍ତମ୍ଭର ଆକାର ସବୁ ସ୍ଥାନରେ ଠିକ୍ ନାହିଁ ତେବେ ଭକ୍ତଙ୍କ ଆଲିଙ୍ଗନ କାରଣରୁ କମିଛି କି ଅନ୍ୟ କୌଣସି କାରଣ ଅଛି। ତେଣୁ ଏପରି ଆଶଙ୍କାକୁ ନେଇ ସମସ୍ତଙ୍କ ସହ ଆଲୋଚନା କରି ଆବଶ୍ୟକ ସ୍ଥଳେ ଯାହା ପଦକ୍ଷେପ ନିଆଯିବ। ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିରରେ ଯାହା ରହିଛି ତାହାର ସୁରକ୍ଷା ପ୍ରାଥମିକତା ଅଟେ। ତେବେ ଗରୁଡ ସ୍ତମ୍ଭକୁ ଆଲିଙ୍ଗନ କରିବା ଭକ୍ତଙ୍କ ଭାବାବେଗ ସହ ଜଡିତ। କିନ୍ତୁ ସୁରକ୍ଷା ଏବଂ ଅଧିକ ସ୍ଥାୟିତ୍ୱ ଓ ଉତ୍ତରପିଢ଼ିଙ୍କ ନିମନ୍ତେ ଯାହା ପଦକ୍ଷେପ ନେବାକୁ ପଡିବ ତାହା ନିଆଯିବ।

**ଏସ୍.କେ. ପଟେଲ, ଏଏସ୍ଆଇର ପୂର୍ବତନ ନିର୍ଦ୍ଦେଶକ**

" ଗରୁଡ ସ୍ତମ୍ଭକୁ ଭକ୍ତମାନେ ଛୁଇଁ ନିଜକୁ କୃତାର୍ଥ ମନେକରିଥାନ୍ତି। ତେବେ ଭକ୍ତମାନେ ଗରୁଡ ସ୍ତମ୍ଭକୁ ଛୁଇଁପାରିବେନି ଏ ନେଇ ଶ୍ରୀମନ୍ଦିର ଛତିଶା ନିଯୋଗରେ କୌଣସି ପ୍ରକାର ଆଲୋଚନା କରାଯାଇନାହିଁ। ଯଦି ବା ଏପରି କୋଣସି ନିଷ୍ପତ୍ତି ଦିଆଯିବ ତେବେ ପ୍ରଥମେ ଆଲୋଚନା କରାଯାଇ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ।

**ଗୌରହରି ପ୍ରଧାନ, ବରିଷ୍ଠ ସେବାୟତ**

" ଗରୁଡ଼ ସ୍ତମ୍ଭଟି କେଉଁଥିରେ ତିଆରି, କେତେ ଅବକ୍ଷୟ ହୋଇଛି ତାହାର ତର୍ଜମା ହେବା ଆବଶ୍ୟକ। ତେବେ ବୈଠକରେ ଏ ବିଷୟରେ ଆଲୋଚନା ସମୟରେ ହୃଦୟଙ୍ଗମ ହୋଇଥିଲା। ଏପରି ନିଷ୍ପତ୍ତି ନିଆଗଲେ ଭକ୍ତଙ୍କ ଭାବାବେଗକୁ ଆଘାତ ଦେବା। ତେଣୁ ଏହାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇ ଆଲୋଚନା ପରେ ନିଷ୍ପତ୍ତି ନିଆଯାଉ। ତେବେ ଗରୁଡ ଖମ୍ବର ଉପର ଏବଂ ତଳର ପରିଧି ୪୩ ଇଞ୍ଚ ରହିଥିବା ବେଳେ ମଝିଅଂଶର ପରିଧି ୩୬ ଇଞ୍ଚ ରହିଛି। ତେଣୁ ପ୍ରାୟ ୬ ଇଞ୍ଚ କ୍ଷୟ ହୋଇଛି। ଏହା କେଉଁ ଧାତୁ କିମ୍ବା ପଥର କି କାଠରେ ନିର୍ମିତ ତାହାର ତର୍ଜମା କରାଯାଇ ତାହାକୁ ରୁପା ଆଚ୍ଛାଦିତ କରାଯିବ କି ନାହିଁ ତାହା ନିଷ୍ପତ୍ତି ନିଆଯିବ।

**ମାଧବ ଚନ୍ଦ୍ର ପୂଜାପଣ୍ଡା, ପରିଚାଳନା କମିଟି ସଦସ୍ୟ**

# ବ୍ରିଟିଶ ମ୍ୟୁଜିୟମରେ ଥିବା କଳାକୃତିକୁ କୋଣାର୍କରେ ରଖିଲେ ମାନ ବଢ଼ିବ



ସୂର୍ଯ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ ଐତିହ୍ୟ ଫଟୋ ପ୍ରଦର୍ଶନୀକୁ ଛାତ୍ରମାନେ ଦେଖୁଛନ୍ତି।

କୋଣାର୍କ,୧୯।୧୧(ଡି.ଏନ୍.ଏ.)

### ବିଶ୍ୱ ଐତିହ୍ୟ ଦିବସ ପାଳିତ

କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର ପରିସରରେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। କୋଣାର୍କ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟର ଅଧିକାରୀ ପ୍ରତାପ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବରେ ପ୍ରତ୍ନତତ୍ତ୍ୱବିତ ଭାଗୀରଥି ତିଗିରିଆ, ଐତିହ୍ୟ ଗବେଷକ ଡ.ସୁରେନ୍ଦ୍ର ମିଶ୍ର, କୋଣାର୍କ ନବୋଦୟ ବିଦ୍ୟାଳୟର ଅଧକ୍ଷ ନୃସିଂହଚରଣ କର ପ୍ରମୁଖ ଯୋଗଦେଇ ଐତିହ୍ୟ ଦିବସ ପାଳନର ଉଦ୍ଦେଶ୍ୟ ଓ ଏହାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ପ୍ରମୁଖ ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ କହିଥିଲେ, ବ୍ରିଟିଶ୍ ମ୍ୟୁଜିୟମ ଓ କୋଲକାତା ମ୍ୟୁଜିୟମ ଭଳି ଅନେକ ସ୍ଥାନରେ ସୂର୍ଯ୍ୟମନ୍ଦିରର ଅନେକ କଳାକୃତି ନିଆଯାଇ ରଖାଯାଇଛି। ଯଦି ପ୍ରଧାନମନ୍ତ୍ରୀ ଚେଷ୍ଟା କରିବେ ତେବେ ଉକ୍ତ ମୂର୍ତ୍ତିଗୁଡିକ ଆଣି ଆମ ମ୍ୟୁଜିୟମରେ ରଖାଗଲେ ସୂର୍ଯ୍ୟ ମନ୍ଦିରର ମାନ ଆହୁରି ବୃଦ୍ଧି ପାଆନ୍ତା। ଏହି ପରିପ୍ରେକ୍ଷୀରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦେଶର ବିଭିନ୍ନ ଐତିହ୍ୟ ସ୍ଥଳୀ ସମ୍ପର୍କରେ ଜନସାଧାରଣ, ଛାତ୍ରୀଛାତ୍ର ଓ ପର୍ଯ୍ୟଟକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଏକ ଫଟୋଚିତ୍ର ଗ୍ୟାଲେରୀ ପ୍ରଦର୍ଶିତ କରାଯାଇଥିଲା। ଐତିହ୍ୟସ୍ଥଳୀ ସମ୍ପର୍କରେ କୋଣାର୍କ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଏଏସ୍ଆଇ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଏସ୍ଆଇର ସ୍ଥାନୀୟ ଅଧିକାରୀ ନିରୋଜ କୁମାର ଦାସ ସମେତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ ନୀତି

**ଶ୍ରୀମନ୍ଦିର ଭିତର କାଠରେ ପଡ଼ିଥିଲା ବାନ୍ତି**

ପୁରୀ ଅଫିସ,୧୯।୧୧- ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଶନିବାର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ସମୟରେ ଶ୍ରୀମନ୍ଦିର ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହଙ୍କର ନୀତିକାନ୍ତି ରଖାଯାଇ ବଡ଼ ମହାସ୍ନାନ ହୋଇଥିଲା। ସୂଚନାଯୋଗ୍ୟ, ଶନିବାର ସକାଳ ୬ଟା ସମୟରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ସଅଳ ନୀତି ଆରମ୍ଭ ହୋଇଥିଲା। ଭିତରଶୋଧ କରାଯାଇ ମଙ୍ଗଳ ଆଳତି କରାଯାଇ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ତେବେ ଭକ୍ତମାନେ ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିବା ସମୟରେ ହଠାତ୍ ସେଠାରେ ବାନ୍ତି ପଡିଥିବା ଦେଖିବାକୁ ମିଳିଥିଲା। ଦର୍ଶନ ସମୟରେ କେହି ଜଣେ ଶ୍ରଦ୍ଧାଳୁ ବାନ୍ତି କରିଦେଇଥିବା ଅନୁମାନ କରାଯାଉଛି। ବାନ୍ତି ପଡିଥିବା ଦେଖିବା ପରେ ସଙ୍ଗେ ସଙ୍ଗେ ସମସ୍ତ ନୀତି ବନ୍ଦ କରାଯାଇଥିଲା। ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୁଆ ହୋଇ ଚୂନପାଣି ପଡ଼ିଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇ ଥିଲା।

### ପଇତା ଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୧୯।୧୧- ମାର୍ଗଶୀର ମାସ କୃଷ୍ଣପକ୍ଷ ଦଶମୀ ତିଥି ଶନିବାରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ପଇତା ଲାଗି ନୀତି ଅନ୍ୟତମ। ଶ୍ରୀବିଗ୍ରହଙ୍କଠାରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନରୁ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ପଇତାଲାଗି କରାଯାଇଥିଲା। ଏହା ଗୁପ୍ତନୀତି ହୋଇଥିବାରୁ ଅପରାହ୍ନ ୫ଟାରୁ ରାତି ୯ଟା ଯାଏଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ପଇତା ଲାଗି ନୀତି ଆରମ୍ଭ ହୋଇଥିଲା। ଏହା ଗୁପ୍ତନୀତି ହୋଇଥିବାରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିଥିଲେ। ରାତ୍ର ୧୦.୦୨ରେ ଦଇତାପତି ସେବକମାନେ ନୀତି ସମ୍ପାଦନ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ।



ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ଅବସରରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଡିସେମ୍ବର ୧ରୁ କୋଣାର୍କ ଉତ୍ସବ

କୋଣାର୍କ,୧୯।୧୧(ଡି.ଏନ୍.ଏ.)

- ଚନ୍ଦ୍ରଭାଗାରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ
- ପୁରୀ, କଟକ, ଭୁବନେଶ୍ୱରରେ ଲାଇଭ୍ ଟେଲିକାଷ୍ଟ ପାଇଁ ଆଲୋଚନା

ଡିସେମ୍ବର ୧ତାରିଖରୁ କୋଣାର୍କରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ୩୩ତମ କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆରମ୍ଭ ହେବ। ଏ ନେଇ କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚୀନ ରାମଚନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଚଳିତବର୍ଷ କୋଣାର୍କ ଉତ୍ସବକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଚନ୍ଦ୍ରଭାଗାରେ ୨୦୧୫ଠାରୁ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ମଧ ଏଥର ନିଆରା ଢଙ୍ଗରେ ଆୟୋଜନ କରାଯିବା ସହ ବିଦେଶୀ ଓ ଦେଶୀୟ ବାଲୁକା ଶିଳ୍ପୀମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ମହୋତ୍ସବର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବୈଠକରେ ଯୋଗଦେଇ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୋଣାର୍କ, ପୁରୀ, ଭୁବନେଶ୍ୱର ଓ କଟକ ଆଦି ସ୍ଥାନରେ ଜନସାଧାରଣ କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବର ଲାଇଭ୍ ଟେଲିକାଷ୍ଟ ଦେଖିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଲ୍ଇଡି ଲଗାଇବା ଉପରେ ଆଲୋଚନା ହୋଇଥିଲା। ସେହିପରି ୨ଟି ଉତ୍ସବର ବିଭିନ୍ନ ସ୍ଥାନରେ ୪ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ ଓ ଟାଟା ପାୱାର କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେଭଳି ଭାବେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ବିଭାଗୀୟ ଅଧିକାରୀଙ୍କୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚୀନ ରାମଚନ୍ଦ୍ର ଯାଦବ ନିର୍ଦ୍ଦେଶ ଦେଇଥିଲେ। ଭାରତ ପର୍ଯ୍ୟଟନର ସହନିର୍ଦ୍ଦେଶକ ରଶ୍ମି ସୋନିଆ ତର୍କି, ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଡିଏସ୍ପି ଦେବାଶିଷ ମିଶ୍ର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ମିଶ୍ର, ଭାରତ ପର୍ଯ୍ୟଟନର ସୂଚନା ଅଧିକାରୀ ଜଗନ୍ନାଥ ବେହେରା, କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ଓ କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କୋଣାର୍କ ଉତ୍ସବ ୫ତାରିଖରେ ଉଦ୍‌ଯାପିତ ହେବ।

## ପରକୀୟା ପ୍ରୀତି ନେଇ ସ୍ତ୍ରୀଙ୍କୁ ନିର୍ଯାତନା

ନିମାପଡ଼ା,୧୯।୧୧(ଡି.ଏନ୍.ଏ.)

ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ସ୍ତ୍ରୀ ବିରୋଧ କରିବାରୁ ଦୀର୍ଘଦିନ ହେବ ତାଙ୍କୁ ନିର୍ଯାତନା ସହିବାକୁ ପଡୁଛି। ଏନେଇ ମହିଳାଙ୍କ ମା' ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଆକ୍ରମଣକାରୀ ସ୍ୱାମୀ, ଶାଶୁ, ଶ୍ୱଶୁର ପ୍ରମୁଖଙ୍କ ବିରୋଧରେ ଦଫା ୪୯୮(କ), ୩୪୧, ୨୯୪, ୩୨୩, ୩୫୪, ୫୦୬, ୩୪ ମାମଲା (ନଂ. ୩୭୬/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ପାଟଣା ଗ୍ରାମର ବିଶ୍ୱନାଥ ସାହୁଙ୍କୁ ବାଲିପାଟଣା ଅନ୍ତର୍ଗତ ବନମାଳୀପୁର ଗ୍ରାମର ଭାରତୀ ସାହୁ ବିବାହ କରିଥିଲେ। ବିବାହର କିଛିମାସ ପରେ ଶାଶୁଘର ଲୋକେ ଭାରତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପରେ ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ମଧ ଭାରତୀଙ୍କୁ ମାଡ ଖାଇବାକୁ ପଡୁଥିଲା। ଭାରତୀଙ୍କ ମା', ବାପା ବୁଝାଶୁଝା ପାଇଁ ଗୁରୁବାର ତାଙ୍କ ଶାଶୁ ଘରକୁ ଆସିଥିଲେ। ଏଥିରେ ବିଶ୍ୱନାଥ କ୍ରୋଧାନ୍ୱିତ ହୋଇ ତାଙ୍କ ଶାଶୁ ବାସନ୍ତୀ ସାହୁ ଏବଂ ଶ୍ୱଶୁର କ୍ଷେତ୍ରମୋହନ ସାହୁଙ୍କୁ ସଂଘବଦ୍ଧ ହୋଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ନିର୍ଯାତନା ଓ ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ସମୁଦ୍ରରୁ ପର୍ଯ୍ୟଟକ ଉଦ୍ଧାର

ପୁରୀ ଅଫିସ,୧୯।୧୧

ସମୁଦ୍ରରେ ଗାଧୋଉଥିବା ସମୟରେ ଭାସିଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ଅଗ୍ନିଶ୍ରମ ବିଭାଗ ଓ ଲାଇଫ୍ ଗାର୍ଡ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଛନ୍ତି। ଉଦ୍ଧାର ହୋଇଥିବା ବ୍ୟକ୍ତି ହେଉଛନ୍ତି ପଶ୍ଚିମବଙ୍ଗ ୨୪ ପ୍ରାଙ୍ଗଣା ନର୍ଥର ସୁବ୍ରତ ଦାସଗୁପ୍ତା (୫୮)। ସୁବ୍ରତ ପୁରୀ ବୁଲିବାକୁ ଆସି ଶନିବାର ସମୁଦ୍ରରେ ଗାଧୋଉଥିଲେ। ହଠାତ୍ ଏକ ବଡ ଲହଡି ଆସିବାରୁ ସେ ସମୁଦ୍ର ମଧ୍ୟକୁ ଭାସି ଯାଇଥିଲେ। ତେବେ ପାଟି ଶୁଣି ସେଠାରେ ଥିବା ଲାଇଫଗାର୍ଡ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ।

## କୃଷ୍ଣପ୍ରସାଦରେ ଘରକୁ ପାଇପ୍ ପାଣି ଯୋଜନା ଆରମ୍ଭ

ପୁରୀ ଅଫିସ,୧୯।୧୧

ଜଳ ଜୀବନ ମିଶନ ଅଧୀନରେ ସବୁ ଘରକୁ ପାଇପ ପାଣି ଯୋଜନା କୃଷ୍ଣପ୍ରସାଦ ବ୍ଲକରେ ଆରମ୍ଭ ହୋଇଛି। ସରକାରଙ୍କ ଏହି ଯୋଜନାରେ ପ୍ରତି ଗ୍ରାମରେ ଗ୍ରାମ ଜଳ ଓ ପରିମଳ କମିଟି ଗଠନ କରାଯାଇଛି। ଏହାସହ ଗୋପୀନାଥ ଯୁବକ ସଂଘ, ସେଣ୍ଟର ଫର୍ ଏନଭରମେଣ୍ଟ ଓ ଡେଭଲପମେଣ୍ଟ ଏବଂ ଆର୍‌ଡବ୍ଲୁଏସ୍ଏସ୍‌ର ମିଳିତ ସହଯୋଗରେ କୃଷ୍ଣପ୍ରସାଦ ବ୍ଲକର ଚାରିଛକରେ ଗ୍ରାମ ଜଳ ପରିମଳ କମିଟିରେ ବ୍ୟାଙ୍କ ଜମା ଖାତା ଖୋଲିବା ଶିବିର ଅନୁଷ୍ଠିତ ହୋଇଯାଇଛି। ବଜ୍ରକୋଟ, କୃଷ୍ଣପ୍ରସାଦ, ଶିଆଳ, ଅଲଣ୍ଡା, ତିତିପ, ନୂଆପଡା, ବଡଖାଡ, ମାଲୁଦ, ବୁଧବର, ବଡଅଁଳ, ସିଆଣ୍ଡି, ରାମଲେଙ୍କା ଆଦି ପଞ୍ଚାୟତର ୩୮ଟି ଗ୍ରାମର ଜଳ ପରିମଳ କମିଟିରେ କର୍ମକର୍ତ୍ତା ଉପସ୍ଥିତ ରହି ବ୍ୟାଙ୍କ ଜମାଖାତା ଖୋଲିଥିଲେ। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦର ନେତା ବିଜୟ ତରେଇ ଯୋଗଦେଇଥିଲେ। କୃଷ୍ଣପ୍ରସାଦର ବ୍ୟାଙ୍କ ମିତ୍ର ରୁବି ବାଳା ଦାଶ ବ୍ୟାଙ୍କ ଖାତା ଖୋଲିବାର ସହାୟତା କରିଥିଲେ। ପୁରୀ ନିମାପଡା ସେଣ୍ଟ୍ରାଲ କୋ-ଅପରେଟିଭର ବ୍ୟାଙ୍କର ପରିଚାଳକ କାଳୀପ୍ରସାଦ ସାମନ୍ତରାୟଙ୍କ ଉପସ୍ଥିତିରେ ପ୍ରକଳ୍ପ ନୋଡାଲ ଏଜେନ୍ସିର ମୁଖ୍ୟ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଦାଶ, ନଳିତା କୁଦି, ଅଦଲାବାଦ, ନୂଆଗାଁ, ସିଆଳ, ଗିଳିନାଶି, ଫତେପୁର, କୁମ୍ଭରୀ, କହ୍ନେଇପୁର ଆଦି ଗ୍ରାମର ଜଳ ପରିମଳ କମିଟିଙ୍କୁ ବ୍ୟାଙ୍କ ପାସ୍‌ବୁକ ପ୍ରଦାନ କରାଯାଇଥିଲା। କୃଷ୍ଣପ୍ରସାଦ ସଂଯୋଜକ ହେମନ୍ତ ଜେନାଙ୍କ ସଂଯୋଜନାରେ ଶିବିରରେ ପୂର୍ଣ୍ଣିମା ଦଳେଇ, ରିଙ୍କି ଜେନା, ପ୍ରଣତି ଜେନା ଥିଲେ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା

ପିପିଲି,୧୯।୧୧(ଡି.ଏନ୍.ଏ.)

ବର୍ତ୍ତମାନ ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ପ୍ରଦୂଷଣ ସାରା ବିଶ୍ୱ ପାଇଁ ଏକ ଆତଙ୍କ ଭାବେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ପିପିଲି ଅଞ୍ଚଳରେ ଥିବା ଜାଭିୟର ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ବାୟୁ, ଜଳ, ମୃତ୍ତିକା ପ୍ରଦୂଷଣ କିପରି ରୋକାଯାଇପାରିବ, ଏହି ସବୁର ନମୁନା ସହ ଏହାର ସରଳ ସମାଧାନର ମଡେଲଗୁଡିକ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଉନ୍ନତଧରଣର ମନୋଭାବକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଅଧକ୍ଷା ସୀମିତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷକ ବିକାଶ ଅଗ୍ରୱାଲ, ସମ୍ପୂର୍ଣ୍ଣ ସ୍ୱାଇଁ ଏବଂ ଘନଶ୍ୟାମ ମିଶ୍ର ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହ ମାନ ନିରୂପଣ କରିଥିଲେ। ଏହି ମେଳାରେ ମୋଟ ୧୩୪ଟି ପ୍ରକଳ୍ପ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ସଫଳ ପ୍ରତିଯୋଗୀମାନଙ୍କୁ ଆସନ୍ତା ବାର୍ଷିକୀ ଉତ୍ସବରେ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯିବ ବୋଲି ବିଦ୍ୟାଳୟର ସମ୍ପାଦକ ଅଜୟ ମିଶ୍ର ସୂଚନା ଦେଇଛନ୍ତି।

# ଭୁବନେଶ୍ୱରକୁ ହରାଇ ପଟିଆ ଦଳ ଚାମ୍ପିୟନ

ବଳଙ୍ଗା,୧୯।୧୧(ଡି.ଏନ୍.ଏ.)

### ଆନ୍ତଃ ମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ




କବାଡି ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ମଞ୍ଚାସୀନ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଯୋଜିତ ଆନ୍ତଃ ମହାବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା-୨୦୨୨ର ଫାଇନାଲ ପ୍ରତିଯୋଗିତା ଶନିବାର ବଳଙ୍ଗା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୋନ ସ୍ତରରୁ ଉନ୍ନୀତ ହୋଇଥିବା ପିପିଲି ମହାବିଦ୍ୟାଳୟ ସହ ଆଇଏମ୍‌ଡି ମହାବିଦ୍ୟାଳୟ ପଟିଆ ଏବଂ ଭୁବନେଶ୍ୱର ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ସହ ଏଲ୍ଏନ୍ ମହାବିଦ୍ୟାଳୟ ଜଗତପୁର ସହ ସେମିଫାଇନାଲ ଖେଳ ହୋଇଥିଲା। ସେମିଫାଇନାଲର ଗୋଟିଏ ଗ୍ରୁପ୍‌ରୁ ଆଇଏମ୍‌ଡି ମହାବିଦ୍ୟାଳୟ ପଟିଆ ଓ ଅନ୍ୟ ଗ୍ରୁପ୍‌ରେ ଭୁବନେଶ୍ୱର ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଜିତି ଫାଇନାଲକୁ ପ୍ରବେଶ କରିଥିଲେ। ପରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଆଇଏମ୍‌ଡି ମହାବିଦ୍ୟାଳୟ ପଟିଆ ଦଳ ଭୁବନେଶ୍ୱର ଦଳକୁ ହରାଇ ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ରାଜକିଶୋର ରଥ, ମୁଖ୍ୟବକ୍ତା ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓଡ଼ିଶାର ଯୋଗାଣ ନିରୀକ୍ଷିକା ଶୁଭାଙ୍ଗୀ ରାୟ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ତଥା ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଭାତ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜକ ରୂପେ ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର ଓ ନୀଳକଣ୍ଠ ମିଶ୍ର ପ୍ରତିଯୋଗିତାର ପରିଚାଳନା କରିଥିଲେ। ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଆଇଏମ୍‌ଡି ମହାବିଦ୍ୟାଳୟ ପଟିଆ ଦଳ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗନେବେ।

# ରାଜ୍ୟ ସରକାରଙ୍କ ଶିକ୍ଷକମାରଣ ନୀତିକୁ ଶିକ୍ଷକ ସଂଘର ବିରୋଧ

ନିମାପଡ଼ା/ପିପିଲି/ସାକ୍ଷୀଗୋପାଳ/ଗୋପ,୧୯।୧୧(ଡି.ଏନ୍.ଏ.)




ବିଭିନ୍ନ ଦାବି ନେଇ ପୁରୀ ଶିକ୍ଷାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପ୍ରାଥମିକ ଶିକ୍ଷକ ସଂଘର ଧାରଣା।

ରାଜ୍ୟ ସରକାରଙ୍କ ଶିକ୍ଷକମାରଣ ନୀତି ବିରୋଧରେ ଶନିବାର ନିମାପଡ଼ା ବିଇଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ ଦଫା ଦାବି ନେଇ ପ୍ରାୟ ୩ଶହ ଶିକ୍ଷୟତ୍ରୀ ଶିକ୍ଷକ ଯୋଗଦେଇ ଏହି ଘେରାଉ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ବିଇଓଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଠିକା ନିଯୁକ୍ତି ଉଚ୍ଛେଦ, ୬ ବର୍ଷର ଇନ୍‌କ୍ରିମେଣ୍ଟ ଓ କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ ଆଦି ଦାବି ରଖିଥିଲେ। ମହାସଂଘର ରାଜ୍ୟ ଉପଦେଷ୍ଟା ମହେନ୍ଦ୍ର ମିଶ୍ର, ଓଡ଼ିଶା ପ୍ରାଇମେରି ଟିଚର୍ସ ଆସୋସିଏଶନ ବ୍ଲକ ସଭାପତି ସୁକାନ୍ତ ସ୍ୱାଇଁ, ସମ୍ପାଦକ ନିହାଲ ଅବତାର, ପ୍ରାଇମେରୀ ସ୍କୁଲ ଟିଚର୍ସ ଆସୋସିଏଶନ୍ ବ୍ଲକ ସଭାପତି ଚିତ୍ତରଞ୍ଜନ ଲେଙ୍କା, ସମ୍ପାଦକ ଅମୀୟ ସ୍ୱାଇଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆଗାମୀ ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ, ଆସନ୍ତା ୨୭ ତାରିଖରେ ୩୧୪ ବ୍ଲକର ୧ ଲକ୍ଷ ୨୦ ହଜାର ପ୍ରାଥମିକ ଶିକ୍ଷୟତ୍ରୀ ଶିକ୍ଷକ ଲୋୟର ପିଏମ୍‌ଜିଠାରେ ଗଣଧାରଣା ଦେବେ। ଏଥିରେ ଯେଉଁ ପରିସ୍ଥିତି ଉପୁଜିବ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାସଂଘ ଚେତାବନୀ ଦେଇଛି। ସେହିପରି ପିପିଲି ବିଇଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଂଘର ସଭାପତି ଜୟପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ପୁରୀ ଜିଲାର ୨୧୮ଟି ସ୍କୁଲର ୪ଶହରୁ ଊର୍ଦ୍ଧ୍ୱ ଶିକ୍ଷୟତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ବିଇଓ ରବୀନ୍ଦ୍ରନାଥ ନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରାଥମିକ ଶିକ୍ଷକଙ୍କ ଏହି ଦାବିପତ୍ରକୁ ଆମେ ଯଥାଶୀଘ୍ର ସରକାରଙ୍କ ଅବଗତ ନିମନ୍ତେ ପଠାଇ ଦେବୁ ବୋଲି ବିଇଓ ନନ୍ଦ କହିଥିଲେ। ପୁରୀ ଜିଲା ଶିକ୍ଷକ ସଂଘର ଉପସଭାପତି ବିଜୟ ମାଝୀ, ପିପିଲି ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ଲକ୍ଷ୍ମୀଧର ସାହୁ, ସଂଘର ବରିଷ୍ଠ ସଦସ୍ୟ ଚିନ୍ତାମଣୀ ଓଝା, ସଂଘର ଉପସଭାପତି ଦୁଷ୍ମନ୍ତ ବଳିୟାରସିଂ, ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ, କୋଷାଧକ୍ଷ ରଶ୍ମୀ ରଞ୍ଜନ ସେଠୀ ସାମିଲ ହୋଇଥିଲେ।

### ବିଇଓ କାର୍ଯ୍ୟାଳୟ ଘେରାଉ

ସେହିପରି ସତ୍ୟବାଦୀ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ସଂଘ ପକ୍ଷରୁ ବଡ଼ହାଟ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରୁ ଶିକ୍ଷୟତ୍ରୀ ଶିକ୍ଷକମାନେ ଶୋଭାଯାତ୍ରାରେ ବାହାରି ବିଇଓଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସଭାପତି ଅଜୟ ପ୍ରଧାନଙ୍କ ସଭାପତିତ୍ୱରେ ସମ୍ପାଦକ ସୁମନ୍ତ ପାଳ, ଉପଦେଷ୍ଟା ସୁନୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପ ସଭାନେତ୍ରୀ ସୁଜାତା ଦେବୀ ଏବଂ ଶିକ୍ଷକ ମାନସ ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୋପ ବିଇଓଙ୍କ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ସଭାପତି ପ୍ରଦୀପ ପାତ୍ର, ସମ୍ପାଦକ ସେକ୍ ମକସୁଦ୍ ହୁସେନ୍, ଓପିଟିଏର ସଭାପତି ଅନନ୍ତ ଚରଣ ପାଢ଼ୀ, ଦୀପକ ସେନାପତି ଏହାର ନେତୃତ୍ୱ ନେଇଥିଲେ।

## କାର୍ତ୍ତିକେଶ୍ୱର ଭସାଣି

ଟାଙ୍ଗୀ(କଟକ),(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତ କଣି ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୧ଟି ମେଢ ପଟୁଆର ସହିତ ଜାଡୁଆ ପୀଠକୁ ଯାତ୍ରା କରିଥିଲେ। ପରେ କମିଟିର ସମୟ ନିର୍ଘଣ୍ଟ ଅନୁଯାୟୀ ବିସର୍ଜନ ଅଭିମୁଖେ ବାହାରିଥିଲେ। ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଟାଙ୍ଗୀ ପୋଲିସ ଓ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ପରାମର୍ଶ

**ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟ ଅନୁଧ୍ୟାନ କଲେ ସିଡିଏ ଅଧ୍ୟକ୍ଷ**

କଟକ ଅଫିସ,୧୯।୧୧: କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ଶନିବାର ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଓବିସିସିର ମୁଖ୍ୟଯନ୍ତ୍ରୀ, ମୁଖ୍ୟ ପରିଚାଳକ, ଟାଟା ପାୱାର କମ୍ପାନୀର ଯନ୍ତ୍ରୀ ଓ ପିଡବ୍ଲ୍ୟୁଡିର ଇଞ୍ଜିନିୟର ଉକ୍ତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସାମଲଙ୍କୁ ଅବଗତ କରାଇଥିଲେ। ପ୍ରାୟ ୮୦ ଭାଗ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ସାମଲ ସେମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟ ସ୍ଥଳରେ ଥିବା ହାଇ ଭୋଲଟେଜ୍ ବିଦ୍ୟୁତ୍ ଲାଇନ୍ ସ୍ଥାନାନ୍ତର ସହ ଲ୍ୟାଣ୍ଡସ୍କେପ୍ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହେବ ବୋଲି ସାମଲ କହିଛନ୍ତି। ସମସ୍ତ କାର୍ଯ୍ୟ ଶେଷ ହୋଇ ୨୦୨୩ ମାର୍ଚ୍ଚ ସୁଦ୍ଧା ନୂତନ ବସ୍ ଟର୍ମିନାଲକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ବିଦେଶରୁ ଫେରିଲା ଯୁବକଙ୍କ ମୃତଦେହ

ନିଶ୍ଚିନ୍ତକୋଇଲି,୧୯।୧୧(ସ୍ୱ.ପ୍ର): ପରିବାର ପ୍ରତିପୋଷଣ ଓ ଚାକିରି କରିବା ଉଦ୍ଦେଶ୍ୟରେ ଦୁବାଇ ଯାଇଥିବା ଯୁବକଙ୍କ ମୃତଦେହ ଗାଁ ମାଟିକୁ ଫେରିଛି। ଶନିବାର ତାଙ୍କର ମୃତଦେହ ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଛି। ଏଭଳି ଏକ ଦୁଃଖଦାୟକ ଘଟଣା ଘଟିଛି ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ବରପଡ଼ା ଗ୍ରାମରେ। ଏହି ଗ୍ରାମର ମାଧବାନନ୍ଦ ବେହେରାଙ୍କ ଜ୍ୟେଷ୍ଠପୁତ୍ର ନାରାୟଣ ବେହେରା(୩୦) ପ୍ରାୟ ୧ମାସ ତଳେ ଦୁବାଇ ଯାଇଥିଲେ। ସେଠାରେ ମାତ୍ର ୧୦ରୁ ୧୫ ଦିନ କାର୍ଯ୍ୟ କରିବା ପରେ ମାନସିକ ସ୍ତରରେ ଆଘାତ ପାଇ ଗତ ୩ ତାରିଖ ଦିନ ଆତ୍ମହତ୍ୟା କରିଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଫଳରେ ନାରାୟଣଙ୍କ ଶବ ପୈତୃକ ଗ୍ରାମକୁ ଅଣାଯାଇଛି। ତାଙ୍କର ମୃତ୍ୟୁରେ ସରପଞ୍ଚ ରମାକାନ୍ତ ମହାନ୍ତି, ସମିତି ସଭ୍ୟ ଭବାନୀ ଶଙ୍କର ବେହେରା, ଯୁବନେତା କ୍ଷୀରୋଦ ଦାସ, କ୍ଷୀରୋଦ ପରିଡା ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଶିଶିର ହେଲେ କଟକ ସାମ୍ବାଦିକ ସଂଘ ସମ୍ପାଦକ

ସାଲେପୁର,୧୯।୧୧(ଡି.ଏନ୍.ଏ.): ସାଲେପୁର ଅଞ୍ଚଳର ଯୁବ ଖବରଦାତା ଶିଶିର କୁମାର ଦାଶ ରାଜ୍ୟ ସାମ୍ବାଦିକ ସଂଘ ଦ୍ୱାରା ଅନୁବନ୍ଧିତ କଟକ ଜିଲା ସାମ୍ବାଦିକ ସଂଘର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସଂଘର ସାଧାରଣ ପରିଷଦ ବୈଠକରେ ରାଜ୍ୟ ଖବରଦାତା ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ ତାଙ୍କୁ ମନୋନୀତ କରିଛନ୍ତି।

### ଅଭିଯୋଗର ତଦନ୍ତ କଲେ ଆଞ୍ଚଳିକ ନିର୍ଦ୍ଦେଶିକା

କଟକ ସଦର ୧୯।୧୧(ଡି.ଏନ.ଏ): ବିଭିନ୍ନ ଅଭିଯୋଗର ତଦନ୍ତ ପାଇଁ ଶନିବାର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶିକା ସବିତା ହରିଚନ୍ଦନ କନ୍ଦରପୁର କଲେଜରେ ପହଞ୍ଚିଛନ୍ତି। କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଜଣେ ଅଜଣା ବ୍ୟକ୍ତି କରିଥିବା ଅଭିଯୋଗର କାଗଜ ପତ୍ର ଯାଞ୍ଚ କରିଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ଚିଠିର ଅବିକଳ ନକଲକୁ ମୂଳ ଫାଇଲ ସହ ମିଳାଇଥିଲେ। କିନ୍ତୁ ଅଭିଯୋଗକାରୀ ତଦନ୍ତରେ ସହଯୋଗ କରୁ ନଥିବାରୁ ଦୋଷ ପ୍ରମାଣିତ ହୋଇପାରୁନାହିଁ। ସରକାରୀ ଅନୁଦାନରେ କଲେଜର ବିଭିନ୍ନ ଉନ୍ନୟନମୂଳକ କାମ କାହାଦ୍ୱାରା କରାଯାଉଛି ବୋଲି ନିର୍ଦ୍ଦେଶିକା ହରିଚନ୍ଦନ ଜାଣିବାକୁ ଚାହିଁଥିଲେ। ନିର୍ମାଣ କାମ ପାଇଁ ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପାଣ୍ଠି ହସ୍ତାନ୍ତର କରାଯାଇଛି ବୋଲି କଲେଜ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାପାତ୍ର ସୂଚନା ଦେଇଥିଲେ। ଏହାଛଡ଼ା କଲେଜର ବିଭିନ୍ନ ବିଷୟରେ ଜାଣିବା ପାଇଁ ଆଞ୍ଚଳିକ ନିର୍ଦ୍ଦେଶିକା ଏକାନ୍ତରେ କର୍ମଚାରୀମାନଙ୍କ ମତାମତ ଲୋଡିଥିଲେ। କଲେଜକୁ ବଦନାମ କରିବା ପାଇଁ କିଛି ଅଜଣା ବ୍ୟକ୍ତି ଉଦ୍ୟମ କରୁଛନ୍ତି। ତେଣୁ ସତ୍ୟ ବାହାର କରିବା ପାଇଁ ସେମାନେ ନ ଲୁଚି ଆଗେଇ ଆସିବାକୁ କନ୍ଦରପୁର ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସମିତି ସଭ୍ୟ ଭିକାରୀ ଚରଣ ବେହେରା ଦାବି କରିଛନ୍ତି। ଯଦି ଅଭିଯୋଗଗୁଡ଼ିକ ଅଜଣା ବ୍ୟକ୍ତିଙ୍କ ଦସ୍ତଖତରେ କରାଯାଉଛି ଏହାର ତଦନ୍ତ ମଧ୍ୟ ପୋଲିସ ପ୍ରଶାସନ କରିବା ଦରକାର ବୋଲି ବେହେରା ଗୁରୁତ୍ୱାରୋପ କରିଛନ୍ତି।

# ଶିଶୁ ନିର୍ଯାତନା ରୋକିବାରେ ସହାୟକ ହେବ 'ପ୍ରାରମ୍ଭ'

କଟକ ଅଫିସ,୧୯।୧୧



ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଯୌନ ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷା ସମ୍ପର୍କିତ କର୍ମଶାଳା**

ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ନିମନ୍ତେ ୨୦୧୨ର ପୋକ୍‌ସୋ ଆଇନ ପ୍ରଚଳନ କରିବା ନେଇ ଏକ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ କମିଟି, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫ୍‌ର ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ କମିଟି ଅଧ୍ୟକ୍ଷ ତଥା ବିଚାରପତି ଦେବବ୍ରତ ଦାଶ ଆଇନ ଲାଗୁ କରିବା ପାଇଁ ନିରନ୍ତର ପ୍ରକ୍ରିୟା ଆବଶ୍ୟକ ବୋଲି କହିଥିଲେ। ସେହିପରି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଶୁଭା ଶର୍ମା କହିଥିଲେ, ଗତ ଏକ ଦଶନ୍ଧି ଧରି ପୋକ୍‌ସୋ ମେକାନିଜିମ୍‌କୁ ବଳିଷ୍ଠ କରିବା ଦିଗରେ ଓଡ଼ିଶା ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଶିଶୁଙ୍କ ସୁରକ୍ଷା, ବଞ୍ଚିବା, ସ୍ୱାସ୍ଥ୍ୟ, ଶିକ୍ଷା ଅଧିକାର ଓ ବିକାଶକୁ ସୁନିଶ୍ଚିନ୍ତ କରିବାକୁ ସରକାର ରାଜ୍ୟ ଶିଶୁ ନୀତି 'ପ୍ରାରମ୍ଭ' ପ୍ରଣୟନ କରିଛନ୍ତି, ଯାହା ଶିଶୁ ନିର୍ଯାତନାକୁ ରୋକିବାରେ ସହାୟକ ହେବ। ୟୁନିସେଫ୍‌ର କ୍ଷେତ୍ର ଅଧିକାରୀ ସୁଗତ ରୟ କହିଲେ, ରାଜ୍ୟ ସରକାର ଶିଶୁମାନଙ୍କ ସହାୟତା ନିମନ୍ତେ ପୋଲିସ ଥାନାରେ ବହୁବିଧ ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ କମିଟି ସଦସ୍ୟ ତଥା ବିଚାରପତି ସାବିତ୍ରୀ ରଥ କୃତଜ୍ଞତା ଜ୍ଞାପନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପୋକ୍ସୋ ଆଇନ ଦ୍ୱାରା ଉପକୃତ ହୋଇଥିବା ଶିଶୁଙ୍କ ଥଇଥାନ, ପୋକ୍‌ସୋ କୋର୍ଟରେ ଶୁଣାଣି, ପୀଡ଼ିତ ଶିଶୁଙ୍କୁ ସଚେତନ କରାଯିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ନିୟମ ଆଧାରରେ ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ନିମନ୍ତେ ସଚେତନଧର୍ମୀ କାର୍ଯ୍ୟକ୍ରମ, ପୀଡ଼ିତ ଶିଶୁଙ୍କୁ ସହାୟତା ପ୍ରଦାନ ଆଦିର ଗୁରୁତ୍ୱ ରହିଥିବା ବକ୍ତାମାନେ କହିଥିଲେ। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ବିଚାରପତି ସାହୁ ମଧ୍ୟ ନିୟମ ପ୍ରଣୟନ କ୍ଷେତ୍ରରେ ଅପେକ୍ଷାକୃତ ଭଲ ଫଳ ମିଳିବା ପାଇଁ କେତେକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିରେ ମୁମ୍ବାଇର ପ୍ରେରଣା ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରୀତି ପାଟକର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ୍ କୁମାରୀ, ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର ଉପସ୍ଥିତ ଥିଲେ। ବିଚାରପତି ମୁରାହରି ଶ୍ରୀ ରମଣ ଧନ୍ୟବାଦ ଦେଇଥିଲେ।

# 'ଆଧ୍ୟାତ୍ମିକତାରେ ସୃଷ୍ଟି ହେବ ସକାରାତ୍ମକ ବିଚାର'


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ, ୧୯।୧୧

ବ୍ରହ୍ମାକୁମାରୀର ଗଣମାଧ୍ୟମ ପ୍ରଭାଗ ପକ୍ଷରୁ 'ସମୃଦ୍ଧ ଭାରତ ଗଠନ ପାଇଁ ସମାଧାନ ଆଧାରିତ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ଶନିବାର କଟକ ଝାଞ୍ଜିରିମଙ୍ଗଳାସ୍ଥିତ ପ୍ରଭୁସମର୍ପଣ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସ୍ଥାର ମିଡିଆ ପ୍ରଭାଗ ରାଷ୍ଟ୍ରୀୟ ସଂଯୋଜକ ବ୍ରହ୍ମାକୁମାରୀ ସୁଶାନ୍ତ ଭାଇ କହିଥିଲେ, ଆଧ୍ୟାତ୍ମିକତା ଦ୍ୱାରା ପତ୍ରକାରିତାରେ ସକାରାତ୍ମକ ବିଚାରଧାରା ସୃଷ୍ଟି ହୋଇପାରିବ। ସେହିପରି ଦିଲ୍ଲୀ ଦୂରଦର୍ଶନ କେନ୍ଦ୍ରର ଉପଦେଷ୍ଟା ସମ୍ପାଦକ ମନିଶ୍ ବାଜ୍‌ପେୟୀ କହିଥିଲେ, କର୍ତ୍ତବ୍ୟ, ଧର୍ମ ଏବଂ ଯୋଗ ସମ୍ମିଳିତ କରି କର୍ମ କଲେ ମାନବ ବାସ୍ତବ ସୁଖଶାନ୍ତି ପାଇବା ସହିତ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ଏଥିରେ ସାମ୍ବାଦିକ ଅରୁଣ ପଣ୍ଡା ଯୋଗଦେଇ ଖବରଦାତାମାନେ ସମାଜ ସଂସ୍କାରକ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଅନ୍ୟତମ ପ୍ରବକ୍ତା ବ୍ରହ୍ମାକୁମାରୀ ସୁଲୋଚନା, ବ୍ରହ୍ମାକୁମାରୀ ପୁନମ୍, ବ୍ରହ୍ମାକୁମାରୀ ଗୀତାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ନଥମଲ ମଞ୍ଚ ପରିଚାଳନା କରିଥିବାବେଳେ ବ୍ରହ୍ମାକୁମାରୀ ଅମୂଲ୍ୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଉନ୍ନତ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

**ସହରାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟଶୈଳୀ ସମ୍ପର୍କିତ ସମୀକ୍ଷା ବୈଠକ**

କଟକ ଅଫିସ,୧୯।୧୧

କଟକ ମହାନଗର ନିଗମ(ସିଏମ୍‌ସି) ସମ୍ମିଳନୀ କକ୍ଷରେ ସହରରେ ଥିବା ୧୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟଶୈଳୀ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପରୋକ୍ତ କେନ୍ଦ୍ରଗୁଡ଼ିକର ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଓ ଅଧିକ୍ଷକ ଯୋଗଦେଇଥିଲେ। ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯିବା, ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର କାର୍ଯ୍ୟଶୈଳୀ ସମ୍ପର୍କରେ ତର୍ଜମା କରାଯାଇ ସାଧାରଣ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ ସେବାକୁ କାର୍ଯ୍ୟକ୍ଷମ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ରୋଗୀ ସେବାକୁ ଅଧିକ ଉନ୍ନତମାନର କରିବା ପାଇଁ ପରାମର୍ଶ ଦେଇଥିଲେ। ସହରରେ ଦେଖାଦେଇଥିବା ଡେଙ୍ଗୁ ରୋଗର ନିରାକରଣ ଓ ଟିକାକରଣ ଉପରେ ଅଧିକ ଗୁରୁତ୍ୱ ଦେବା ଲାଗି ଆଲୋଚନା ହୋଇଥିଲା। ଇନ୍‌ଡୋର ଚିକିତ୍ସା ସେବା ଓ ଭିତ୍ତିଭୂମି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଅଧିକ କର୍ମଚାରୀ ଯୋଗାଣ ସହ ଉନ୍ନତମାନର ଯନ୍ତ୍ରପାତି ସ୍ଥାପନ ପାଇଁ ମେଡିକାଲ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ସମେତ ପୂର୍ତ୍ତ ଓ ସିଏମ୍‌ସି ଇଞ୍ଜିନିୟର ଯୋଗଦେଇଥିଲେ।

# ଚୋରି ସାମଗ୍ରୀ ଜବତ, ୩ ଗିରଫ

ଚୌଦ୍ୱାର,୧୯।୧୧(ଡି.ଏନ୍.ଏ.)

ଚୌଦ୍ୱାର ଅଞ୍ଚଳର ବିଭିନ୍ନ ମନ୍ଦିର ଓ ଲୋକଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚୁଡାଖିଆ ମୁଣ୍ଡାସାହିର ମଣ୍ଟୁ ତାମୁଡିଆ, ରାଜୁ ତାମୁଡିଆ ଓ ଜଗନ୍ନାଥପଡା ହାଉସିଂବୋର୍ଡ କଲୋନୀର ପିତବାସ ସାହୁ। ଏହି ଘଟଣାରେ ସମ୍ପୃକ୍ତ ୪ ଜଣ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ସୁନା ଅଳଙ୍କାର, ମନ୍ଦିରରେ ବ୍ୟବହାର ହେଉଥିବା ବହୁ ପରିମାଣର ବାସନ ଓ ୯୩୯୦ ଟଙ୍କା ଜବତ କରାଯାଇଛି। ଚୌଦ୍ୱାର ମ୍ୟୁନିସପାଲ ହାଇସ୍କୁଲର ରାତ୍ର ଜଗୁଆଳି ଭାବେ କାମ କରୁଥିବା ତିଗିରିଆ ଥାନା ଗୋଡିବର ଗ୍ରାମର ବ୍ରହ୍ମାନନ୍ଦ ନାୟକ ପରିବାର ସହିତ ସ୍କୁଲ ପରିସରରେ ରହୁଥିଲେ। ଗତ ୧୩ ତାରିଖରେ ସେ ରହୁଥିବା ଘରେ ତାଲା ପକାଇ କଟକ ଯାଇଥିଲେ। ସେଠାରୁ ଫେରିବା ପରେ ଘର ଓ ଆଲମିରାର ତାଲା ଭଙ୍ଗାଯାଇ ସୁନାଅଳଙ୍କାର ସହିତ କିଛି ବାସନ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୫୧/୨୨) ରୁଜୁ କରିଥିଲା।

# ବିଇଓଙ୍କୁ ୩ ଦଫା ଦାବିପତ୍ର

ବାଙ୍କୀ/କଣ୍ଟାପଡ଼ା/ତିଗିରିଆ/ଆଠଗଡ଼/ମାହାଙ୍ଗା/ବଡ଼ମ୍ବା/ସାଲେପୁର, ୧୯।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘଙ୍କ ଆହ୍ୱାନ କ୍ରମେ ୩ ଦଫା ଦାବି ନେଇ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ଦାବିପତ୍ର ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ମୂଳ ନିଯୁକ୍ତିକୁ ଗଣନା କରି ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ ଆଦି ଅନ୍ତର୍ଭୁକ୍ତ। ଏନେଇ ଡମପଡ଼ା ସଂଘ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ନେତୃତ୍ୱରେ ଦାବିପତ୍ର ଦିଆଯାଇଥିଲା। ବାଙ୍କୀରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କର୍ଣ୍ଣରଞ୍ଜନ ସାହୁଙ୍କ ନେତୃତ୍ୱରେ ବାଙ୍କୀ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ସ୍ମାରକପତ୍ର ଦିଆଯାଇଛି। କଣ୍ଟାପଡାରେ ବିଇଓ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ପ୍ରମୋଦ କୁମାର ଭୋଇ, ଲକ୍ଷ୍ମୀଧର ଭୋଇ, ପତିତପାବନ ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ତିଗିରିଆରେ ଶାଖା ସଭାପତି ଚନ୍ଦ୍ରକାନ୍ତ ମିଶ୍ରଙ୍କ ନେତୃତ୍ୱରେ ବିଇଓ ପ୍ରିୟ ରଞ୍ଜନ ହୋତାଙ୍କୁ ଦାବିପତ୍ର ଦିଆଯାଇଛି। ଆଠଗଡରରେ ଚାରୁଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏବିଇଓ ନବ କିଶୋର ସାହୁ ସ୍ମାରକ ପତ୍ର ଦିଆଯାଇଛି। ବଡ଼ମ୍ବାରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତିପ୍ରକାଶ ନାଥଙ୍କ ନେତୃତ୍ୱରେ କୁଆଁପାଳସ୍ଥିତ ବଣୁଆ ମହାପୁରୁଷ ପୀଠସ୍ଥଳୀରୁ ବାହାରି ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମଣ୍ଡଳ ଶିକ୍ଷା ଅଧିକାରୀ ଚକ୍ରଧର ବେହେରାଙ୍କୁ ଦାବିପତ୍ର ଦିଆଯାଇଥିଲା। ବଡମ୍ବାରେ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ଓ ବଡମ୍ବା ମଣ୍ଡଳ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କୁ ଦାବିପତ୍ର ଦିଆଯାଇଛି। କଟଜିଲା ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ରମେଶ ଚନ୍ଦ୍ର ବେହେରା,ବରିଷ୍ଠ ଶିକ୍ଷକ ରଘୁନାଥ ସେଠି,ସୁରସୁନ୍ଦର ଶତପଥୀ,ମନମୋହନ ମତଗଜ ସିଂହ, ସରୋଜ କୁମାର ପଣ୍ଡା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସାଲେପୁରରେ ସଂଘର ସ୍ଥାୟୀ ସଭାପତି ଜାକି ଅମିନଙ୍କ ସଭାପତିତ୍ୱରେ ରୋଧପୁର ଶାରଳା ମଣ୍ଡପରେ ବୈଠକ କରାଯାଇ ବିଇଓଙ୍କୁ ଦାବିପତ୍ର ଦିଆଯାଇଥିଲା।

# ଠିକ୍ ଭାବେ କାର୍ଯ୍ୟର ତଦାରଖ କରନ୍ତୁ ଏସ୍‌ଆଇ

କଟକ ଅଫିସ,୧୯।୧୧

**ସ୍ୱାସ୍ଥ୍ୟ, ପରିମଳ ସମ୍ପର୍କିତ ସମୀକ୍ଷା ବୈଠକ**

**■ ତାଗିଦ୍ କଲେ କମିଶନର**

କଟକ ମହାନଗର ନିଗମ(ସିଏମ୍‌ସି) ବିଜୁ ଭବନ ସମ୍ମିଳନୀ କକ୍ଷରେ ଶନିବାର ସ୍ୱାସ୍ଥ୍ୟ ଓ ପରିମଳ କାର୍ଯ୍ୟକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଅଧ୍ୟକ୍ଷତା କରି ସ୍ୱଚ୍ଛ କଟକ ଓ ସୁସ୍ଥ କଟକ ଅଭିଯାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିସହ କଟକ ସହରକୁ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ କରିବା ପାଇଁ ସିଏମ୍‌ସି ପକ୍ଷରୁ ଚାଲିଥିବା ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିକଟରେ ଘରୋଇ କମ୍ପାନୀଗୁଡିକୁ ଦିଆଯାଇଥିବା ସଫେଇ କାର୍ଯ୍ୟ ସମ୍ପର୍କରେ ତର୍ଜମା କରାଯାଇଥିଲା। ଅକ୍ଟୋବର ୧୫ରେ ପ୍ରଥମ ପର୍ଯ୍ୟାୟରେ ଘରୋଇ କମ୍ପାନୀଗୁଡିକୁ ଦିଆଯାଇଥିବା ୩ଟି ୱାର୍ଡର ସଫେଇ କାର୍ଯ୍ୟର ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ କମିଶନର ପରାମର୍ଶ ଦେଇଥିଲେ। ଏଥିସହ ସାନିଟାରୀ ଇନ୍ସପେକ୍ଟର(ଏସ୍‌ଆଇ)ମାନଙ୍କୁ ଠିକ୍ ଭାବେ କାର୍ଯ୍ୟର ତଦାରଖ କରିବା ପାଇଁ ତାଗିଦ୍ କରିଥିଲେ। ବିଶେଷକରି ସଫେଇ, ଡ୍ରେନ୍-ଡିସିଲ୍ଟିଂ, ମ୍ୟାନ୍ ପାୱାର ଓ ଭେହିକିଲ ଏନ୍‌ଗେଜମେଣ୍ଟ କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରିବାକୁ ସତର୍କ କରାଯାଇଥିଲା। ଏତଦ୍ ବ୍ୟତୀତ ଘରୋଇ କମ୍ପାନୀ କାର୍ଯ୍ୟ ପରିଚାଳନା ସଂକ୍ରାନ୍ତରେ ତାଲିମ୍ ବ୍ୟବସ୍ଥା କରାଯିବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ସଞ୍ଜୀବିତା ରାୟ, ପରିମଳ ପରିଚାଳନା ବିଶେଷଜ୍ଞମାନଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ଗରୁଡ଼ସ୍ତମ୍ଭ ଚତୁଃପାର୍ଶ୍ୱ ରୁପା ଛାଉଣି ହେବ

ପୁରୀ ଅଫିସ,୧୯।୧୧

**ଶ୍ରଦ୍ଧାଳୁଙ୍କ ସ୍ପର୍ଶରେ ଦୁର୍ବଳ ହେଉଥିବା ଆଶଙ୍କା**

ମହାପ୍ରଭୁଙ୍କ ଦର୍ଶନ ବେଳେ ଗରୁଡ଼ ସ୍ତମ୍ଭକୁ ଛୁଇଁଲେ ପାପ କ୍ଷୟ ସହ ପୁଣ୍ୟ ମିଳିବାର ବିଶ୍ୱାସ ରହିଛି। ଏଥିଯୋଗୁ ପ୍ରତିଦିନ ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁମାନେ ଲାଇନ୍‌ରେ ଅପେକ୍ଷା କରି ନାଟମଣ୍ଡପ ପରିସରରେ ଥିବା ଗରୁଡ଼ ସ୍ତମ୍ଭକୁ ସ୍ପର୍ଶ କରି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ହେଲେ ଦୀର୍ଘବର୍ଷର ଏହି ଗରୁଡ଼ ସ୍ତମ୍ଭ ଶ୍ରଦ୍ଧାଳୁଙ୍କ ଛୁଇଁବା ଦ୍ୱାରା ଦୁର୍ବଳ ହେଉଥିବା ନେଇ ଆଶଙ୍କା କରାଯାଉଛି। ଫଳରେ ଗରୁଡ଼ ସ୍ତମ୍ଭକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚିନ୍ତା କରିଛି। ତେଣୁ ଗରୁଡ଼ ସ୍ତମ୍ଭର ଚତୁଃପାର୍ଶ୍ୱରେ ରୁପା ଛାଉଣି କରିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଚିଠି ଲେଖାଯାଇଛି, ଯାହାକୁ ନେଇ ଏବେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରୁପା ଛାଉଣି ହେଲେ ପ୍ରତ୍ୟକ୍ଷ ସ୍ପର୍ଶରୁ ଭକ୍ତ ବଞ୍ଚିତ ହେବା ନେଇ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଅନ୍ୟପଟେ ଏଏସ୍‌ଆଇ ତରଫରୁ ଗରୁଡ଼ସ୍ତମ୍ଭ ବିପଦ ଥିବା ନେଇ କୌଣସି ରିପୋର୍ଟ ନ ଥିବା କୁହାଯାଉଥିବା ବେଳେ କେଉଁ ଆଧାରରେ ଗରୁଡସ୍ତମ୍ଭକୁ ରୁପା ଛାଉଣି ପ୍ରସଙ୍ଗ ଉଠିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ଗରୁଡ ସ୍ତମ୍ଭକୁ ରୁପାଛାଉଣି କରିବାକୁ ଯୋଜନା କରୁଛି। ଏଥିପାଇଁ ପ୍ରାୟ ୧କୋଟି ୩୦ ଲକ୍ଷର ଖର୍ଚ୍ଚ ଆକଳନ ହୋଇଛି। ଏ ନେଇ ଗତ ୧୪ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ଆଗରେ ଅନୁମୋଦନ ପାଇଁ ପ୍ରସ୍ତାବ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଅନୁମତି ମିଳିଲେ ଗରୁଡ଼ ସ୍ତମ୍ଭର ଚତୁଃପାର୍ଶ୍ୱକୁ ଏସ୍‌ଏସ୍ ଷ୍ଟିଲ୍ ଫ୍ରେମ୍ ଦ୍ୱାରା ଆଚ୍ଛାଦିତ କରାଯିବ। ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଭିରିଙ୍ଗି କମର୍ସିଆଲ୍ ପ୍ରାଃ ଲିଃ ଦ୍ୱାରା ଏହି ରୁପା କାର୍ଯ୍ୟ କରାଯିବ। ପଶ୍ଚିମବଙ୍ଗର ଜଣେ ଭକ୍ତ ଏହି ଅର୍ଥ ଦାନ କରିବାକୁ ସହମତି ଦେଇଛନ୍ତି। ଅନ୍ୟପଟେ ପ୍ରଶାସନର ଏପରି ଏକପାଖିଆ ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯାଇଛି। ତେବେ ଗରୁଡ଼ସମ୍ପତି ପ୍ରକୃତରେ ପ୍ରଥମେ କେଉଁଥିରେ ତିଆରି ତାହାକୁ ଅଧ୍ୟୟନ ଓ ଗବେଷଣା କରାଯିବା ସହ ଭକ୍ତଙ୍କ ଭାବାବେଗକୁ ଗୁରୁତ୍ୱ ଦିଆଯାଉ ବୋଲି ଶ୍ରୀମନ୍ଦିର ସେବାୟତ ମତବ୍ୟକ୍ତ କରିଛନ୍ତି।

# ମେଢ଼ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ମଙ୍ଗୁଳି/ଜଗତପୁର ୧୯।୧୧(ଡ଼ି.ଏନ.ଏ)

ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ଓ ଶାଳଗାଁ ଗ୍ରାମର ୨୦ଟି କାର୍ତ୍ତିକେଶ୍ୱର ମେଢ଼ ଶୁକ୍ରବାର ଅପରାହ୍ନରେ ମେଲଣ ପଡ଼ିଆରୁ ଭସାଣି ଶୋଭାଯାତ୍ରାରେ ବାହାରି ମଧ୍ୟରାତିରେ ଶାଳଗାଁ ହାଟୁଆ ପୋଖରୀରେ ବିସର୍ଜନ କରାଯାଇଛି। ଏହି ଭସାଣି ଉତ୍ସବ ଅବସରରେ ଯୁବ ସାମାଜିକ କର୍ମୀ ଇଂ. ପ୍ରଦୀପ କୁମାର ବେହେରାଙ୍କ ପକ୍ଷରୁ ସମସ୍ତ ମେଢ଼ଗୁଡିକୁ ବ୍ରାହ୍ମଣସେନା ଛକ ନିକଟରେ ପୂଜାର୍ଚ୍ଚନା କରାଯାଇ ସମସ୍ତ ମେଢ଼ର ସଭାପତି, ସମ୍ପାଦକଙ୍କ ସମେତ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ସ୍ୱାଇଁ, ସୁରେନ ବେହେରା, ପିତାମ୍ବର ମହାଳି, ଏସ.କେ ସାଜିଦ, ପିଙ୍କୁ ବେହେରା, ମନୋଜ କୁମାର ବେହେରା, ଅଶାନ୍ତ ବେହେରା, ଦିଲ୍ଲୀପ ବେହେରା, ଜୟନ୍ତ ବେହେରା, ବିଷ୍ଣୁ ଚରଣ ନାୟକ, ଇଂ. ଆଶୀର୍ବାଦ କାନୁନଗୋ ପ୍ରମୁଖ ସାମିଲ ଥିଲେ। ପରେ ଗ୍ରାମ୍ୟ କମିଟିଗୁଡିକ ତରଫରୁ ସାମାଜିକ କର୍ମୀ ପ୍ରଦୀପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜୟଙ୍କୁ ସମ୍ବାଦପତ୍ର ବିକ୍ରେତା ସଂଘର ଜନ୍ମଦିନ ଶୁଭେଚ୍ଛା



କଟକ ଅଫିସ, ୧୯।୧୧

ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀଙ୍କ ୭୫ତମ ଜନ୍ମଦିନ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତାମାନେ ପଢିହାରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ ଓ ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଲେଜର ଲାଇଟ୍ ଶୋ' ବ୍ୟୟ ନେଇ ମିଳୁନି ତଥ୍ୟ

କଟକ ଅଫିସ,୧୯।୧୧

**ପ୍ରଶାସନ ଆଳରେ ସିଏମ୍‌ସି ଗଳାବାଟରେ ଖସିଯାଉଛି**

ବାଲିଯାତ୍ରା ଶେଷ ହେବା ପରେ ବିବାଦ ମୁଣ୍ଡ ଟେକିଛି। ବାଲିଯାତ୍ରାରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗ କରି ଏହାକୁ ଅଡିଟ କରିବା ପାଇଁ ମଧ୍ୟ ଦାବି ଉଠିଛି। ବାଲିଯାତ୍ରା ଆୟୋଜନରେ ଜିଲା ପ୍ରଶାସନ ସହ କଟକ ମହାନଗର ନିଗମ (ସିଏମସି)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଜିଲା ପ୍ରଶାସନ ଆଳରେ ସିଏମସି ଗଳାବାଟରେ ଖସିଯାଉଥିବା ଅଭିଯୋଗ ଉଠାଇଛନ୍ତି ବିରୋଧି କର୍ପୋରେଟର। ଲେଜର ଲାଇଟ ଶୋ'ଠାରୁ ଆରମ୍ଭ କରି ଡଙ୍ଗା ତିଆରି ପର୍ଯ୍ୟନ୍ତ ବହୁ କୋଟି ଟଙ୍କା ଖର୍ଚ୍ଚ କରିଛି ସିଏମ୍‌ସି। ପ୍ରକୃତରେ କେତେ ଖର୍ଚ୍ଚ ହୋଇଛି ସେ ନେଇ କର୍ପୋରେଟରଙ୍କୁ ଅନ୍ଧାରରେ ରଖାଯାଉଥିବା ଅଭିଯୋଗ ହୋଇଛି।

ନଭେମ୍ବର ୧ରୁ ୧୬ ପର୍ଯ୍ୟନ୍ତ ମହାନଦୀରେ ଲାଇଟ୍ ଶୋ' ଆୟୋଜନ ହୋଇଥିଲା। ଏ ବାବଦକୁ ବହୁ କୋଟି ଟଙ୍କା ବ୍ୟୟ କରାଯାଇଥିବା କୁହାଯାଉଛି। ମହାନଦୀ ଜଳରାଶିରେ ଲେଜର ଲାଇଟ୍ ଶୋ' କରିବାକୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଜଳରାଶି ଭିତରେ ଏକ ହାଇପାୱାର ଫାଉଣ୍ଟେନ୍ କରାଯାଇ ୫ ମିନିଟ୍ ବ୍ୟବଧାନରେ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଶୋ' କରାଯାଇଥିଲା। ଏଥିପାଇଁ ମୁମ୍ବାଇ ଓ ଦିଲୀରୁ ଯନ୍ତ୍ରାଂଶ ଅଣାଯାଇଥିଲା। ବାଲିଯାତ୍ରାରେ ପ୍ରଥମ ଥର ପାଇଁ ଏହି ଲେଜର ଲାଇଟ୍ ଶୋ'କୁ ଦର୍ଶକମାନେ ଦେଖିଥିଲେ। ତେବେ ବାଲିଯାତ୍ରାରେ ବ୍ୟାପକ ହେରଫେର ହୋଇଥିବା ନେଇ ସ୍ପେଶାଲ ଅଡିଟ୍ କରିବାକୁ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଶୁକ୍ରବାର ଦାବି ଉଠାଇବା ପରେ ଏବେ ସିଏମ୍‌ସିର ବିରୋଧୀ କର୍ପୋରେଟରମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଭାଜପା କର୍ପୋରେଟର ଗଗନ ଓଝା କହଛନ୍ତି, ବାଲିଯାତ୍ରାରେ ନିଗମ କେଉଁ ବାବଦକୁ କେତେ ଟଙ୍କା ବ୍ୟୟ କରିଛି ତା'ର ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଉ। ଡଙ୍ଗା ତିଆରି ପ୍ରଶିକ୍ଷଣ କରାଗଲା, କିନ୍ତୁ ଷ୍ଟାଡିୟମରେ କର୍ପୋରେଟରଙ୍କୁ ସାମିଲ କରାଗଲା ନାହିଁ। ଏହା କର୍ତ୍ତୃପକ୍ଷଙ୍କ ମନମୁଖୀ ଶାସନକୁ ସ୍ପଷ୍ଟ କରୁଛି ବୋଲି ଓଝା କହିଛନ୍ତି। ସେହିଭଳି କର୍ପୋରେଟର ଦୀପକ ଦାସ କହିଛନ୍ତି, ପ୍ରକୃତ ଘଟଣା ସାମ୍ନାକୁ ଆସିବା ଦରକାର। ଶାସକ ଦଳ ସଂଖ୍ୟାଗରିଷ୍ଠ ଥିବାରୁ ଏକଛତ୍ରବାଦ ଶାସନ କରୁଛନ୍ତି। ବାସ୍ତବରେ କେତ ଖର୍ଚ୍ଚ ହୋଇଛି ତାହା ସ୍ପଷ୍ଟ ଭାବରେ କାହାକୁ ଜଣାଯାଇ ନାହିଁ। ଆଡ଼ମ୍ବରପୂର୍ଣ୍ଣ କରିବାକୁ ଯାଇ ସବୁ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ସିଏମ୍‌ସି କମିଶନରଙ୍କ ମତାମତ ମିଳି ପାରି ନଥିବା ବେଳେ ମେୟରମତାମତ ଦେବାକୁ ସ୍ପଷ୍ଟ ମନା କରିଦେଇଥିଲେ। ସେ କହିଥିଲେ ବାଲିଯାତ୍ରା ଶେଷ ହେବାର ଗୋଟିଏ ଦିନ ନ ପୂରୁଣୁ ରିପୋର୍ଟ ପ୍ରସ୍ତୁତ ହୋଇପାରିବ ନାହିଁ। ପ୍ରଶାସନିକ ଅଧିକାରୀ ଏହାର ରିପୋର୍ଟ ଦେବେ।